# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-44 ♦FRIDAY ♦7 AUGUST 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୪୪ ♦ଶୁକ୍ରବାର ♦୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ମେସିଙ୍କ ଡବଲ ଗୋଲ୍

▶ ଖେଳ ପୃଷ୍ଠା ଦେଖନ୍ତୁ...

# ତରୁଣ ତେଜପାଲଙ୍କୁ ୧୦ ବର୍ଷ ଜେଲ୍

ଦୁଷ୍କର୍ମ ମାମଲା



■ ପାଣାଜୀ, ୬।୮ (ଏଜେନ୍ସି): ୨୦୧୩ ମସିହାର ବହୁଚର୍ଚ୍ଚିତ ଯୌନ ନିର୍ଯାତନା ମାମଲାରେ 'ତେହେଲକା'ର ପ୍ରତିଷ୍ଠାତା ତରୁଣ ତେଜପାଲଙ୍କୁ ବମ୍ବେ ହାଇକୋର୍ଟ ଆଜି ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ୨୦୨୧ ମସିହାରେ ନିମ୍ନ ଅଦାଲତ ଦେଇଥିବା 'ନିର୍ଦ୍ଦୋଷରେ ଖଲାସ' ରାୟକୁ ରଦ୍ଦ କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇବା ସହ ତେଜପାଲଙ୍କୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଗୋଆ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଡକ୍ଟର ନୀଳା ଗୋଖଲେ ଏବଂ ଅମିତ ଜାମସନ୍ଦେକରଙ୍କୁ ନେଇ ଗଠିତ ଖଣ୍ଡପୀଠ ତେଜପାଲଙ୍କୁ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । କ୍ଷମତା ଓ ବିଶ୍ୱାସର ଅପବ୍ୟବହାର କରି ଦୁଷ୍କର୍ମ କରିବା (ଧାରା ୩୭୬(୨)(ଫ)) ଏବଂ ଅନ୍ୟାନ୍ୟ ଯୌନ ନିର୍ଯାତନା ଧାରାରେ ତାଙ୍କୁ ୧୦ ବର୍ଷର କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କାର ଜରିମାନା ଆଦାୟ ପାଇଁ ଆଦେଶ ଦିଆଯାଇଛି । ସମସ୍ତ ସଜା ଏକ ସମୟରେ ଚାଲିବାକୁ ଥିବାରୁ ତେଜପାଲଙ୍କୁ ମୋଟ ୧୦ ବର୍ଷ ଜେଲରେ ବିତାଇବାକୁ ପଡ଼ିବ ।

ଏହି ମାମଲା ୨୦୧୩ ମସିହା ନଭେମ୍ବର ମାସର । ଗୋଆର ଏକ ପଞ୍ଚତାରକା ହୋଟେଲରେ 'ତେହେଲକା' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ତେଜପାଲ ଲିଫ୍ଟ ଭିତରେ ନିଜର ଜଣେ ସହକର୍ମୀ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା । ▶ପୃଷ୍ଠା-୭

# ଆଶାରାମଙ୍କୁ ଜାମିନ୍ ଦେଲେନି ସୁପ୍ରିମକୋର୍ଟ



■ ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଶାରାମଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଆଜି ଖାରଜ କରିଦେଇଛନ୍ତି । ତେବେ ଡାକ୍ତରୀ ରିପୋର୍ଟ ଆଧାରରେ ଜେଲ୍ ଭିତରେ ତାଙ୍କର ଯତ୍ନ ନେବାପାଇଁ ୨୪ ଘଣ୍ଟିଆ ପ୍ରଶିକ୍ଷିତ କେୟାରଟେକର ରଖିବାକୁ ଅଦାଲତ ଅନୁମତି ଦେଇଛନ୍ତି । ବିଚାରପତି ଏମଏମ ସୁନ୍ଦରେଶ ଏବଂ ବିଚାରପତି ପିବି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ର ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟକୁ ଆଧାର କରି ଏହି ଆଦେଶ ଦେଇଛନ୍ତି । ଏମ୍ସ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଆଶାରାମଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ, ମାତ୍ର ଚିକିତ୍ସା ସହାୟତାର ଆବଶ୍ୟକତା ରହିଛି । ୨୦୧୩ ମସିହାରେ ଯୋଧପୁର ଆଶ୍ରମରେ ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଆଶାରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା । ରାଜସ୍ଥାନ ହାଇକୋର୍ଟ ଏହି ଦଣ୍ଡାଦେଶକୁ କାୟମ ରଖିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଜାମିନ ମାଗିଥିଲେ । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଭବିଷ୍ୟତରେ ଆଶାରାମଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଏ, ତେବେ ସେ ପୁଣି ଥରେ ଜାମିନ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ।

# ଚାନ୍ଦିପୁରରୁ ଅଗ୍ନି-୪ର ସଫଳ ପରୀକ୍ଷା

■ ବାଲେଶ୍ୱର, ୬।୮ (ସମିସ): ଭାରତ ନିଜର ସାମରିକ କ୍ଷମତାକୁ ଆହୁରି ସୁଦୃଢ଼ କରି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି-୪'ର ସଫଳ ପରୀକ୍ଷା କରିଛି । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରୁ ଷ୍ଟ୍ରାଟେଜିକ୍ ଫୋର୍ସସ୍ କମାଣ୍ଡ

## ଲକ୍ଷ୍ୟଭେଦ କ୍ଷମତା ୩,୦୦୦ କିମିରୁ ଅଧିକ

ତତ୍ତ୍ୱାବଧାନରେ ଏହି ପରୀକ୍ଷା କରାଯାଇଛି । କ୍ଷେପଣାସ୍ତ୍ରଟି ସମସ୍ତ ପ୍ରମୁଖ ପ୍ରଯୁକ୍ତିଗତ ଓ କାର୍ଯ୍ୟକ୍ଷମତା ମାନଦଣ୍ଡରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଜାରି କରିଛି । 'ଅଗ୍ନି-୪' ହେଉଛି ଭାରତର ଏକ ଆଧୁନିକ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦୦ କିଲୋମିଟରରୁ ଅଧିକ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ର ଅନୁସାରେ 'ଅଗ୍ନି-୪'ରେ ପଞ୍ଚମ ପିଢ଼ିର ଅନ୍‌ବୋର୍ଡ କମ୍ପ୍ୟୁଟର, ଅତ୍ୟାଧୁନିକ ଏଭିଓନିକ୍ସ ସିଷ୍ଟମ୍ ଏବଂ ସ୍ୱୟଂଚାଳିତ ଉଡ଼ାଣ ନିୟନ୍ତ୍ରଣ ବ୍ୟବସ୍ଥା ସଂଯୋଜନ କରାଯାଇଛି । ଉଡ଼ାଣ ସମୟରେ କୌଣସି ବାଧା କିମ୍ବା ବିଚ୍ୟୁତି ଦେଖାଦେଲେ କ୍ଷେପଣାସ୍ତ୍ରଟି ନିଜେ ତାହାକୁ ଚିହ୍ନଟ କରି ମାର୍ଗ ସଂଶୋଧନ କରିପାରିବ । ଏହି ବୈଶିଷ୍ଟ୍ୟ ଏହାକୁ



ଭାରତର ସବୁଠାରୁ ବିଶ୍ୱସନୀୟ ରଣନୈତିକ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି । ଏଥିରେ ରିଙ୍ଗ୍ ଲେଜର ଜାଇରୋ ଆଧାରିତ ଇନର୍ସିଆଲ୍ ନାଭିଗେସନ୍ ସିଷ୍ଟମ୍ ଏବଂ ମାଇକ୍ରୋ ନାଭିଗେସନ୍ ସିଷ୍ଟମ୍ ବ୍ୟବହାର କରାଯାଇଛି । 'ଅଗ୍ନି-୪'ର ଆଉ ଏକ ବିଶେଷ ଦିଗ ହେଉଛି ଏହାର ରି-ଏଣ୍ଟ୍ରି ହିଟ୍ ସିଲ୍ଡ । ଲକ୍ଷ୍ୟ ଅଞ୍ଚଳକୁ ପୁନଃ ପ୍ରବେଶ ସମୟରେ କ୍ଷେପଣାସ୍ତ୍ରର ▶ପୃଷ୍ଠା-୭

## ସୀମା ନିର୍ଦ୍ଧାରଣ ସାଙ୍ଗକୁ ଏଫ୍‌ସିଆର୍‌ଏ ବିଲ୍

# ଅକଳରେ କେନ୍ଦ୍ର ସରକାର

■ ନୂଆଦିଲ୍ଲୀ, ୬।୮ (ଏଜେନ୍ସି): କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ବର୍ବରତା ଏବଂ ରାମ ମନ୍ଦିର ଚାନ୍ଦା ।ାଚୋରି ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀ ଦଳ ହଟ୍ଟଗୋଳ ଅବ୍ୟାହତ ରଖିଥିବା ବେଳେ ସରକାର ।ାପ୍ରଶ୍ନପତ୍ର ଲିକ୍, ବନ୍ଦେ ମାତରମ ଏବଂ ସୁପ୍ରିମ କୋର୍ଟରେ ବିଚାରପତି ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଇ ।ାନେଇଛନ୍ତି । ଏହାସହିତ ସରକାର ଆଉ ଦୁଇଟି ବିଲ୍ ପାସ୍ କରାଇବାକୁ ମଧ୍ୟ ଉଦ୍ୟମ ଚଳାଇଛନ୍ତି । ଏହି ଦୁଇଟି ବିଲ ହେଲା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ-ମହିଳା ଆରକ୍ଷଣ ବିଲ୍ ଏବଂ ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ (ଏଫ୍‌ସିଆରଏ) ୨୦୨୬ । ଯେଉଁ ଦଳ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ସପକ୍ଷରେ ଅଛନ୍ତି ସେମାନେ ଏଫ୍‌ସିଆରଏ ବିଲକୁ ଦୃଢ଼ ବିରୋଧ କରୁଛନ୍ତି । ଏପରିକି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାର ଦୃଢ଼ ବିରୋଧ କରୁଛନ୍ତି । ଏହାକୁ ନେଇ କେନ୍ଦ୍ର ସରକାର ଅକଳରେ ପଡ଼ିଯାଇଛନ୍ତି । ଏଥିରୁ ଉଦ୍ଧାର ପାଇବା ଲାଗି ସରକାର ବିରୋଧୀ ଦଳର ନେତାମାନଙ୍କୁ ଭେଟି ବିଚାର ଆଲୋଚନା ଚଳାଇଛନ୍ତି ।

ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ଏହାକୁ ଅନୁମୋଦନ କରିବାକୁ ହେ ।ାଲେ ଦୁଇ ତୃତୀୟାଂଶ



ସାଂସଦଙ୍କ ସମର୍ଥନ ଦରକାର । ସରକାର ପାଖରେ ଏହି ସଂଖ୍ୟା ନଥିବାରୁ ଡିଏମକେ ନେତା ଷ୍ଟାଲିନ ଏବଂ ଏନସିପି-ଶରଦ ମୁଖ୍ୟ ଶରଦ ପାୱାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି । କେବଳ ଏତିକି ନୁହେଁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏସଂପର୍କରେ ଗତ ଦୁଇ ଦିନରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଦୁଇ ଥର ଭେଟି ଆଲୋଚନା କଲେଣି । କିନ୍ତୁ ସେ ସମର୍ଥନ ଦେବାକୁ ରୋକଠୋକ ଭାବେ ମନା କରିଦେଇଛନ୍ତି । ତେବେ ପରିବର୍ତ୍ତିତ ରାଜନୈତିକ ସମୀକରଣ ପରିପ୍ରେକ୍ଷୀରେ ଡିଏମକେ ଏବଂ ଏନସିପି-ଶରଦର ସାଂସଦଙ୍କ ସମର୍ଥନ

- ■ ରାହୁଲଙ୍କୁ ପୁଣି ଭେଟିଲେ ରିଜିଜୁ
- ■ ଷ୍ଟାଲିନ, ଶରଦଙ୍କୁ ମନାଇବାକୁ ପ୍ରୟାସ
- ■ ଅସନ୍ତୋଷ ଜଣାଇଲା ଟିଡ଼ିପି

ମିଳିଲେ ସରକାର ଏହାର ଅନୁମୋଦନ କରାଇନେବେ । ତେ ।ାବେ ଏଥିରେ ଯେଉଁ ପ୍ରସଙ୍ଗଟି କଣ୍ଟା ସାଜିଛି ତାହାହେଲା ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ । ବିଦେଶୀ ଅନୁଦାନରେ ପରିଚାଳିତ ଖ୍ରୀଷ୍ଟିୟାନ ଏବଂ ଅନ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ଅନୁଷ୍ଠାନ ଉପରେ ଅଙ୍କୁଶ ଲଗାଇବା ଲାଗି ଉଦ୍ଦିଷ୍ଟ ଏହି ବିଲରେ ସରକାର ଏଭଳି ବ୍ୟବସ୍ଥା ରଖିଛନ୍ତି, ଯାହାଦ୍ୱାରା ଏହିସବୁ ଅନୁଷ୍ଠାନ ବନ୍ଦ ହୋଇଯିବ । ଏମିତି ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲାଭ ପାଉଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେବେ । ଏହି ବିଲକୁ ନେଇ ବିଭିନ୍ନ ସଂଖ୍ୟାଲଘୁ ଅନୁଷ୍ଠାନ କ୍ଷୁବ୍ଧ ହୋଇଥିବା ବେଳେ ଅନେକ ରାଜନୈତିକ ଦଳ ସେମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହାନ୍ତି ନାହିଁ । ତେଣୁ ଏହି ବିଲ୍ ପାଇଁ ସରକାର ଜିଦ୍ ଧରିଲେ ସେମାନେ ସୀମା ନିର୍ଦ୍ଧାରଣ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି । କେବଳ ଡିଏମକେ ନୁହେଁ, ଟିଡ଼ିପି ଭଳି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାକୁ ବିରୋଧ କରୁଛନ୍ତି ।

ବୈଦେଶିକ ଅନୁଦାନ ନିୟନ୍ତ୍ରଣ ▶ପୃଷ୍ଠା-୭

# ବିକ୍ରି ହେଲା ଏଲ୍‌ଆଇସି ଅଂଶଧନ

■ ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ବିକ୍ରି ହୋଇଛି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଅଂଶଧନ । ଅଫର ଫର୍ ସେଲ୍ (ଓଏଫ୍‌ଏସ୍) ଜରିଆରେ ବୀମା କମ୍ପାନୀର ୬.୫% ଅଂଶଧନ ବିକ୍ରି କରିଛନ୍ତି କେନ୍ଦ୍ର ସରକାର । ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ଏଲ୍‌ଆଇସିରେ ସରକାରଙ୍କର ୯୬.୫% ଅଂଶଧନ ରହିଥିଲା, ଯେତେବେଳେ କି ସର୍ବସାଧାରଣଙ୍କର କେବଳ




୩.୫% ଅଂଶଧନ ଥିଲା । ଓଏଫ୍‌ଏସ୍‌ରେ ୩୧,୫୫୨ କୋଟି ଟଙ୍କା ମୂଲ୍ୟର ମୋଟ ୮୨ କୋଟିରୁ ଅଧିକ ସେୟାର ଆବଣ୍ଟିତ କରାଯାଇଥିଲା । ତେବେ ଏଲ୍‌ଆଇସିରେ ଥିବା ସରକାରଙ୍କ ଅଂଶଧନକୁ ବଡ଼ ରିଆତି ମୂଲ୍ୟରେ ବିକ୍ରି କରାଯାଇଥିବା ଜଣାପଡିଛି । ବିକ୍ରି ପାଇଁ ସରକାର ଆଣିଥିବା ଏହି ଅଫର ଫର୍ ସେଲ୍‌କୁ ବମ୍ପର ସବସ୍କ୍ରିପସନ ମିଳିଛି । ହେଲେ ଅଂଶଧନ ବିକ୍ରି ପରେ ଏଲ୍‌ଆଇସିର ସେୟାର ମୂଲ୍ୟରେ ୯% ହ୍ରାସ ଘଟିଛି । ଅଫର ଫର୍ ସେଲ୍‌ରେ ଏଲ୍‌ଆଇସିର ସେୟାର ପିଛା ମୂଲ୍ୟ ୩୮୨ ଟଙ୍କା ଧାର୍ଯ୍ୟ କରାଯାଇଥିଲା, ଯେତେବେଳେ କି ଓଏଫ୍‌ଏସ୍ ଘୋଷଣା ପୂର୍ବରୁ ଏହାର ସେୟାର ପିଛା ମୂଲ୍ୟ ୪୨୮.୫୦ ଟଙ୍କା ରହିଥିଲା । ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ, ସରକାର

- ■ ୧୦.୯% କମ୍ ମୂଲ୍ୟରେ ବିକ୍ରି
- ■ ସର୍ବସାଧାରଣଙ୍କ ମାଲିକାନା ୧୦%କୁ ବୃଦ୍ଧି
- ■ ଖସିଲା ସେୟାର ମୂଲ୍ୟ

ଏଲ୍‌ଆଇସିର ଅଂଶଧନକୁ ୧୦.୯% କମ୍ ମୂଲ୍ୟରେ ବିକ୍ରି କରିଛନ୍ତି । ଏହି ସେଲ୍ ଜରିଆରେ ସରକାରଙ୍କୁ ୩୧,୫୫୨ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ମିଳିଛି । ଏଲ୍‌ଆଇସି ଅଂଶଧନ ବିକ୍ରି ପାଇଁ ପ୍ରସ୍ତାବିତ ଓଏଫ୍‌ଏସ୍ ଦୁଇ ଦିନ ମଧ୍ୟରେ ସମାପ୍ତ ହୋଇଛି । ପ୍ରାରମ୍ଭରେ କମ୍ପାନୀର ୨.୫% ଅଂଶଧନ ବ୍ରିକି ଯୋଜନା ରଖାଯାଇଥିବାବେଳେ ପରେ ଏହାକୁ ୬.୫% ଯାଏ ବୃଦ୍ଧି କରାଯାଇଛି । ସୂଚନାଯୋଗ୍ୟ ଯେ, ଶେଷ ପର୍ଯ୍ୟନ୍ତ ସରକାର ଏଲ୍‌ଆଇସିରୁ କେତେକ ପ୍ରତିଶତ ଅଂଶଧନ ବିକ୍ରି ▶ପୃଷ୍ଠା-୭

# ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟସାରା ବର୍ଷା

■ ଭୁବନେଶ୍ୱର, ୬।୮ (ସମିସ): ଉତ୍ତର ବଙ୍ଗୋପସାଗର ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ବୁଧବାର ରାତିଠାରୁ ବର୍ଷାର ପ୍ରଭାବ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱରରେ ରାତିସାରା ବର୍ଷା ହୋଇଛି । ଏହା ପ୍ରଭାବରେ ଗୁରୁବାର ଭୁବନେଶ୍ୱରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଭୁବନେଶ୍ୱରରେ ସର୍ବାଧିକ ୧୧୭ ମିମି ବର୍ଷା ରେକର୍ଡ ହୋଇଛି । ବାଲେଶ୍ୱର ୫୦, କଟକ ୫୪, ଚାନ୍ଦବାଲି ୪୧, ପୁରୀ ୩୦, ଅନୁଗୁଳ ୩୫, ସମ୍ବଲପୁର ୪୬, ସୁନ୍ଦରଗଡ଼ ୨୪, ନୟାଗଡ଼ ୩୬, ଯାଜପୁର ୫୨ କେନ୍ଦ୍ରାପଡ଼ାରେ ୪୨ ଓ ଖୋରଧାରେ ୪୦ ମିମି ବର୍ଷା ରେକର୍ଡ ହୋଇଛି । ଏହି ସ୍ଥିତି ଶୁକ୍ରବାର ମଧ୍ୟ ଜାରି ରହିବ । ମୟୂରଭଞ୍ଜରେ ସବୁଠୁ ଅଧିକ ବର୍ଷା ହେବା ଆଶଙ୍କା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଚେତାବନୀ ଜାରି କରିଛି ।

# ୨୦୨୪-୨୫ରେ ଆଞ୍ଚଳିକ ରାଜନୈତିକ ଦଳଙ୍କୁ ମିଳିଛି ୧୦୫୧ କୋଟି ଚାନ୍ଦା

■ ଭୁବନେଶ୍ୱର, ୬।୮ (ସମିସ): ୨୦୨୪-୨୫ରେ ଦେଶର ବିଭିନ୍ନ ଆଞ୍ଚଳିକ ରାଜନୈତିକ ଦଳମାନଙ୍କୁ ମିଳିଛି ୧,୦୫୧.୫୫ କୋଟି ଚାନ୍ଦା । ନିର୍ବାଚନ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ୨୦୨୩-୨୦୨୪ରୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ ପ୍ରକାଶିତ ରିପୋର୍ଟରେ ଏନେଇ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି ।

ପ୍ରକାଶିତ ରିପୋର୍ଟ ଅନୁଯାୟୀ ୪୦ଟି ଆଞ୍ଚଳିକ ଦଳ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ୨୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଯେଉଁ ଦାନ ଘୋଷଣା କରିଛନ୍ତି, ସେଥିରୁ ୮୭୨.୫୩୮ କୋଟି ଟଙ୍କା ଅର୍ଥାତ୍ ୬୨.୩୬ ପ୍ରତିଶତ ଅର୍ଥ କର୍ପୋରେଟ୍ ସଂସ୍ଥାମାନଙ୍କଠାରୁ ଆସିଛି । ସେହିପରି ବ୍ୟକ୍ତିଗତ ଦାତାମାନେ ମାତ୍ର ୧୯୩.୯୪୬ କୋଟି ଟଙ୍କା (୧୩.୮୬ ପ୍ରତିଶତ) ପ୍ରଦାନ କରିଛନ୍ତି ।

ରିପୋର୍ଟରେ ନିର୍ବାଚନ ଆୟୋଗ ନିକଟରେ ଦାଖଲ କରାଯାଇଥିବା ୬୭ଟି ଆଞ୍ଚଳିକ ଦଳ ମଧ୍ୟରୁ ୪୦ଟି ଦଳର ତଥ୍ୟକୁ ବିଶ୍ଳେଷଣ କରାଯାଇଛି । ଏଥିରେ ୨୦ ହଜାର ଟଙ୍କାରୁ ଅଧିକ ଦାନ, ଦାତାଙ୍କ ପ୍ରୋଫାଇଲ୍, କେଉଁ କ୍ଷେତ୍ରରୁ ଅର୍ଥ ଆସିଛି, ଦାନର ପଦ୍ଧତି, ରାଜ୍ୟଭିତ୍ତିକ ବଣ୍ଟନ ଏବଂ ପ୍ୟାନ୍ ନମ୍ବର ଉପଲବ୍ଧତା ଭଳି ବିଭିନ୍ନ ଦିଗକୁ ଖତିଆନ କରାଯାଇଛି ।

ADR
Association for Democratic Reforms

## ଡିଏମକେକୁ ସର୍ବାଧିକ ୩୬୫.୭୮ କୋଟି, ତୃଣମୂଳକୁ ୧୮୪ କୋଟି

୨୦୨୪-୨୫ ଆର୍ଥିକ ବର୍ଷରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସର୍ବାଧିକ ଦାନ ପାଇଥିବା ଆଞ୍ଚଳିକ ଦଳ ହୋଇଛି । ଡିଏମକେ ୪୬୭ଟି ଦାନ ମାଧ୍ୟମରେ ୩୬୫.୭୮୪ କୋଟି ଟଙ୍କା ସଂଗ୍ରହ କରିଛି । ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଏଆଇଟିସି) ୧୮୪.୯୬ କୋଟି ଟଙ୍କା ଦାନ ପାଇଛି । ତୃତୀୟ ସ୍ଥାନରେ ୱାଇଏସ୍‌ଆର୍ କଂଗ୍ରେସ ୧୪୦ କୋଟି ଟଙ୍କା ପାଇଥିବା ବେଳେ ତେଲୁଗୁ ଦେଶମ୍ ପାର୍ଟି (ଟିଡ଼ିପି) ୮୩ କୋଟି ଟଙ୍କା ସହ ଚତୁର୍ଥ ସ୍ଥାନରେ ରହିଛି । ସେହିପରି ଶୀର୍ଷ ୧୦ଟି ▶ପୃଷ୍ଠା-୭

## ଜନ୍ମମାଟିରେ ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

# ସେବା ଓ ପ୍ରତିବଦ୍ଧତା ପାଇଁ ସୁଶାନ୍ତ ସ୍ମରଣୀୟ ହୋଇରହିବେ: ନବୀନ

■ ସୋହେଲା, ୬।୮ (ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଦ୍ୱାଦଶାହ ଅବସରରେ ସୋହେଲା ନିକଟସ୍ଥ ହଳଦିପାଲି ପଡ଼ିଆରେ ଗୁରୁବାର ଏକ ରାଜ୍ୟସ୍ତରୀୟ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରରୁ ହଜାର ହଜାର ନେତା, କର୍ମୀ ଓ ସୁଶାନ୍ତ ସିଂଙ୍କ ଅନୁଗାମୀ ଯୋଗଦେଇ ତାଙ୍କ ପ୍ରିୟ ନେତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସୁବ୍ରତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରିଛନ୍ତି ।

ନବୀନ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ କହିଥିଲେ ଯେ, ସାଧାରଣ ଜୀବନ ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇଥାଏ । ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବା ହିଁ ଜଣେ ସଫଳ ଜନପ୍ରତିନିଧିଙ୍କ ପରିଚୟ । ସ୍ୱର୍ଗତ ସୁଶାନ୍ତ ସିଂ ଦୃଢ଼ ନେତୃତ୍ୱ, ସାଙ୍ଗଠନିକ ଦକ୍ଷତା, ସରଳ ଜୀବନ,






- ■ ଦଳର ବହୁ ବରିଷ୍ଠ ନେତା ଓ ବିଭିନ୍ନ ଜିଲ୍ଲାରୁ ହଜାର ହଜାର କର୍ମୀଙ୍କ ଯୋଗଦାନ
- ■ ସମ୍ବଲପୁରୀ ଭାଷାରେ ଶ୍ରଦ୍ଧାସୁମନ ଅର୍ପଣ କଲେ ଦଳୀୟ ନେତ୍ରୀ ସୁଜାତା ରାଉତ
- ■ ରକ୍ତଦାନ ଶିବିରରେ ୪୧୪ ୟୁନିଟ୍ ରକ୍ତ ସଂଗ୍ରହ, ସ୍ମୃତି ପୁସ୍ତିକା ଉନ୍ମୋଚିତ

ସମର୍ପିତ ସେବା ଓ ଲୋକଙ୍କ ପ୍ରତି ଅବିଚଳ ପ୍ରତିବଦ୍ଧତା ପାଇଁ ସବୁବେଳେ ସ୍ମରଣୀୟ ରହିବେ । ତୃଣମୂଳ ସ୍ତରରେ ତାଙ୍କର ଦୃଢ଼ ସମ୍ପର୍କ ବିଜୁ ଜନତା ଦଳକୁ ସୁଦୃଢ଼ କରିଥିଲା । ବିଧାୟକ ଓ ମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟଦକ୍ଷତା ଉଚ୍ଚକୋଟୀର ଥିଲା । ତାଙ୍କର ଅମାୟିକ ବ୍ୟବହାର ଯୋଗୁଁ ସେ ସର୍ବସ୍ତରରେ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ତାଙ୍କର ଅକାଳ ବିୟୋଗ ବିଜୁ ଜନତା ଦଳ ତଥା ସମଗ୍ର ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଉଲ୍ଲେଖ କରି ସୁଶାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ନବୀନ ।

ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଜେଡି ନେତ୍ରୀ ସୁଜାତା ରାଉତ ସମ୍ବଲପୁରୀ ଭାଷାରେ ସୁଶାନ୍ତଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କହିଥିଲେ ଯେ ସୁଶାନ୍ତ ସିଂ କେବଳ ଜଣେ ରାଜନେତା ନ ଥିଲେ; ସେ ଏହି ମାଟିର ଗର୍ବ ଏବଂ ସାଧାରଣ ଲୋକଙ୍କର ପ୍ରକୃତ ବନ୍ଧୁ ଥିଲେ । ତାଙ୍କ ଘରର ଦ୍ୱାର ସର୍ବଦା ସାଧାରଣ ଲୋକଙ୍କ ପାଇଁ ଖୋଲା ରହୁଥିଲା । ଦିନ ହେଉ କି ରାତି, ଯେ କେହି ତାଙ୍କ ପାଖକୁ ଆସୁଥିଲେ, ସେ କେବେ ନିରାଶ ହୋଇ ଫେରୁନଥିଲେ । ତାଙ୍କର ଦୂରଦର୍ଶିତା, ପରିଶ୍ରମ ଓ ଲୋକସେବା ମନୋଭାବ ତାଙ୍କୁ ସମସ୍ତଙ୍କ ▶ପୃଷ୍ଠା-୭

# ଦେଶରେ ୩୨ ଜାଲ୍ ବିଶ୍ୱବିଦ୍ୟାଳୟ, କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରର ନିର୍ଦ୍ଦେଶ

■ ଭୁବନେଶ୍ୱର ୬/୮ (ସମିସ): ଦେଶର ବିଭିନ୍ନ ରାଜ୍ୟରେ ଚାଲୁଥିବା ୩୨ଟି ଜାଲ ବିଶ୍ୱବିଦ୍ୟାଳୟକୁ ଚିହ୍ନଟ କରିଛି ୟୁଜିସି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମ ୧୯୫୬ର ଉଲ୍ଲଂଘନ କରି ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ନିଜକୁ 'ବିଶ୍ୱବିଦ୍ୟାଳୟ' ବୋଲି ପରିଚୟ ଦେଉଥିବା ସହ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରୁଥିବା ଅଭିଯୋଗ ରହିଛି । ଏହି ସଂସ୍ଥାଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ଭ୍ରମିତ କରି ଉଚ୍ଚଶିକ୍ଷା ନାମରେ ଠକେଇ କରୁଥିବାରୁ ସେମାନଙ୍କ ବିରୋଧରେ ତୁରନ୍ତ ଏଫ୍‌ଆଇଆର୍ ରୁଜୁ କରିବା ଓ ସଂସ୍ଥା ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ୟୁଜିସି ଅନୁରୋଧ କରିଛି । ବିଡ଼ମ୍ବନା ହେଉଛି ଦେଶର ରାଜଧାନୀ ଦିଲ୍ଲୀରେ ୟୁଜିସିର ମୁଖ୍ୟାଳୟ ଥିବାବେଳେ ସର୍ବାଧିକ ଜାଲ ବିଶ୍ୱ ବିଦ୍ୟାଳୟ ଦିଲ୍ଲୀରୁ ହିଁ ପରିଚାଳିତ ହେଉଛି ।

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ ଓ ପ୍ରମୁଖ ସଚିବମାନଙ୍କୁ ପୃଥକ ପତ୍ର ଲେଖି ଏହି ସଂସ୍ଥାଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ, ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଏବଂ ଭବିଷ୍ୟତରେ ଏଭଳି ଠକେଇକୁ ରୋକିବାକୁ କହିଛନ୍ତି । 'ବିଶ୍ୱବିଦ୍ୟାଳୟ' ଶବ୍ଦର ଦୁରୁପଯୋଗ କରି ଡିଗ୍ରି ପ୍ରଦାନ କରିବା ଆଇନସମ୍ମତ ନୁହେଁ ବୋଲି ମଧ୍ୟ ସରକାର ସ୍ପଷ୍ଟ କରିଛନ୍ତି । ମାତ୍ର କୌତୂହଳର ବିଷୟ ହେଉଛି ୟୁଜିସି ତାଲିକାରେ ନକଲି ଘୋଷିତ ୩୨ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ କେବଳ ଦିଲ୍ଲୀରେ ଅଛି ୧୨ଟି ଶିକ୍ଷାନୁଷ୍ଠାନ । ସେହିପରି ଉତ୍ତର ପ୍ରଦେଶରେ ୪ଟି, କେରଳ, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ ଓ ପୁଡୁଚେରୀରେ ୨ଟି ଲେଖାଏଁ, ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକ, ରାଜସ୍ଥାନ, ଝାଡ଼ଖଣ୍ଡ ଓ ଅରୁଣାଚଳ ପ୍ରଦେଶରେ ଗୋଟିଏ ଲେଖାଏଁ ନକଲି ବିଶ୍ୱବିଦ୍ୟାଳୟ ରହିଥିବା ୟୁଜିସି ସୂଚନା ଦେଇଛି । ଏହି ନକଲି ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ଡିଗ୍ରି କିମ୍ବା ▶ପୃଷ୍ଠା-୭

## ଏବର୍ଷ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ପାଇଁ ୭୪.୫ କୋଟି ଖର୍ଚ୍ଚ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଦେଶିକ ଗସ୍ତ ପାଇଁ ସରକାର ପ୍ରାୟ ୭୪.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ରାଜ୍ୟସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର



ଦେଇ ଏହି ସୂଚନା ଦିଆଯାଇଛି। ସାଂସଦ ସଞ୍ଜୟ ସିଂହ ଏବଂ ଡକ୍ଟର ଭି ଶିବଦାସନଙ୍କ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର କେନ୍ଦ୍ର ପ୍ରତିମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାସହ ଏପ୍ରିଲ ୨୦୨୧ ରୁ ଡିସେମ୍ବର ୨୦୨୫ ମଧ୍ୟରେ ଭାରତକୁ ୩୮୧.୮ ବିଲିୟନ୍ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ଆସିଥିବା ସରକାର ସଂସଦକୁ ଜଣାଇଛନ୍ତି। ତୁଳନାତ୍ମକ ସୂଚନା ଦେଇ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଶାସନ କାଳରେ ୨୦୧୧ ଆମେରିକା ଗସ୍ତ ପାଇଁ ୧୦.୭୪ କୋଟି ଟଙ୍କା ଏବଂ ୨୦୧୩ ଋଷ ଗସ୍ତ ପାଇଁ ୯.୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଦେଶିକ ଗସ୍ତ ଦ୍ୱାରା ଅନ୍ତର୍ଜାତୀୟ ସମ୍ପର୍କ ସୁଦୃଢ଼ ହେବା ସହ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଛି। ବୈଦେଶିକ ଗସ୍ତଗୁଡ଼ିକ ମାଧ୍ୟମରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ରଗୁଡ଼ିକ ଦେଶରେ ନିବେଶ ଓ ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସରକାର ପ୍ରକାଶ କରିଛନ୍ତି।

## ବାଂଲାଦେଶରେ ଅଗଷ୍ଟ ୨୦ରେ ରାଷ୍ଟ୍ରପତି ନିର୍ବାଚନ

ଢାକା, ୬।୮ (ଏଜେନ୍ସି): ବାଂଲାଦେଶରେ ଆସନ୍ତାଅଗଷ୍ଟ ୨୦ ତାରିଖରେ ନୂଆ ରାଷ୍ଟ୍ରପତି ଚୟନ ପାଇଁ ଭୋଟ ହେବ। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦତ୍ୟାଗ କରିବା ପରେ ନିର୍ବାଚନ ଆୟୋଗ ଏହି ସୂଚୀ ଘୋଷଣା କରିଛି। ନାମାଙ୍କନପତ୍ର ଦାଖଲ ଅଗଷ୍ଟ ୧୩, ଯାଞ୍ଚ ଅଗଷ୍ଟ ୧୬ ଏବଂ ପ୍ରାର୍ଥିତ୍ୱ ପ୍ରତ୍ୟାହାରର ଶେଷ ତାରିଖଅଗଷ୍ଟ ୧୮ ରହିଛି। ସଂସଦ ଭବନରେ ଦିନ୨ଟାରୁ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ଶାହାବୁଦ୍ଦିନ ୨୦୨୩ ଏପ୍ରିଲରେ ପାଞ୍ଚ ବର୍ଷ ପାଇଁ ରାଷ୍ଟ୍ରପତି ହୋଇଥିଲେ। ବର୍ତ୍ତମାନ ସଂସଦ ବାଚସ୍ପତି ହାଫିଜ ଉଦ୍ଦିନ ଆହମେଦ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି। ଏହି ନିର୍ବାଚନ ସହ ବାଂଲାଦେଶରେ ନୂଆ ରାଷ୍ଟ୍ରପତି ଚୟନର ସାମ୍ବିଧାନିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ।

## ଉତ୍ତର କୋରିଆର ପୁଣି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ

ସିଓଲ୍, ୬।୮ (ଏଜେନ୍ସି): ଉତ୍ତର କୋରିଆ ଗୁରୁବାର ନିଜର ପୂର୍ବ ଉପକୂଳ ସମୁଦ୍ର ଆଡ଼କୁ ଏକ ଅଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଶର୍ଟ ରେଞ୍ଜ ବାଲାଷ୍ଟିକ ମିସାଇଲ) ନିକ୍ଷେପ କରିଛି। ଦକ୍ଷିଣ କୋରିଆ ସେନା ପକ୍ଷରୁ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ନେଇ ସୂଚନା ଦିଆଯାଇଛି। ଉତ୍ତର କୋରିଆ ଦ୍ୱାରା ନିରନ୍ତର କରାଯାଉଥିବା ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଶୃଙ୍ଖଳାରେ ଏହା ଅନ୍ୟତମ। ଦକ୍ଷିଣ କୋରିଆର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ଅନୁସାରେ, ଉତ୍ତର କୋରିଆର ପୂର୍ବ ଉପକୂଳ ସହର ୱନ୍‌ସାନ୍‌ରୁ ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଏହି କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ଏହି ପରୀକ୍ଷଣକୁ ନିଶ୍ଚିତ କରିବା ସହ ଜାପାନୀ ସୀମା ଭିତରେ କୌଣସି କ୍ଷତି ହୋଇନଥିବା ପ୍ରକାଶ କରିଛି। ଏହି ଘଟଣା ପରେ ଦକ୍ଷିଣ କୋରିଆ, ଆମେରିକା ଏବଂ ଜାପାନ ମିଳିତ ଭାବେ ନଜର ରଖିଛନ୍ତି। ଉତ୍ତର କୋରିଆର ଶାସକ କିମ୍ ଜୋଙ୍ଗ୍ ଉନ୍ ନିଜର ଆଣବିକ ଓ କ୍ଷେପଣାସ୍ତ୍ର କ୍ଷମତାକୁ ନିରନ୍ତର ବୃଦ୍ଧି କରିବାରେ ଲାଗିଛନ୍ତି। ନିକଟରେ ସେ ନୌସେନା ସାମର୍ଥ୍ୟ ବୃଦ୍ଧି ପାଇଁ ଆଣବିକ ଶକ୍ତିଚାଳିତ ଜାହାଜ ଓ ଜଳପଥରୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ରର ପରୀକ୍ଷଣ କରିଥିଲେ। ଏହାସହ ଋଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଉତ୍ତର କୋରିଆ ଓ ଋଷ ମଧ୍ୟରେ ସାମରିକ ସମ୍ପର୍କ ମଧ୍ୟ ସୁଦୃଢ଼ ହେବାରେ ଲାଗିଛି। ଏହି ନୂତନ କ୍ଷେପଣାସ୍ତ୍ର ପରୀକ୍ଷଣ ଫଳରେ କୋରିଆ ଦ୍ୱୀପପୁଞ୍ଜ ଅଞ୍ଚଳରେ ପୁଣି ଥରେ ସାମରିକ ଉତ୍ତେଜନା ବୃଦ୍ଧି ପାଇଛି।

## ଋଷିଆ ତୈଳ ପ୍ରତିଷ୍ଠାନରେ ୟୁକ୍ରେନ୍‌ର ଜୋରଦାର୍ ଆକ୍ରମଣ

କିଭ୍, ୬।୮ (ଏଜେନ୍ସି): ୟୁକ୍ରେନ ସେନା ଋଷ ଭିତରେ ପଶି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତୈଳ ବିଶୋଧନାଗାର ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଋଷର ସାମରିକ ଅର୍ଥନୀତିକୁ ଦୁର୍ବଳ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ନେଇ ୟୁକ୍ରେନ୍ ରାଷ୍ଟ୍ରପତି



ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ସୀମାରୁ ପ୍ରାୟ ୧, ୩୦୦ କିଲୋମିଟର ଦୂର ବାଶକୋର୍ଟସ୍ତାନ ଏବଂ ୭୦୦ କିଲୋମିଟର ଦୂର ୟାରୋସ୍ଲାଭଲ୍ ଅଞ୍ଚଳରେ ଥିବା ବିଶୋଧନାଗାରଗୁଡ଼ିକୁ ୟୁକ୍ରେନ ସେନା ସଫଳତାର ସହ ନିଶାଣ କରିଛି। ଏହାସହ କୃଷ୍ଣସାଗରରେ ଋଷର ଦୁଇଟି ନୌସେନା ପାଟ୍ରୋଲ୍ ବୋଟ୍ ଏବଂ ତୈଳ ରପ୍ତାନି ପାଇଁ ବ୍ୟବହୃତ ବୋଟ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଛି। ଅନ୍ୟପଟେ ଋଷିଆ ଦାବି କରିଛି ଯେ ସେମାନଙ୍କ ଆକାଶ ସୁରକ୍ଷା ବାହିନୀ ୬୦୫ଟି ୟୁକ୍ରେନ ଡ୍ରୋନ ଖସାଇ ଦେଇଛି। ସେହିପରି ଋଷ ପକ୍ଷରୁ କରାଯାଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନର ୩ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ବାୟୁସେନା ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେଉଥିବାରୁ ଜେଲେନ୍‌ସ୍କି ନାଟୋ ଏବଂ ସହଯୋଗୀ ଦେଶଗୁଡ଼ିକୁ ତୁରନ୍ତ ନୂତନ କ୍ଷେପଣାସ୍ତ୍ର ଯୋଗାଇଦେବାକୁ ନିବେଦନ କରିଛନ୍ତି। ୟୁକ୍ରେନର ଏହି ନିରନ୍ତର ଗଭୀର ଆକ୍ରମଣ ଫଳରେ ଋଷରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଅଧିକ ଭୟାନକ ରୂପ ନେଉଥିବାରୁ ଆନ୍ତର୍ଜାତୀୟ ସ୍ତରରେ ଚିନ୍ତା ବୃଦ୍ଧି ପାଇଛି।

## ବ୍ରିଟେନ୍ ସୈନ୍ୟ ତାଲିମ କେନ୍ଦ୍ରରେ ଯୌନ ନିର୍ଯାତନା




ଲଣ୍ଡନ, ୬।୮ (ଏଜେନ୍ସି): ବ୍ରିଟେନ୍‌ର ପ୍ରମୁଖ ସୈନ୍ୟ ପ୍ରଶିକ୍ଷଣ କେନ୍ଦ୍ର 'ଆର୍ମି ଫାଉଣ୍ଡେସନ୍ କଲେଜ' (ଏଏଫ୍‌ସି) ରେ ମହିଳା କ୍ୟାଡେଟ୍‌ମାନଙ୍କ ପ୍ରତି ଯୌନ ନିର୍ଯାତନା, ସାମୂହିକ ଦୁଷ୍କର୍ମ ଏବଂ ନିର୍ଯାତନାର ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ୧୭ ବର୍ଷ ବୟସରେ ନାମ ଲେଖାଇଥିବା ଏକାଧିକ ପୂର୍ବତନ ମହିଳା କ୍ୟାଡେଟ୍ ଏହି ସଂସ୍ଥାରେ ମହିଳା ବିରୋଧୀ ମାନସିକତା ଏବଂ ଗୁରୁତର ସୁରକ୍ଷା ତ୍ରୁଟି ନେଇ ଜଣାଶୁଣା ବ୍ରିଟିଶ୍ ଗଣମାଧ୍ୟମ ବିବିସି ଆଗରେ ପ୍ରକାଶ କରିଛନ୍ତି। ନର୍ଥ ୟର୍କସାୟାରସ୍ଥିତ ଏହି ଏକାଡେମୀରେ ପଢ଼ୁଥିବା ଅନ୍ତତଃ ୪ ଜଣ ମହିଳା କହିଛନ୍ତି ଯେ, ସେଠାରେ ଥିବା ପୁରୁଷ ସହକର୍ମୀ ଓ କର୍ମଚାରୀମାନେ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଜଣେ ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ କେତେକ ପୁରୁଷ ସୈନିକ ବହୁ ଘଣ୍ଟା ଧରି ସାମୂହିକ ଦୁଷ୍କର୍ମ କରିଥିଲେ। ଅନ୍ୟ କ୍ୟାଡେଟ୍‌ମାନେ ଅଶ୍ଳୀଳ ମନ୍ତବ୍ୟ, ରୁମ୍‌ରେ ବନ୍ଦ କରି ଯୌନ ନିର୍ଯାତନା ଏବଂ ପ୍ରଶିକ୍ଷକମାନଙ୍କ ଅସଦାଚରଣର ଶିକାର ହୋଇଥିବା ପ୍ରକାଶ କରିଛନ୍ତି। ତଥ୍ୟ ଅନୁସାରେ, ୨୦୧୮ ରୁ ୨୦୨୫ ମଧ୍ୟରେ ଏହି କଲେଜରେ ୧୭୬ଟି ଯୌନ ଅସଦାଚରଣ ଅଭିଯୋଗ ଦାଖଲ ହୋଇଛି, ଯାହା ମଧ୍ୟରୁ ୩୨ଟି ଅଭିଯୋଗ ସ୍ଥାୟୀ କର୍ମଚାରୀଙ୍କ ବିରୋଧରେ ରହିଛି। ଗତ କିଛି ବର୍ଷ ମଧ୍ୟରେ କେତେକ ପ୍ରଶିକ୍ଷକ ଶାରୀରିକ ଓ ଯୌନ ହିଂସା ମାମଲାରେ ସାମରିକ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛନ୍ତି। ବ୍ରିଟିଶ୍ ସେନା ପକ୍ଷରୁ ଏହି ଘଟଣାକୁ ଅତ୍ୟନ୍ତ ଚିନ୍ତାଜନକ ଓ ଗମ୍ଭୀର ବୋଲି କୁହାଯାଇଛି। ସେନାରେ ଏପରି ଅପରାଧିକ କାର୍ଯ୍ୟକଳାପକୁ ଆଦୌ ଗ୍ରହଣ କରାଯିବ ନାହିଁ ଏବଂ ପୀଡ଼ିତାମାନଙ୍କୁ ନ୍ୟାୟ ଦେବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଓ ତଦନ୍ତ ସଂସ୍ଥା ଜରିଆରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କାନାଡ଼ାରେ କାୟା ମେଲାଉଛି ବିଷ୍ଣୋଇ ଗ୍ୟାଙ୍ଗ୍

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଲରେନ୍ସ ବିଷ୍ଣଇ ଗ୍ୟାଙ୍ଗ୍ କାନାଡ଼ାରେ ନିଜର ଅପରାଧିକ ନେଟୱାର୍କ ବିସ୍ତାର କରିବା ପାଇଁ ଭାରତୀୟ ଛାତ୍ର ଭିସା ଏବଂ ୱାର୍କ ପରମିଟ୍‌ର ଅପବ୍ୟବହାର କରୁଥିବା ନେଇ ଏକ ସମ୍ବେଦନଶୀଳ ତଥ୍ୟ ସାମ୍ନାକୁ ଆସିଛି। କାନାଡ଼ା ବୋର୍ଡର ସର୍ଭିସେସ୍ ଏଜେନ୍ସି (ସିବିଏସ୍‌ଏ) ର ଏକ ଗୁପ୍ତ ସୂଚନା ରିପୋର୍ଟକୁ ଆଧାର କରି ଏହି ବାସ୍ତବତା ପ୍ରକାଶ ପାଇଛି। 'ଦି ବିଷ୍ଣୋଇ ଗ୍ୟାଙ୍ଗ୍: ଆନ୍ ଏମର୍ଜିଂ ଥ୍ରେଟ ଇନ୍ କାନାଡ଼ା' ଶୀର୍ଷକ ଏହି ରିପୋର୍ଟ ଅନୁସାରେ, ଭାରତରୁ ପଢ଼ିବା ପାଇଁ କାନାଡ଼ା ଯାଉଥିବା ଯୁବକମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଇ ଗ୍ୟାଙ୍ଗ୍‌ରେ ସାମିଲ କରାଯାଉଛି। ଏହି ଯୁବକମାନଙ୍କୁ ଚାନ୍ଦା ଆଦାୟ, ଗୁଳିକାଣ୍ଡ, ହତ୍ୟା ଏବଂ ସଂଗଠିତ ଅପରାଧ ପରି ବେଆଇନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ରିପୋର୍ଟ ଅନୁସାରେ, ୨୦୧୯ ରୁ ୨୦୨୩ ମଧ୍ୟରେ ପ୍ରାୟ ୪, ୦୦୦ ଭାରତୀୟ ଛାତ୍ରଙ୍କ ବିରୋଧରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି, ଯାହା ମଧ୍ୟରୁ ହିଂସାତ୍ମକ ଅପରାଧର ସଂଖ୍ୟା ଅଧିକ। ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ସଦସ୍ୟ ଗୋଲ୍ଡି ବ୍ରାର୍ ୨୦୧୭ରେ ଛାତ୍ର ଭିସାରେ କାନାଡ଼ା ଯାଇ ଏହି ନେଟୱାର୍କ ପ୍ରସ୍ତୁତ କରିଥିଲା। ପ୍ରଥମେ କେବଳ ଖାଲିସ୍ତାନ ସମର୍ଥକ କିମ୍ବା ପଞ୍ଜାବୀ

**ଭାରତୀୟ ଛାତ୍ରଙ୍କୁ ବ୍ୟବହାର କରି ଚାଲିଛି ଅପରାଧ**



ବ୍ୟବସାୟୀଙ୍କୁ ଲକ୍ଷ୍ୟ କରାଯାଉଥିବା ବେଳେ, ଏବେ ଅନ୍ୟ ଭାରତୀୟବଂଶୋଦ୍ଭବ ବ୍ୟବସାୟୀଙ୍କଠାରୁ ମଧ୍ୟ ହ୍ୱାଟ୍ସଆପ୍ ମାଧ୍ୟମରେ ଧମକ ଦେଇ ମୋଟା ଅଙ୍କର ଟଙ୍କା ଅସୁଲ କରାଯାଉଛି। ଅର୍ଥାଭାବ ଓ ଅନ୍ୟାନ୍ୟ ପ୍ରଲୋଭନରେ ପଡ଼ି କାନାଡ଼ାରେ ପଢୁଥିବା ଭାରତୀୟ ଛାତ୍ରମାନେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଶିକାର ହେଉଛନ୍ତି। ଏହି ରିପୋର୍ଟ ପରେ କାନାଡ଼ା ସୁରକ୍ଷା ଏଜେନ୍ସି ଏବଂ ସୀମା ଶୁଳ୍କ ଅଧିକାରୀମାନେ ନିଜର ସତର୍କତା ଓ ତଦନ୍ତ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିଛନ୍ତି।

# ତୀବ୍ର ହେଉଛି ରାଷ୍ଟ୍ରପତି-ମୁଜତବା ମତଭେଦ

ତେହେରାନ, ୬।୮ (ଏଜେନ୍ସି): ଇରାନର ଶୀର୍ଷ ନେତୃତ୍ୱ ମଧ୍ୟରେ ମତଭେଦ ଚାଲିଥିବା ଖବର ମଧ୍ୟରେ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଦେଶର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସହ ଯୋଗାଯୋଗ କରିବା 'ଅତ୍ୟନ୍ତ କଠିନ' ହୋଇପଡ଼ିଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ଆହତ ହୋଇଥିବା ୫୬ ବର୍ଷୀୟ ଏହି ଧର୍ମଗୁରୁ, ନିଜ ପିତା ଆୟାତୋଲ୍ଲା ଆଲି ଖାମେନେଇଙ୍କ ମୃତ୍ୟୁ ପରେ ସର୍ବୋଚ୍ଚ ନେତା ପଦ ଗ୍ରହଣ କରିବା ପରଠାରୁ ସାର୍ବଜନୀନ ଭାବେ ସାମ୍ନାକୁ ଆସିନାହାନ୍ତି। ପେଜେସ୍କିଆନ କହିଛନ୍ତି ଯେ, ସର୍ବୋଚ୍ଚ ନେତା ପ୍ରତ୍ୟକ୍ଷ ଭାବେ ସାମ୍ନାକୁ ଆସୁନଥିଲେ ମଧ୍ୟ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ବର୍ତ୍ତମାନ ତାଙ୍କ ସହ ଯୋଗାଯୋଗ କରିବା



କଷ୍ଟକର, କିନ୍ତୁ ତାଙ୍କର ଉପସ୍ଥିତି ଆମ ପାଇଁ ଏକ ବଡ଼ ଶକ୍ତି' ବୋଲି ସେ ପ୍ରକାଶ କରିଛନ୍ତି। ଏହାସହ, ସେ ନିଜ ନେତାଙ୍କ ସମର୍ଥନ କରି କହିଛନ୍ତି ଯେ ସେମାନଙ୍କ ମଧ୍ୟରେ ହୋଇଥିବା ବୈଠକଗୁଡ଼ିକ ଅତ୍ୟନ୍ତ ସଫଳ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। କେତେକ ଦୁଷ୍ଟ ଶକ୍ତି ତାଙ୍କର ଭୁଲ ଚିତ୍ର ପରିପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଖବର ଅନୁସାରେ, ଖାମେନେଇ ଏବଂ ରାଷ୍ଟ୍ରପତି ପେଜେସ୍କିଆନଙ୍କ ମଧ୍ୟରେ ଗମ୍ଭୀର ମତଭେଦ ଦେଖାଦେଇଛି। ସର୍ବୋଚ୍ଚ ନେତା ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ (ଆଇଆରଜିସି) କମାଣ୍ଡର ଅହମଦ ବାହିଦୀଙ୍କୁ ସାମରିକ ଓ କୂଟନୈତିକ ନିଷ୍ପତ୍ତିରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଅନ୍ୟପଟେ, ଜାତୀୟ ସୁରକ୍ଷା ଓ ବିଦେଶ ନୀତି ନିଷ୍ପତ୍ତିରୁ ନିଜ ସରକାରଙ୍କୁ ଦୂରେଇ ରଖାଯାଉଥିବା ଅଭିଯୋଗ କରି ରାଷ୍ଟ୍ରପତି ପେଜେସ୍କିଆନ ଗତ ମେ ମାସରେ ଇସ୍ତଫା ଦେବାକୁ ଚେଷ୍ଟା କରିଥିବା ନେଇ ଚର୍ଚ୍ଚା ହେଉଛି। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷ ଚାଲିଥିବା ସମୟରେ ଇରାନର ସର୍ବୋଚ୍ଚ ନେତା ସାର୍ବଜନୀନ ଭାବେ ଅନୁପସ୍ଥିତ ରହିବା ଏବଂ ସେନା ବାହିନୀ ସହ ରାଷ୍ଟ୍ରପତିଙ୍କ ମତଭେଦ ଖବର ସାମ୍ନାକୁ ଆସିବା ଇରାନର ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତି ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ହର୍ମୁଜ ପ୍ରଣାଳୀ ପାଇଁ ଇରାନ- ଓମାନ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ

ଦୁବାଇ, ୬।୮ (ଏଜେନ୍ସି): ଆଞ୍ଚଳିକ ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନ, ଓମାନ ସହିତ ହର୍ମୁଜ ପ୍ରଣାଳୀ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ଦାବି କରିଛି। ଏହି ପ୍ରଣାଳୀ ବିଶ୍ୱର ବାଣିଜ୍ୟ ଏବଂ ଶକ୍ତି ଯୋଗାଣ (ତୈଳ ଓ ଗ୍ୟାସ୍) ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଓ ପ୍ରମୁଖ ଜଳପଥ ଅଟେ। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଇଲ୍ ବାଘାଇ କହିଛନ୍ତି ଯେ ଓମାନ ସହ ଏହି ଚୁକ୍ତିନାମାର ଚିଠା ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆମେରିକା ପକ୍ଷରୁ କୌଣସି ପ୍ରତିବନ୍ଧକ ନ ଆସିଲେ ଏକ ମିଳିତ ବିବୃତି ଜାରି କରାଯିବ। ଅନ୍ୟପଟେ, ଲେବାନନ୍‌ରେ ଜାରି ରହିଥିବା ସଂଘର୍ଷରେ ଇସ୍ରାଏଲ୍‌ର ଦୁଇଜଣ ସୈନିକ ନିହତ ହୋଇଥିବା ବେଳେ ଯୁଦ୍ଧ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଏହା ବ୍ୟତୀତ ସୁଦାନରେ ଚାଲିଥିବା ଗୃହଯୁଦ୍ଧ ଯୋଗୁଁ ଖାର୍ତୁମଠାରୁ ୨୦୦ କିଲୋମିଟର ଦୂରରେ ଥିବା ୟୁନେସ୍କୋ ବିଶ୍ୱ ହେରିଟେଜ୍ ସାଇଟ୍ 'ମେରୋ ପିରାମିଡ୍' ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ପ୍ରାଚୀନ କୁଶ୍ ସାମ୍ରାଜ୍ୟର ଏହି ୨୦୦ରୁ ଅଧିକ ପିରାମିଡ୍‌ର ସଂରକ୍ଷଣ କାର୍ଯ୍ୟ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଏହା କ୍ଷତିଗ୍ରସ୍ତ ହେବାର ଭୟ ଦେଖାଦେଇଛି। ହର୍ମୁଜ ପ୍ରଣାଳୀ ଚୁକ୍ତିନାମା ଆମେରିକାର ବାଣିଜ୍ୟିକ କଟକଣା କୋହଳ କରିବା ଉପରେ ନିର୍ଭର କରୁଥିବା ବେଳେ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଚାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ଯୋଗାଣ ଏବଂ ଐତିହାସିକ ସମ୍ପଦ ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି।

## ନ୍ୟୁୟର୍କରେ ୪ ସନ୍ତାନଙ୍କୁ ହତ୍ୟା ପରେ ମା', ଜେଜେ ମା'ଙ୍କ ଆତ୍ମହତ୍ୟା

ନ୍ୟୁୟର୍କ, ୬।୮ (ଏଜେନ୍ସି): ଆମେରିକାର ନ୍ୟୁୟର୍କ ସହରରେ ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜର ମା'ଙ୍କ ସହ ମିଶି ୪ ଜଣ ନିରୀହ ସନ୍ତାନଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଘଟଣା ଘଟାଇବା ପୂର୍ବରୁ ମହିଳା



ଜଣକ ନିଜ ପୂର୍ବତନ ସ୍ୱାମୀଙ୍କୁ ପିଲାମାନଙ୍କ ଦେହ ଅସୁସ୍ଥ ଥିବା ନେଇ ମିଥ୍ୟା ସନ୍ଦେଶ ପଠାଇଥିଲେ। ଆରକ୍ଷୀଙ୍କ ସୂଚନା ଅନୁସାରେ, ସାରା ମାୟର୍ସ ଓ ତାଙ୍କ ମା' ଏମି ଷ୍ଟେଡମ୍ୟାନ କିଛି ଦିନ ପୂର୍ବରୁ ଏହି ହତ୍ୟାକାଣ୍ଡ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ସେମାନେ ଔଷଧ ସଂଗ୍ରହ କରି ତିନି ଜଣ ପିଲାଙ୍କୁ ବିଷ ଦେଇ ଏବଂ ଜଣଙ୍କୁ ଛୁରୀରେ ଆଘାତ କରି ହତ୍ୟା କରିଥିଲେ। ପୂର୍ବରୁ କୌଣସି ସନ୍ଦେହ ନହେବା ପାଇଁ ପିଲାମାନଙ୍କ ବାପା ବ୍ରାଡି ହାରମୋନଙ୍କୁ ପିଲାଙ୍କର ବାନ୍ତି ହେଉଥିବା ବାହାନା କରି ସନ୍ଦେଶ ପଠାଯାଇଥିଲା। ଏହି ଘଟଣାରେ ୧୩, ୧୧ ଓ ୧୦ ବର୍ଷୀୟ ଜାଆଁଳା ପିଲାଙ୍କ ସମେତ ମୋଟ ୬ ଜଣଙ୍କର ମୃତ୍ୟୁ ଘଟିଛି। ପୂର୍ବପ୍ରସ୍ତୁତ ଯୋଜନା ଅନୁସାରେ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ଆରକ୍ଷୀ ତଦନ୍ତରୁ ସ୍ପଷ୍ଟ କରିଛନ୍ତି।

## ପାକିସ୍ତାନର ଦୁଇଟି ରାଜ୍ୟରେ ବ୍ୟାପୁଛି ବିଦ୍ରୋହ

ଇସଲାମାବାଦ, ୬।୮ (ଏଜେନ୍ସି): ପାକିସ୍ତାନ ନିଜର ୪ଟି ପ୍ରଦେଶ ମଧ୍ୟରୁ ୨ଟି ବଡ଼ ରାଜ୍ୟ ବେଲୁଚିସ୍ତାନ ଏବଂ ଖୈବର ପାଖତୁନଖ୍ୱା (କେପିକେ)ରେ ଗମ୍ଭୀର ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟର ସାମ୍ନା କରୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଅଞ୍ଚଳଗୁଡ଼ିକରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଏବଂ ଇସଲାମୀୟ ଆତଙ୍କବାଦୀ ସଂଗଠନଗୁଡ଼ିକର ସକ୍ରିୟତା ବୃଦ୍ଧି ପାଇଛି, ଯାହା ଦେଶର ଶାସନ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପାକିସ୍ତାନର ସବୁଠାରୁ ବଡ଼ ଭୂଖଣ୍ଡ (ପ୍ରାୟ ୪୫ ପ୍ରତିଶତ) ଧାରଣ କରିଥିବା ବେଲୁଚିସ୍ତାନରେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଏବଂ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀ ନିଜର ପ୍ରଭାବ ବୃଦ୍ଧି କରିଛନ୍ତି। କ୍ୱେଟା, ଖୁଜଦାର, ଏବଂ ମସ୍ତୁଙ୍ଗ ଭଳି ସହରଗୁଡ଼ିକରେ ପୋଲିସ ଷ୍ଟେସନ ଓ ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ ହେଉଛି। ଆଞ୍ଚଳିକ ଲୋକଙ୍କ ଅଭିଯୋଗ ଅନୁସାରେ, ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡୋର (ସିପିଇସି) ଏବଂ ଗ୍ୱାଦର ବନ୍ଦର ନିର୍ମାଣ ଯୋଗୁଁ ପ୍ରାକୃତିକ ସମ୍ପଦର ଶୋଷଣ ହେଉଛି। ଆଫଗାନିସ୍ତାନ ସୀମାନ୍ତରେ ଥିବା ଖୈବର ପାଖତୁନଖ୍ୱା ପ୍ରଦେଶରେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଅଧିକ ଶକ୍ତିଶାଳୀ ହୋଇଛି। ଆଫଗାନିସ୍ତାନରେ ତାଲିବାନ ସରକାର ଆସିବା ପରଠାରୁ ଏହି ଅଞ୍ଚଳରେ ଟିଟିପିର ସକ୍ରିୟତା ବଢ଼ିଛି ଓ ସୁରକ୍ଷା ସଙ୍କଟ ସୃଷ୍ଟି ହୋଇଛି। ଚଳିତ ବର୍ଷ ଟିଟିପି ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ୧୪୫ରୁ ଅଧିକ ଆକ୍ରମଣ କରିସାରିଛି, ଯେଉଁଥିରେ ୪୮ ଜଣ ସୈନିକ



ପ୍ରାଣ ହରାଇଛନ୍ତି। ଡୁରାଣ୍ଡ ଲାଇନ (ସୀମାରେଖା) ନିକଟରେ ଥିବା ପ୍ରାୟ ୫୦ଟି ସୈନ୍ୟ ଚୌକିକୁ କ୍ରମାଗତ ଆକ୍ରମଣ ଭୟରେ ଖାଲି କରିବାକୁ ପଡ଼ିଛି। ଆଇଏସକେପି (ଇସଲାମିକ ଷ୍ଟେଟ୍ ଖୋରାସାନ ପ୍ରଦେଶ) ଏବଂ ଟିଟିପି ମଧ୍ୟରେ ବଢ଼ୁଥିବା ସହଯୋଗ ପାକିସ୍ତାନ ସେନା ପାଇଁ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଅନ୍ୟପଟେ, ପିଓକେରେ ଗଣତାନ୍ତ୍ରିକ ଅଧିକାର ଓ ସୁଶାସନ ଦାବିରେ ପ୍ରାୟ ୪୫ ଲକ୍ଷ ନାଗରିକଙ୍କ ଆନ୍ଦୋଳନ ଜାରି ରହିଛି। ପାକିସ୍ତାନ ସରକାର ପ୍ରାୟ ୧ ଲକ୍ଷ ସୈନ୍ୟ ମୁତୟନ କରିଛ। ବେଲୁଚିସ୍ତାନ ଓ କେପିକେରେ ସଶସ୍ତ୍ର ବିଦ୍ରୋହ ଏବଂ ପିଓକେରେ ଜନଆନ୍ଦୋଳନ ଯୋଗୁଁ ପାକିସ୍ତାନ ସରକାର ଓ ସେନା ଏକ ସମୟରେ ଅନେକ ଆଭ୍ୟନ୍ତରୀଣ ସଙ୍କଟର ସାମ୍ନା କରୁଛନ୍ତି, ଯାହା ଦେଶର ସ୍ଥିରତା ପ୍ରତି ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସେପ୍ଟେମ୍ବରରୁ ସିଜେପିର 'କ୍ୟା ବୋଲ୍‌ତି ପବ୍ଲିକ୍' ଅଭିଯାନ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆସନ୍ତା ସେପ୍ଟେମ୍ବରରୁ ସାରାଦେଶରେ 'କ୍ୟା ବୋଲ୍‌ତି ପବ୍ଲିକ୍' ନାମରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଦେଶର ଯୁବବର୍ଗଙ୍କୁ ଏହି ଅଭିଯାନରେ



ସାମିଲ ହେବା ପାଇଁ ପାର୍ଟିର ସଂସ୍ଥାପକ ଅଭିଜିତ୍ ଦିପ୍‌କେ ଆହ୍ୱାନ ଦେଇଛନ୍ତି।। ଛତ୍ରପତି ସମ୍ଭାଜୀନଗରରେ ଆୟୋଜିତ ଦୁଇଦିନିଆ କୋର କମିଟି ବୈଠକ ପରେ ଦିପ୍‌କେ ଗଣମାଧ୍ୟମକୁ କହିଛନ୍ତି ଯେ ଦିଲ୍ଲୀର ଜନ୍ତର ମନ୍ତରଠାରେ ହୋଇଥିବା ବିକ୍ଷୋଭରେ କେବଳ ଛାତ୍ରଛାତ୍ରୀ ନୁହନ୍ତି, ବରଂ ବହୁ ସଂଖ୍ୟାରେ ବେକାର ଯୁବକଯୁବତୀ ମଧ୍ୟ ଭାଗ ନେଇଥିଲେ। ଦେଶରେ ବେକାରୀ ସମସ୍ୟା ଆହ୍ୱାନ ପାଲଟିଥିବାରୁ ଏହାକୁ ନେଇ ସାରା ଦେଶରେ ସିଜେପି ସଚେତନତା ଓ ବିକ୍ଷୋଭ ସୃଷ୍ଟି କରିବ। ଦିପ୍‌କେ ସ୍ପଷ୍ଟ କରିଥିଲେ ଯେ ସିଜେପି ପ୍ରତ୍ୟକ୍ଷ ରାଜନୀତି କିମ୍ବା ନିର୍ବାଚନରେ ଭାଗ ନେବ ନାହିଁ। ଭାରତକୁ ଏବେ କୌଣସି ନୂଆ ରାଜନୈତିକ ଦଳ ନୁହେଁ, ବରଂ ଏକ ଶକ୍ତିଶାଳୀ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟଙ୍କ ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଯୁବବର୍ଗଙ୍କୁ 'କାକ୍ରୋଚ୍' (ଅସରପା) ବୋଲି ସମ୍ବୋଧନ କରିବା ପରେ ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଅଭିଜିତ୍ ଏକ ବ୍ୟଙ୍ଗାତ୍ମକ ଅନଲାଇନ୍ ପ୍ରଚାର ଭାବେ 'କାକ୍ରୋଚ୍ ଜନତା ପାର୍ଟି' ଆରମ୍ଭ କରିଥିଲେ।



## କାର ଦୁର୍ଘଟଣାରେ ଗ୍ୟାଙ୍ଗଷ୍ଟର-ନେତା ଅତୀକଙ୍କ ପୁଅର ମୃତ୍ୟୁ

ଝାନ୍ସୀ, ୬।୮ (ଏଜେନ୍ସି): ଉତ୍ତର ପ୍ରଦେଶର ଝାନ୍ସୀ ଜିଲ୍ଲାରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପୂର୍ବତନ ରାଜନେତା ତଥା ଗ୍ୟାଙ୍ଗଷ୍ଟର ଅତୀକ ଅହମ୍ମଦଙ୍କ ସାନ ପୁଅ ଆବାନଙ୍କ ମୃତ୍ୟୁ ଘଟିଛି। ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବା ସମୟରେ ନିୟନ୍ତ୍ରଣ ହରାଇ ଏକ ସଡ଼କ ବିଭାଜକ (ଡିଭାଇଡର) ସହ ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି। ପୁଲିସର ସୂଚନା ଅନୁସାରେ, ଏହି ଦୁର୍ଘଟଣାରେ ଆବାନଙ୍କ ସହ ତାଙ୍କ ବନ୍ଧୁ ସୋନୁଙ୍କର ମଧ୍ୟ ପ୍ରାଣହାନି ଘଟିଛି। ଏହି ଗାଡ଼ିରେ ମୋଟ ୫ ଜଣ ଯାତ୍ରୀ ପ୍ରୟାଗରାଜରୁ ଝାନ୍ସୀ ଆଡ଼କୁ ଯାଉଥିଲେ। କାନପୁର-ଝାନ୍ସୀ ରାସ୍ତାର ପୁଞ୍ଛ ଅଞ୍ଚଳରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି, ଯାହାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଝାନ୍ସୀ ଆରକ୍ଷୀ ଅଧୀକ୍ଷକ ବିବିଜିଟିଏସ ମୂର୍ତ୍ତୀ ପ୍ରାଥମିକ ତଦନ୍ତ ଆଧାରରେ ପ୍ରକାଶ କରିଛନ୍ତି ଯେ, ଗାଡ଼ିଟି ଅତ୍ୟନ୍ତ ତୀବ୍ର ଗତିରେ ଥିବାରୁ ଏହା ଅନିୟନ୍ତ୍ରିତ ହୋଇ ଡିଭାଇଡରରେ ପିଟି ହୋଇଯାଇଥିଲା। ମୃତ ଆବାନ ହେଉଛନ୍ତି ଅତୀକ ଅହମ୍ମଦଙ୍କ ୫ ଜଣ ପୁଅଙ୍କ ମଧ୍ୟରୁ ସବୁଠାରୁ ସାନ। ପୂର୍ବରୁ ଅତୀକ ଅହମ୍ମଦଙ୍କ ଅନ୍ୟ ଜଣେ ପୁଅ ଅସଦ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ବେଳେ, ଅତୀକ ଓ ତାଙ୍କ ଭାଇଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ବର୍ତ୍ତମାନ ଏହି ନୂତନ ଦୁର୍ଘଟଣା ସହ ଅତୀକ ଅହମ୍ମଦଙ୍କ ପରିବାରର ଆଉ ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଛି।

## ଟ୍ରମ୍ପଙ୍କ ହେଲିକପ୍ଟର ନିକଟତର ହେଲା ଯାତ୍ରୀ ବିମାନ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରୀ ହେଲିକପ୍ଟର 'ମେରିନ୍ ୱାନ୍' ନିକଟ ଦେଇ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିବା ପରେ ଏକ ବଡ଼ ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଆମେରିକାର ସଂଘୀୟ ବିମାନ ଚଳାଚଳ ପ୍ରାଧିକରଣ (ଏଫ୍‌ଏଏ) ଏକ ତଦନ୍ତ ନିର୍ଦ୍ଦେଶ ଦେଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୨:୩୦ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରୁ 'ମେରିନ୍ ୱାନ୍' ଯୋଗେ ଯାଉଥିବା ବେଳେ, ନିକଟସ୍ଥ ରୋନାଲ୍ଡ ରେଗାନ୍ ୱାଶିଂଟନ୍ ଜାତୀୟ ବିମାନବନ୍ଦରରୁ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିଥିଲା। ଉଭୟ ଆକାଶମାର୍ଗରେ ମାତ୍ର ୧.୩ କିଲୋମିଟର ପରସ୍ପରର ନିକଟତର ହୋଇଯାଇଥିଲେ। ପ୍ରାଥମିକ ତଦନ୍ତ ଅନୁସାରେ, ରାଷ୍ଟ୍ରପତି କୌଣସି ପ୍ରତ୍ୟକ୍ଷ ବିପଦରେ ନଥିଲେ ମଧ୍ୟ ସୁରକ୍ଷା ନିୟମାବଳୀର ଉଲ୍ଲଂଘନ ହୋଇଛି। ସାଧାରଣତଃ 'ମେରିନ୍ ୱାନ୍' ଉଡ଼ାଣ ଭରିବା ସମୟରେ ସମ୍ପୃକ୍ତ ବିମାନବନ୍ଦରରୁ ଅନ୍ୟ ସାଧାରଣ ବିମାନର ସେବା କିଛି ସମୟ ପାଇଁ ବନ୍ଦ ରଖାଯାଇଥାଏ। ମାତ୍ର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏସିଟି) ର ତ୍ରୁଟି ହେତୁ ଏହି ନିୟମ ପାଳନ କରାଯାଇନଥିଲା। ହେଲିକପ୍ଟରର ଚାଳକ କଣ୍ଟ୍ରୋଲ ଟାୱାରକୁ ପୂର୍ବରୁ ସୂଚନା ଦେଇଥିଲେ ମଧ୍ୟ ସଠିକ୍ ଯୋଗାଯୋଗ ହୋଇପାରିନଥିଲା। ୨୦୨୫ ଜାନୁଆରୀ ୨୯ରେ ବିମାନ ଏବଂ ହେଲିକପ୍ଟର ମଧ୍ୟରେ ଧକ୍କା ହୋଇ ୬୭ ଜଣଙ୍କ ମୃତ୍ୟୁ ଘଟିବା ପରେ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ଏହି ନୂତନ ସୁରକ୍ଷା ତ୍ରୁଟି ପରେ କଣ୍ଟ୍ରୋଲ ଟାୱାରର ଅବହେଳାକୁ ନେଇ ପ୍ରାଧିକରଣ ତଦନ୍ତ ପ୍ରକ୍ରିୟା ଜୋରଦାର କରିଛି।



# ଚାଷ କ୍ଷେତରେ ଭାଇଭଉଣୀଙ୍କୁ ମାରିଲା ଭାଲୁ, ଜଣେ ଗୁରୁତର

■ ଦୁଇ ମୃତଦେହକୁ ଜଗି ରହିଲା
■ ଅଚେତ କରି ଭାଲୁକୁ ଧରିଲା ବନ ବିଭାଗ

ନବରଙ୍ଗପୁର,୬।୮ (ସମିସ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ୍ ସୀମାନ୍ତ ଛତିଶଗଡ଼ ଅନ୍ତର୍ଗତ କାଂକେର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୧୫ କିଲୋମିଟର ଦୂର ମାର୍କାଟୋଲା ଗାଁରେ ଏକ ମାଈଭାଲୁ ଆକ୍ରମଣରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଭଉଣୀ ଗୁରୁତର ହୋଇଛି। ଗୁରୁତର ଭଉଣୀକୁ ଚିକିତ୍ସା ପାଇଁ ରାୟପୁରସ୍ଥିତ ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଭାଲୁଟି ଜଙ୍ଗଲରେ ଏକ ଛୁଆ ଭାଲୁକୁ ମାରି ଦେଇଥିଲା। ଉକ୍ତ ଘଟଣା ସମ୍ପର୍କରେ ସ୍ଥାନୀୟ ବନ ବିଭାଗ ସୂଚନା ପାଇବା ପରେ ଏକ ଟିମ୍ ଛୁଆ ଭାଲୁର ମୃତଦେହକୁ ଜବତ କରିଥିଲେ। ତା ପରଦିନ ଅର୍ଥାତ ବୁଧବାର ସକାଳୁ ମାର୍କାଟୋଲା ଗାଁର ହଲାଲଖୋର ଜୁରି ଜଙ୍ଗଲ ନିକଟରେ ଥିବା ଏକ କ୍ଷେତରେ କାମ କରୁଥିବା ବେଳେ ଉକ୍ତ ମାଈ ଭାଲୁ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ତାଙ୍କ ଭଉଣୀ ଭାଇକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଦୁଇ ଭାଇଭଉଣୀଙ୍କୁ ଭାଲୁଟି ରକ୍ତାକ୍ତ କରି ଝୁଣି ଦେଇଥିଲା। ଭାଇଭଉଣୀଙ୍କ ଚିତ୍କାର ଶୁଣି ନିକଟ କ୍ଷେତରେ କାମ କରୁଥିବା ଅନ୍ୟ ଜଣେ ଭଉଣୀ ମଧ୍ୟ ସେଠାରେ ପହଞ୍ଚି ଉଭୟଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଭାଲୁ ତାଙ୍କୁ ମଧ୍ୟ ପାଲଟା ଆକ୍ରମଣ କରିଥିଲା। ଫଳରେ ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ତିନି ଭାଇଭଉଣୀଙ୍କ ଚିତ୍କାର ଶୁଣି ପାଖ କ୍ଷେତରେ କାମ କରୁଥିବା ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ, ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ଖବର ଦେବା ପରେ ବନ କର୍ମଚାରୀ ମଧ୍ୟ ପହଞ୍ଚିଥିଲେ। ବନ କର୍ମଚାରୀ ଏବଂ ଗ୍ରାମବାସୀ କୌଣସି ପ୍ରକାରେ ଆହତ ଭଉଣୀଙ୍କୁ ଉଦ୍ଧାର କରି କାଙ୍କେର ମେଡିକାଲ କଲେଜକୁ ପଠାଇଥିଲେ। ଏହା ଭିତରେ ଦୁଇ ଭାଇଭଉଣୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇ ସାରିଥିଲା। ଭାଲୁଟି ଦୁଇ ମୃତ ଶରୀରକୁ ଜମି ରହିଥିଲା। ଲୋକେ ମୃତଦେହ ପାଖରେ ପହଞ୍ଚିବା ମାତ୍ରେ ଭାଲୁଟି ଲୋକଙ୍କୁ ଗୋଡ଼ାଉ ଥିଲା। ପ୍ରାୟ ଚାରି ଘଣ୍ଟା ପରେ ରାୟପୁରରୁ ବିଶେଷଜ୍ଞ ଟିମ୍ ପହଞ୍ଚି ଟ୍ରାଙ୍କୁଲାଇଜର ସାହାଯ୍ୟରେ ଭାଲୁକୁ ଅଚେତ କରି ନିୟନ୍ତ୍ରଣ କରିଥିଲେ। ଭାଲୁକୁ ନେଇଯିବା ପରେ ଉଭୟ ଭାଇଭଉଣୀଙ୍କ ମୃତଦେହ ଜବତ ହୋଇଥିଲା। ଭାଲୁଟି ଗୋଟିଏ ପରିବାର ତିନି ଭାଇଭଉଣୀଙ୍କୁ ଆକ୍ରମଣ କରିବା ଘଟଣା ସମଗ୍ର ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

# ୩ ବ୍ଲକ୍‌ର ୩୦ ସ୍କୁଲ୍‌ରେ ଲହଡ଼ି ଭାଙ୍ଗୁଛି ବନ୍ୟାଜଳ

## ଦଶଦିନ ହେଲା ୩୦ଟି ସ୍କୁଲ ଛୁଟି; ପାଠପଢ଼ା ଠପ୍





ଭଦ୍ରକ,୬।୮ (ସମିସ): ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ହ୍ରାସ ପାଇଥିଲେ ହେଁ ଏବେ ବି ୩ଟି ବ୍ଲକ୍‌ର ୩୦ ସ୍କୁଲ (ପ୍ରାଇମେରୀ, ଅପର ପ୍ରାଇମେରୀ ଓ ହାଇସ୍କୁଲ)ରେ ଲହଡ଼ି ଭାଙ୍ଗୁଛି ବନ୍ୟାଜଳ। ଫଳରେ ଗତ ୨୮ ତାରିଖଠାରୁ ଏହି ୩୦ଟି ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ଯାହାକି ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି।

ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗତ ମାସ ୨୮ ତାରିଖରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ପରେ ଏହି ଛୁଟି ବଳବତ୍ତର ରହିଥିଲା। ତେବେ ବନ୍ୟା ସ୍ଥିତିରେ ସୁଧାର ହେବା ପରେ ସ୍କୁଲଗୁଡ଼ିକୁ ଖୋଲାଯାଇଥିଲା। ଏବେ ବି ଜିଲ୍ଲାର ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍‌ର ୩୦ଟି ସ୍କୁଲକୁ ବନ୍ୟା ଜଳବନ୍ଦି କରି ରଖିଛି। ତେଣୁ ଉକ୍ତ ୩୦ଟି ସ୍କୁଲରେ ପାଠପଢ଼ା ଠପ୍ ହୋଇଯାଇଛି। ଏହି ବ୍ଲକ୍‌ଗୁଡ଼ିକ ହେଲା- ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍। ତିହିଡ଼ି ବ୍ଲକ୍‌ର ୩ଟି ପଞ୍ଚାୟତ ଶ୍ୟାମସୁନ୍ଦରପୁର, ବାରସର ଓ କାଁପଡା ପଞ୍ଚାୟତରେ ସର୍ବାଧିକ ୧୨ଟି ସ୍କୁଲ ଏବେ ବନ୍ୟା ପାଣି ଘେରରେ ରହିଛି। ସ୍କୁଲର ବାହାରେ ଓ ଭିତରେ ବନ୍ୟା ପାଣିର ସୁଅ ଛୁଟିଛି। ଏହି ସ୍କୁଲଗୁଡ଼ିକ ମଧ୍ୟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବାଲିଘାଇ ପ୍ରାଇମେରୀ ସ୍କୁଲ, ଇଶାଣପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଗୋପାଳପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ନୂଆସାହି ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ଓ ବାଲିସାହି ପ୍ରାଇମେରୀ ସ୍କୁଲ। ସେହିଭଳି ଏହି ବ୍ଲକ୍‌ର ବନ୍ୟାପ୍ଲାବିତ ବାରସର ପଞ୍ଚାୟତ ଅଧୀନ ଡିଆଡ଼ିସାହି ପ୍ରାଇମେରୀ ସ୍କୁଲ, ନୂଆବନ୍ଧ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, କାଞ୍ଚିଆପଟା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, କେଳାସାହି ପ୍ରାଇମେରୀ ସ୍କୁଲ, ଚକରାସାହି ପ୍ରାଇମେରୀ ସ୍କୁଲ ଓ ଭଉଁରିବାଙ୍କ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ। ତିହିଡ଼ି ବ୍ଲକ୍ କାଁପଡ଼ା ପଞ୍ଚାୟତ ଅଧୀନରେ ଥିବା ବରଣାକୂଳ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ମଧ୍ୟ ବନ୍ୟାଘେରରେ ରହିଛି। ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକ୍ ଆରଡ଼ି ପଞ୍ଚାୟତ ଅଧୀନ ମୁଆଁ ଅପର ପ୍ରାଇମେରୀ ସ୍କୁଲ ଓ ସନ୍ତରା ପ୍ରାଇମେରୀ ସ୍କୁଲ, ନାନ୍ଦପୁର ପଞ୍ଚାୟତ ଅଧୀନ ବାଙ୍କମୁହାଁ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଘଟପୁର ପଞ୍ଚାୟତ ମାଝୀସାହି ପ୍ରୋଜେକ୍ଟ ସ୍କୁଲ, ମାଧପୁର ପଞ୍ଚାୟତ ଅଧୀନ କୃଷ୍ଣପୁରପଡ଼ା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଖେରଙ୍ଗ କାଛିସାହି ପ୍ରାଇମେରୀ ସ୍କୁଲ ସହ ଅନ୍ୟ ସ୍କୁଲଗୁଡ଼ିକୁ ମିଶାଇ ମୋଟ୍ ୧୦ଟି ସ୍କୁଲ ଜଳବନ୍ଦି ହୋଇ ରହିଛି। ଅନୁରୂପଭାବେ ବାସୁଦେବପୁର ବ୍ଲକ୍‌ର ୨ଟି ପଞ୍ଚାୟତ ଲୁଙ୍ଗା ଓ ଦଧିବାମନପୁର ପଞ୍ଚାୟତର ୮ଟି ସ୍କୁଲ ବନ୍ୟା ପାଣି ଘେରରେ ରହିଛି। ୩ଟି ବ୍ଲକ୍‌ର ଏହି ୩୦ଟି ସ୍କୁଲ ବନ୍ୟାଘେରରେ ଥିବାରୁ ଏହାକୁ ଛୁଟି କରାଯାଇଛି। ସ୍ୱାଭାବିକ ହେବାକୁ ପ୍ରାୟ ଆଉ ୧ ସପ୍ତାହ ଅଧିକ ସମୟ ଲାଗିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବନ୍ୟା ଯୋଗୁଁ ସମ୍ପୃକ୍ତ ୩୦ଟି ସ୍କୁଲ ବନ୍ଦ ରହିଥିବାରୁ ସେ ଅଞ୍ଚଳର ପିଲାମାନଙ୍କର ପାଠପଢ଼ା ମଧ୍ୟ ବ୍ୟାହତ ହୋଇଥିବା ପରିଲକ୍ଷିତ ହୋଇଛି।

## ସାନଟେମରା ସରକାରୀ ବିଦ୍ୟାଳୟରେ ଅବ୍ୟବସ୍ଥା

# ହଷ୍ଟେଲ ଛାଡ଼ି ପଳାଇଲେ ଶତାଧିକ ଛାତ୍ର

■ ୩ ଶ୍ରେଣୀ ଗୃହରେ ରହୁଛନ୍ତି ୧୪୦ ଅନ୍ତେବାସୀ
■ ଶୌଚ ପାଇଁ ୧କିମି ଦୂର ନାଳ ଉପରେ ଭରସା
■ ମିଳୁଛି ନିମ୍ନମାନର ଖାଦ୍ୟ



ନବରଙ୍ଗପୁର/ଝରିଗାଁ,୬।୮ (ସମିସ): ସରକାର କେଜିରୁ ପିଜି ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଭିତ୍ତିଭୂମି ଅଭାବ ସହ ଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ଯୋଗୁଁ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ପ୍ରାୟ୧୪୦ ଛାତ୍ର ଅସନ୍ତୁଷ୍ଟ ହୋଇ ହଷ୍ଟେଲ ଛାଡ଼ି ପଳାଇଥିଲେ। ବିଦ୍ୟାଳୟକୁ ଶିକ୍ଷକ ଆସିବା ପୂର୍ବରୁ ସକାଳ ପ୍ରାୟ ୯ ଟାରୁ ହାତରେ ବ୍ୟାଗ୍ ଧରି ଘର ମୁହାଁ ହୋଇଥିଲେ। ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା, ଏବିଇଓ ଦଶରଥ ଗଣ୍ଡ, ସିଆର୍‌ସିସି ପଦାରବିନ୍ଦ୍ ମହଲିକ, ଡବ୍ଲୁଇଓ ଅମିତ୍ କୁମାର ନାୟକ ପ୍ରମୁଖ ଛାତ୍ରାବାସରୁ ବାହାରିଥିବା ଛାତ୍ରମାନଙ୍କୁ ଅଧରାସ୍ତାରେ ବୁଝାସୁଝା କରିଥିଲେ। ବିଦ୍ୟାଳୟ ଠାରୁ ପ୍ରାୟ ୧୦ କିମି ଦୂର ଦୁକାଲୁପଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସେମାନଙ୍କୁ ସମସ୍ତ ଶିକ୍ଷକଙ୍କ ସହଯୋଗରେ ଅଟକ ରଖାଯାଇ ଭାତ ଡାଲମା ଖାଇବାକୁ ଦିଆଯାଇଥିଲା।

ସୂଚନାଯୋଗ୍ୟ, ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମରୁ ଦଶମ ଶ୍ରେଣୀରେ ୩ ଶହ ୬୧ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ୨୦୧୭ ମସିହାରେ ଶ୍ରେଣୀ ଗୃହରେ ଏକ ଛାତ୍ରାବାସ ଖୋଲାଯାଇଥିଲା। ୨ଶହ ବିଶିଷ୍ଟ ଏହି ଛାତ୍ରାବାସରେ ଜିଲ୍ଲାର ଝରିଗାଁ, ଉମରକୋଟ, ରାଇଘର, ପାପଡାହାଣ୍ଡି ଆଦି ବ୍ଲକରୁ ପ୍ରାୟ ୧୪୦ ଛାତ୍ର ବହୁ ଅସୁବିଧାରେ ରହୁଛନ୍ତି। ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନ୍ତେବାସୀ ଅଭିଯୋଗ କରିଛନ୍ତି। ଭଙ୍ଗା ପାଇଖାନା ଗୃହ ସହ ଶୌଚାଳୟର ଅଭାବ ରହିଥିବାରୁ ସେମାନେ ଶୌଚ ପାଇଁ ବିଦ୍ୟାଳୟ ଠାରୁ ପ୍ରାୟ ୧ କିମି ଦୂରରେ ରହିଥିବା ଏକ ନାଳ ଉପରେ ଭରସା କରୁଛନ୍ତି। ପିଲାଙ୍କ ପାଇଁ ଯେଉଁ ସବୁ ଖେଳଣା ଯଥା ଫୁଟବଲ ଓ ଅନ୍ୟ ଜିନିଷପତ୍ର ରହିଛିତାକୁ ପ୍ରଧାନ ଶିକ୍ଷୟିତ୍ରୀ ଛୁଇଁବାକୁ ଦେଉ ନଥିବା ଅଭିଯୋଗ ହେଉଛି। ତେବେ ପ୍ରଧାନ ଶିକ୍ଷୟିତ୍ରୀ ଏହାକୁ ଅସ୍ୱୀକାର କରିବା ସହ ଏ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ବ୍ଲକ୍ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିର ସମସ୍ୟା ନେଇ ଜାଣିଥିଲେ ମଧ୍ୟ ଆନ୍ତରିକତା ଅଭାବ ଯୋଗୁଁ ଏଭଳି ଘଟଣା ଘଟିଥିବା କୁହାଯାଉଛି।

# ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ହଷ୍ଟେଲରେ ଝାଡ଼ାବାନ୍ତି

କପ୍ତିପଦା, ୬।୮ (ସମିସ): କପ୍ତିପଦା ବ୍ଲକ ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ଝାଡ଼ବାନ୍ତି ବ୍ୟାପିଛି। ଉକ୍ତ ହଷ୍ଟେଲର ୧୯ ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗତକାଲି ରାତିରେ ୨୭୫ ଶଯ୍ୟା ବିଶିଷ୍ଟ ଏସଏସଡି ହଷ୍ଟେଲରେ ଛାତ୍ରୀଙ୍କୁ ମାଛ ଓ ଭାତ ଖାଇବାକୁ ଦିଆଯାଇଥିଲା। ତେବେ ପିଲାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆଜି ସେମାନଙ୍କର ବାନ୍ତି ହେବା ସହିତ ଝାଡ଼ା ହୋଇଥିଲା। ଯଦ୍ୱାରା ଛାତ୍ରୀମାନେ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଏବେ ୧୯ରୁ ଅଧିକ ଅନ୍ତେବାସୀ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କପ୍ତିପଦାରୁ ଏକ ମେଡିକାଲ ଟିମ୍ ବିଦ୍ୟାଳୟରେ ପହଞ୍ଚି ସମସ୍ତ ଅନ୍ତେବାସିନୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ତେବେ କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପିଲା, ତାହାର କାରଣ ଖୋଜାଯାଉଛି। ଖାଦ୍ୟରେ ଅନିୟମିତତା ନା ଅନ୍ୟ କ'ଣ କାରଣ ରହିଛି, ତାହାର ଯାଞ୍ଚ କରାଯାଉଛି।

## ୧୯ ଜଣ ଛାତ୍ରୀ ମେଡିକାଲରେ ଭର୍ତ୍ତି



## ୨୦୨୧ରୁ ୨୦୨୩ ମଧ୍ୟରେ ଜଙ୍ଗଲ ବଢ଼ିଛି ୧୫୨ ବର୍ଗ କିଲୋମିଟର

# ଗତ ୫ ବର୍ଷରେ କେନ୍ଦ୍ର ଦେଇଛି ମାତ୍ର ୧୧୩ କୋଟି ଆର୍ଥିକ ସହାୟତା

ନୂଆଦିଲ୍ଲୀ/ଭୁବନେଶ୍ୱର (ସମିସ): ଗତ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାରେ ପ୍ରାୟ ୧୫୨ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି। ରାଜ୍ୟସଭାରେ ବିଜେଡି ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏହି ସୂଚନା ଦେଇଛନ୍ତି। ତେବେ ବିଡ଼ମ୍ବନା ହେଉଛି ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଜଙ୍ଗଲ ବୃଦ୍ଧି ନିମନ୍ତେ ମାତ୍ର ୧୧୩ କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ମନ୍ତ୍ରୀ ମଧ୍ୟ ଏହି ଅବସରରେ ସ୍ୱୀକାର କରିଛନ୍ତି । ଅର୍ଥାତ୍ ଜଙ୍ଗଲ ବୃଦ୍ଧି ନିମନ୍ତେ ଗତ ୫ ବର୍ଷରେ ଓଡ଼ିଶା ବାର୍ଷିକ ହାରାହାରି ୨୨.୬ କୋଟି ଟଙ୍କା ଆର୍ଥିକ ସହାୟତା ପାଇଛି ।

ମନ୍ତ୍ରୀ କହିଛନ୍ତି ଯେ ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ୨୦୨୩ ଅନୁସାରେ ଓଡ଼ିଶାରେ ମୋଟ ଜଙ୍ଗଲ ଆବରଣ ୫୨,୪୩୩.୫୬ ବର୍ଗ କିଲୋମିଟରରେ ପହଞ୍ଚିଛି। ୨୦୨୧ ରିପୋର୍ଟ ତୁଳନାରେ ରାଜ୍ୟର ଜଙ୍ଗଲ ପରିମାଣ ୧୫୧.୮୯ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ଡ଼େରାଡୁନସ୍ଥିତ ବନ ସର୍ବେକ୍ଷଣ ସଂସ୍ଥା (ଏଫ୍‌ଏସ୍‌ଆଇ) ପ୍ରତି ଦୁଇ ବର୍ଷରେ ଉପଗ୍ରହ ଚିତ୍ର, ଜାତୀୟ ବନ ତାଲିକା ଆଧାରରେ ଦେଶର ଜଙ୍ଗଲ ଆବରଣର ଆକଳନ କରିଥାଏ। ସେହି ଆକଳନ ଅନୁଯାୟୀ ଓଡ଼ିଶା ଦେଶର ଅନ୍ୟତମ ବୃହତ୍ ବନାଞ୍ଚଳ ରାଜ୍ୟ ଭାବେ ନିଜ ସ୍ଥାନ ବଜାୟ ରଖିଛି। ଗତ ପାଞ୍ଚ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାରେ ବନୀକରଣ ଓ ବନ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଅଧୀନରେ ୧୧୩.୨୬ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଗ୍ରୀନ୍ ଇଣ୍ଡିଆ ମିଶନ ଅଧୀନରେ ୩୮.୮୧ କୋଟି ଟଙ୍କା, ବନ୍ୟପ୍ରାଣୀ ବାସସ୍ଥଳୀ ବିକାଶ ଯୋଜନା ପାଇଁ ୩୮.୬୬ କୋଟି ଟଙ୍କା, ଫରେଷ୍ଟ ଫାୟାର ପ୍ରିଭେନ୍ସନ୍ ଆଣ୍ଡ ମ୍ୟାନେଜମେଣ୍ଟ ଯୋଜନାରେ ୧୬.୩୮ କୋଟି ଟଙ୍କା, ମିଷ୍ଟି ଯୋଜନାରେ ୭୦ ଲକ୍ଷ ଟଙ୍କା ଏବଂ ନଗର ବନ ଯୋଜନା ପାଇଁ ୧୮.୭୧ କୋଟି ଟଙ୍କା ସାମିଲ ରହିଛି।

ଏହି ଯୋଜନାଗୁଡ଼ିକ ଅଧୀନରେ ବ୍ୟାପକ ବୃକ୍ଷରୋପଣ, ବନ୍ୟପ୍ରାଣୀ ବାସସ୍ଥଳୀର ଉନ୍ନତି, ଜଙ୍ଗଲରେ ଅଗ୍ନିକାଣ୍ଡ ରୋକିବା ଓ ପରିଚାଳନା, ଉପକୂଳ ଅଞ୍ଚଳରେ ମ୍ୟାଙ୍ଗ୍ରୋଭ୍ ବୃକ୍ଷରୋପଣ, ସହରାଞ୍ଚଳରେ ନଗର ବନର ବିକାଶ, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ସହ ଇକୋ-ଡେଭେଲପମେଣ୍ଟ ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# କାଠ ଫାଳିଆରେ ପିଟି ପୁଅକୁ ହତ୍ୟାକଲା ବାପା



କଳମପୁର,୬।୮ (ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହରୁ ବାପାର କାଠ ଫାଳିଆରେ ପୁଅର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, କଳମପୁର ଥାନା ଅଧୀନ ନୁଆଗୁଡ଼ା ଗ୍ରାମର ମାନସିଂ ଗହିର ଓ ପୁଅ ଆଲୋକ ରଞ୍ଜନ ଗହିରଙ୍କ ମଧ୍ୟରେ ବୁଧବାର ରାତିରେ କୌଣସି କାରଣବଶତଃ ବଚସା ହୋଇଥିଲା। ଏଥିରେ ରାଗିଯାଇ ବାପା ମାନସିଂ ଏକ କାଠ ଫାଳିଆରେ ପୁଅ ଆଲୋକକୁ ଆକ୍ରମଣ କରିଥିଲା। ଫଳରେ ଆଲୋକ ସେହିଠାରେ ଟଳିପଡ଼ିଥିଲା। ଗୁରୁତର ଅବସ୍ଥାରେ ଆଲୋକଙ୍କୁ ବଡ଼ଭାଇ ଦୀପକ ଗହିର ପଡ଼ୋଶୀ ମିଶି କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆଶୁତୋଷ ପରିଡ଼ା ଆଲୋକକୁ ମୃତ ଘୋଷଣା କରିଥିଲେ। ସୂଚନାପାଇ କଳମପୁର ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ଅଭିଯୁକ୍ତ ମାନସିଂଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହିତ ଆଲୋକ ରଞ୍ଜନ ପଡିଯାଇଥିବା ସ୍ଥାନର ରକ୍ତଛିଟା ସଂଗ୍ରହ କରିଥିଲା। ମାମଲା ରୁଜୁ ହେବାପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ଆଜି ଅପରାହ୍ନରେ ଅଭିଯୁକ୍ତ ମାନସିଂଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। କଳମପୁର ଥାନା ଅଧିକାରୀ ସୁନିଲୋ କଣ୍ଡାଗୋରି ତଦନ୍ତ କରୁଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬

# ୫୮.୩୬ ଲକ୍ଷ ଲୋକଙ୍କୁ ନୋଟିସ

■ ୩୦.୧୧ ଲକ୍ଷଙ୍କର ସରିଲାଣି ଶୁଣାଣି
■ ଆସନ୍ତା ୧୯ ଯାଏଁ କରିହେବ ଆବେଦନ

ଭୁବନେଶ୍ୱର,୬।୮ (ସମିସ): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟବ୍ୟାପୀ ଲୋକଙ୍କଠାରୁ ଦାବି, ଆପତ୍ତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ଅଗଷ୍ଟ ୧୯ ତାରିଖ ଯାଏଁ ଜାରି ରହିବ। ଗୁରୁବାର ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇଛି। ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟରମାନଙ୍କ ଆବଶ୍ୟକୀୟ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସେହିପରି ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି। ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି। ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି। ସେହିପରି ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି। ସମସ୍ତ ଯୋଗ୍ୟ ନାଗରିକମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ନିବେଦନ କରିଛନ୍ତି।

## ବହି ତ୍ରୁଟିକୁ ନେଇ ତେଜୁଛି ରାଜନୀତ: ଆଜି ଗାନ୍ଧୀମାର୍ଗରେ 'ଶିକ୍ଷା ବଞ୍ଚାଓ' ଆନ୍ଦୋଳନ

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତୀବ୍ର

ଭୁବନେଶ୍ୱର, ୫।୮ (ସମିସ): ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା, ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଏବଂ ସଂଶୋଧିତ ପୁସ୍ତକରେ ମଧ୍ୟ ଭୁଲ ରହିଥିବା ଅଭିଯୋଗକୁ କେନ୍ଦ୍ର କରି ରାଜ୍ୟରେ ଅସନ୍ତୋଷ ବଢ଼ିଛି। ଏହାର ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱରର ଗାନ୍ଧୀମାର୍ଗରେ ବିଶାଳ ଶିକ୍ଷା ବଞ୍ଚାଓ ଆନ୍ଦୋଳନ ଡ଼ାକରା ଦିଆଯାଇଛି ଏବଂ ଏଥିରେ ଶିକ୍ଷକ ସଂଗଠନ, ଅଭିଭାବକ ସଂଘ, ଛାତ୍ର ସଂଗଠନ ଓ ବିଭିନ୍ନ ସାମାଜିକ ସଂଗଠନ ଯୋଗଦେବେ। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବଦଳରେ ପୁରୁଣା ପୁସ୍ତକ ପୁନଃ ପ୍ରଚଳନ, ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ, ପୁରୁଣା ପେନସନ ବ୍ୟବସ୍ଥା ଫେରାଇବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି ।

ରାଜ୍ୟରେ ସ୍କୁଲ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ବାହାରିବା ପରେ ସରକାର ସଂଶୋଧିତ ପୁସ୍ତକ ପ୍ରଦାନ ପାଇଁ ଘୋଷଣା କରିଥିଲେ । କିନ୍ତୁ ି ସଂଶୋଧିତ ସଂସ୍କରଣରେ ମଧ୍ୟ ଅନେକ ଭୁଲ ରହିଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରି ପୂର୍ବରୁ ପ୍ରଚଳିତ ପୁସ୍ତକକୁ ଫେରାଇ ଆଣିବା ପାଇଁ ଶିକ୍ଷାବିତ୍ ଓ ଅଭିଭାବକମାନେ ଦାବି କରିଛନ୍ତି । ଜାତୀୟ ଫେଡେରେସନ୍ ଅଫ୍ ମୁଭମେଣ୍ଟ ଫର୍ ଏଡୁକେସନ୍‌ର ଜାତୀୟ ଆବାହକ ଅମିୟ ମହାନ୍ତି କହିଛନ୍ତି ଏହା କେବଳ ଓଡ଼ିଶାର ପ୍ରସଙ୍ଗ ନୁହେଁ, ବରଂ ସାରା ଦେଶରେ ଶିକ୍ଷା ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ଏହି ଆନ୍ଦୋଳନ ହେଉଛି। ଭାରତୀୟ ଅଭିଭାବକ ସଂଘର ଓଡ଼ିଶା ସଭାପତି ପ୍ରଦୀପ ନାୟକ କହିଛନ୍ତି ଯେ ପିଲାମାନଙ୍କ ଭବିଷ୍ୟତ ସହ ଖେଳ କରାଯାଉଛି ଏବଂ ସରକାର ଏହାର ଜବାବ ଦେବାକୁ ବାଧ୍ୟ।

ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନଙ୍କୁ ମଧ୍ୟ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏଆଇଏସଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି ଯେ ପାଠ୍ୟପୁସ୍ତକରେ ଏତେ ପରିମାଣର ତ୍ରୁଟି ଥିବା ସତ୍ତ୍ୱେ ସରକାରଙ୍କ ନୀରବତା ଅତ୍ୟନ୍ତ ଦୁଃଖଦ। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସରକାର ସ୍ପଷ୍ଟ ନୀତି ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି। ଡବଲ୍ ଇଞ୍ଜିନ୍ ସରକାର ଓଡ଼ିଶାର ଭବିଷ୍ୟତ ପିଢ଼ିକୁ ଅନ୍ଧକାର ଆଡ଼କୁ ଠେଲି ଦେଇଛି। ଦଳର ଅଭିଯୋଗ ଅନୁସାରେ ଏପର୍ଯ୍ୟନ୍ତ ଅନେକ ଛାତ୍ରଛାତ୍ରୀଙ୍କ ହାତରେ ପାଠ୍ୟପୁସ୍ତକ ପହଞ୍ଚିନାହିଁ। ଏଭଳି ସ୍ଥିତିରେ ଶିକ୍ଷାବର୍ଷର ବଡ଼ ଅଂଶ ନଷ୍ଟ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ପିଲାମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନର ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରନ୍ତୁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଦରୁ ହଟାନ୍ତୁ। ନଚେତ୍ ଦଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଭୁବନେଶ୍ୱରର ଆନ୍ଦୋଳନ ପରେ ପରବର୍ତ୍ତୀ ପର୍ଯ୍ୟାୟରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ମଧ୍ୟ ବିକ୍ଷୋଭ କରିବାକୁ ମଧ୍ୟ ଯୋଜନା ରହିଛି ବୋଲି ସେମାନେ କହିଛନ୍ତି ।

## ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କରେ ୬୪.୪୨ ଲକ୍ଷ ଟଙ୍କା ହେରଫେର

# ବହଳଦା ଶାଖାର ୨ ପ୍ରାକ୍ତନ କର୍ମଚାରୀଙ୍କୁ ଗିରଫ କଲା ଭିଜିଲାନ୍ସ



ବାରିପଦା, ୬।୮ (ସମିସ):ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ୍ (ଏମସିସି) ବ୍ୟାଙ୍କ ଲିମିଟେଡ୍‌ର ବହଳଦା ଶାଖାରେ ହୋଇଥିବା ପ୍ରାୟ ୬୪.୪୨ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଗୁରୁବାର ଦୁଇଜଣ ପ୍ରାକ୍ତନ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବହଳଦା ଶାଖାର ପ୍ରାକ୍ତନ ମ୍ୟାନେଜର ଦିବେନ୍ କୁମାର ମିଶ୍ର ଓ ପ୍ରାକ୍ତନ କର୍ମଚାରୀ ମଲୟ କୁମାର ଦତ୍ତ। ଓଡ଼ିଶା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ରୁ ୨୦୨୪ ମଧ୍ୟରେ ଅଭିଯୁକ୍ତମାନେ ବ୍ୟାଙ୍କର ଅନ୍ୟ ୩ ଜଣ ସହଯୋଗୀ କର୍ମଚାରୀଙ୍କ ସହ ମିଶି ଜାଲିଆତି କରିଥିଲେ। ଗ୍ରାହକଙ୍କ ଅଜାଣତରେ ଓ ବିନା ସମ୍ମତିରେ ସେମାନଙ୍କର ୨୪ଟି ଅସଲି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ବିପରୀତରେ କାଗଜପତ୍ର ଜାଲିଆତି କରି ନକଲି 'ଲୋନ୍ ଏଗେନଷ୍ଟ ଟର୍ମ ଡିପୋଜିଟ୍' ଆକାଉଣ୍ଟ ଖୋଲାଯାଇଥିଲା। ଏହି ଚକ୍ରାନ୍ତ ମାଧ୍ୟମରେ ଅଭିଯୁକ୍ତମାନେ ସମୁଦାୟ ୬୪,୪୨,୦୭୪ ଟଙ୍କା ହଡ଼ପ କରି ନିଜସ୍ୱ କାର୍ଯ୍ୟରେ ବିନିଯୋଗ କରିଥିଲେ। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୫।୮।୨୦୨୬ ତାରିଖରେ ମାମଲା ନଂ-୧୪ ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ (ସଂଶୋଧିତ) ଆଇନ୍, ୨୦୧୮ର ଧାରା ୧୩(୨) ଆର/ଡବ୍ଲ୍ୟୁ ୧୩(୧)(ଏ) ଓ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ୪୦୯/୧୨୦-ବି ଦଫାରେ ଏହି କେସ୍ ଦାୟର ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି ବାରିପଦାସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଓଏମ୍ଏଭି ପଢ଼ୁ ଘୁଞ୍ଚି ଘୁଞ୍ଚି ଯାଉଛି

# ନିର୍ମାଣ ସମୟ ପୁଣି ବଢ଼ିଲା

କେନ୍ଦୁଝର, ୬।୮ (ସମିସ)



କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଶୁଆକାଟୀଠାରେ ୪୦କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାମ ଗୁଜୁରାଟର ଏକ ଠିକାସଂସ୍ଥା କରୁଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ୬/୨/୨୦୨୪ରେ କାର୍ଯ୍ୟାଦେଶ ମିଳିଥିବାବେଳେ ୫/୬/୨୦୨୫ରେ ଶେଷ ହେବା ପାଇଁ ଟେଣ୍ଡରରେ ଚୁକ୍ତି ହୋଇଥିଲା। ୧ ବର୍ଷ ପରେ ମଧ୍ୟ କାମ ଏବେ ପର୍ଯ୍ୟନ୍ତ ୫୦ ପ୍ରତିଶତ ମଧ୍ୟ ସରି ନଥିବା ଅଭିଯୋଗ ହୋଇଛି। ଠିକାସଂସ୍ଥାକୁ ୬/୨/୨୦୨୬ ପର୍ଯ୍ୟନ୍ତ ପ୍ରଥମ ଥର ସମୟ ଦିଆଯାଇଥିଲା। ଏବେ ପୁଣି ୩୧ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଆଉଥରେ ଟାଇମ ଏକ୍ସଟେନସନ ଦେବାକୁ ଓଡିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି। ଯାହାକି କାମଟିର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ବିଳମ୍ବ ପାଇଁ ଠିକାସଂସ୍ଥାକୁ ଜରିମାନା କରା ନଯାଇ ପୁନର୍ବାର ସମୟ ଅବଧି ବଢ଼ାଇବା କେତେଦୂର ଯୁକ୍ତିଯୁକ୍ତ ତାହା ଆଲୋଚ୍ୟର ବିଷୟ ହୋଇଛି।

### ୪ ମାସ ହେଲା ପାଠପଢ଼ାରୁ ବଞ୍ଚିତ ଛାତ୍ରଛାତ୍ରୀ

ଅନ୍ୟପଟେ, ଜନଜାତି ବହୁଳ ବାଂଶପାଳ ବ୍ଲକ ଏବଂ ସଦର ବ୍ଲକର ଛାତ୍ରଛାତ୍ରୀ ବାଧହୋଇ ଯାଜପୁର ଜିଲ୍ଲାକୁ ପାଠ ପଢିବାକୁ ଯାଉଥିବା ଅବିଭାବକ ମହଲରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ଶୁଆକାଟୀରେ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ଆରମ୍ଭ ହେଲେ ଗରିବ ପିଲାମାନେ ଘର ପାଖରେ ସିବିଏସ୍ଇ ଇଂରାଜୀ ମିଡିୟମ ପାଠ୍ୟକ୍ରମରେ ୬ଷ୍ଠରୁ ଦ୍ୱାଦଶ ଯାଏ ସମ୍ପୂର୍ଣ୍ଣ ନିଃଶୁଳ୍କ ଆବାସିକ ଶିକ୍ଷା ଗ୍ରହଣ କରିପାରିବେ। ଏଥିରେ ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ପରୀକ୍ଷାଗାର, ଲ୍ୟାବ, ପାଠାଗାର, ଛାତ୍ରାବାସ, କମ୍ପ୍ୟୁଟର ଲ୍ୟାବ, ଖେଳପଡିଆ ଭଳି ପିଲାଙ୍କୁ ଅନ୍ୟ ଅତ୍ୟାଧୁନିକ ସୁବିଧା ମିଳିପାରିବ। କାରଣ ଅନ୍ୟାନ୍ୟ ସ୍ଥାନରେ ସ୍ଥାପିତ ସମଧରଣର ବିଦ୍ୟାଳୟରେ ଓଡିଶା ଖଣି ନିଗମ ପାରିପାର୍ଶ୍ୱିକ ଗ୍ରାମରେ ରହୁଥିବା ଛାତ୍ରଛାତ୍ରୀଙ୍କ ମାଗଣାରେ ଶିକ୍ଷାଦାନ ଦିଆଯାଉଛି। ବାଂଶପାଳ ବ୍ଲକ ଏବଂ କେନ୍ଦୁଝର ସଦର ବ୍ଲକର ୧୨୫ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ସେମାନେ ଏବର୍ଷ ଯାଜପୁର ଜିଲ୍ଲା କାଳିଆପାଣିସ୍ଥିତ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ସେଠାରେ ଚଳିତ ଶିକ୍ଷା ବର୍ଷ ଅପ୍ରେଲ ମାସରୁ ଆରମ୍ଭ ହୋଇଥିବାବେଳେ ଏଠାକାର ଛାତ୍ରଛାତ୍ରୀଙ୍କ ପ୍ରତ୍ୟକ୍ଷ ଶିକ୍ଷାଦାନ ପ୍ରକ୍ରିୟା ସେଠାରେ ଆରମ୍ଭ ହୋଇ ପାରି ନଥିବା ଜଣାପଡିଛି। ଦୀର୍ଘ ୪ମାସ ହେବ ୬ଷ୍ଠ ଏବଂ ସପ୍ତମ ଶ୍ରେଣୀରେ ନାମ ଲେଖାଇ ସେଠାରେ ପାଠପଢା ଆରମ୍ଭକୁ ଅପେକ୍ଷାକରି ଛାତ୍ରଛାତ୍ରୀ ଘରେ ବସି ରହିଛନ୍ତି। ଖଣି ପାଶ୍ୱବର୍ତ୍ତୀ ଅଞ୍ଚଳରେ ଓଡିଶା ଖଣି ନିଗମ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବା ପ୍ରଚାର କରୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଓଲଟା। ଯାହାକି ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ ହେଉଛି ବୋଲି ଖଣି ପ୍ରଭାବିତ ଅଞ୍ଚଳର ଲୋକ କହୁଛନ୍ତି।

## ହାଟଡିହୀ ପ୍ରେସ୍ କ୍ଲବ୍ ଗଠିତ

ହାଟଡିହୀ,୬।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର କାର୍ଯ୍ୟରତ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ପ୍ରେସ୍ କ୍ଲବ୍ ଗଠନ କରାଯାଇଛି। ବରିଷ୍ଠ ସାମ୍ବାଦିକ ଗୋପାଳକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅମିୟ ବରାଳ, ବିଭୂତି ଭୂଷଣ ଜେନା, ଦେବବ୍ରତ ବେହେରା, ଶୁଭକାନ୍ତ ନାୟକ, ଅଭିମନ୍ୟୁ ଜେନା, ମନମୋହନ ନାୟକ, ଅନନ୍ତ ଚରଣ ପହି, ରଞ୍ଜନ ଭୂୟାଁ, ସଞ୍ଜୀବ ମହାନ୍ତି(ମୁନା), ଦୁର୍ଗାପ୍ରସାଦ ଆୟଚ, ସରୋଜ ରାଉତ, ପଙ୍କଜ କୁମାର ସାବତ, ନିରାକାର ପରିଡା ଆଦି ସାମ୍ବାଦିକ ହାଟଡିହୀ ବ୍ଲକରେ ଏକ ସାମ୍ବାଦିକ ସଂଘ ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁନେଇ ସମସ୍ତଙ୍କ ମଧ୍ୟରେ ସହମତି ହେବାରୁ ସଂଘ ଗଠନ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଗୋପଳକୃଷ୍ଣ ରାଉତ ସଭାପତି, ସମ୍ପାଦକ ଭାବେ ବିଭୂତି ଭୂଷଣ ଜେନା, ଉପସଭାପତି ଅମିୟ ବରାଳ, ସହସମ୍ପାଦକ ଦେବବ୍ରତ ବେହେରା ଓ ରଞ୍ଜନ ଭୂୟାଁ, କୋଷାଧ୍ୟକ୍ଷ ଭାବେ ମନମୋହନ ନାୟକ ମନୋନୀତ ହୋଇଥିଲେ।

## ସାଇଁକୁଳ ଓଭର୍‌ବ୍ରିଜ ତଳେ ଲହଡ଼ି ମାରୁଛି ବର୍ଷା ପାଣି



ଆନନ୍ଦପୁର, ୬।୮ (ସମିସ): ୨୦ ନମ୍ବର ଜାତୀୟ ରାଜପଥର ସାଇଁକୁଳ ସର୍ଭିସ ରୋଡରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଅଣ୍ଡରପାସରେ ବର୍ଷାପାଣି ଲହଡ଼ି ମାରୁଛି। ଫଳରେ ସେହି ରାସ୍ତାରେ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକ ଓ କଲେଜ ଛାତ୍ରଛାତ୍ରୀ ମଧ୍ୟ ଏ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣକାରୀ ଠିକାସଂସ୍ଥା ଜଳ ନିଷ୍କାସନ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଇ ନଥିବାରୁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ବେଳେବେଳେ ପାଣିର ଦୁର୍ଗନ୍ଧ ମଧ୍ୟ ସାଧାରଣ ଗମନାଗମନରେ ବ୍ୟାଘାତ ସୃଷ୍ଟି କରୁଛି। ଛୋଟ ଛୋଟ ସ୍କୁଲ ପିଲାମାନେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମା' ଦୁର୍ଗା ବଣିକ ସଂଘ ଓ ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ଏବଂ ସାଇଁକୁଳ ଏନସିସି କ୍ୟାଡେଟଙ୍କୁ ନେଇ ଅନେକ ଥର ସଫା କରିଥିଲେ ମଧ୍ୟ କିଛି ଫଳପ୍ରଦ ହେଉନାହିଁ। ଏଭଳି ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଇଁକୁଳ ତଥା ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ହାତୀ ସହ ଭିଡିଓ କରି ଯୁବକ ଗିରଫ



ଚମ୍ପୁଆ, ତୁରୁମୁଙ୍ଗା ୬।୮ (ସମିସ): ଗଜରାଜକୁ ବିରକ୍ତ କରିବା, ହଇରାଣ କରିବା ସହ ତାହାର ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏହି ମାମଲାରେ ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ଗୋଧୂଳି ଗାଁର କାଳୀଚରଣ ନାଏକଙ୍କ ପୁଅ ଗଣେଶ ଓରଫ 'ବାରହା'ଙ୍କୁ ବନ ବିଭାଗ ଗିରଫ କରିଛି। ସୂଚନା ଅନୁସାରେ, ଗଣେଶ ଓରଫ ବାରହା ଚମ୍ପୁଆ ଓ ପାଟଣା ବନାଞ୍ଚଳର ବିଭିନ୍ନ ସ୍ଥାନରେ ହାତୀପଲଙ୍କୁ ଚିଡ଼ାଇବା, ହାତୀଙ୍କ ଚଲାପଥରେ ବାଧା ସୃଷ୍ଟି କରିବା ଏବଂ ନିକଟରୁ ଭିଡିଓ କରିବା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ରହିଥିଲା। ଏପରିକି ହାତୀଙ୍କ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡୁଥିବା ମଧ୍ୟ ଜଣାପଡ଼ିଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ବନ୍ୟଜନ୍ତୁଙ୍କୁ ହଇରାଣ କରିବା, ସେମାନଙ୍କ ସ୍ୱାଭାବିକ ଗତିପଥରେ ବାଧା ସୃଷ୍ଟି କରିବା ଦଣ୍ଡନୀୟ ଅପରାଧ। ବିଶେଷକରି ହାତୀ ଭଳି ବିଶାଳ ଓ ସମ୍ବେଦନଶୀଳ ବନ୍ୟପ୍ରାଣୀଙ୍କୁ ଉତ୍ତେଜିତ କରିବା ଦ୍ୱାରା ହାତୀ ଆକ୍ରମଣାତ୍ମକ ହୋଇ ମଣିଷର ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇପାରେ। ଅଭିଯୋଗ ଅନୁଯାୟୀ, ବାରହାଙ୍କୁ ବନ ବିଭାଗ ପକ୍ଷରୁ ପୂର୍ବରୁ ଏକାଧିକ ଥର ସଚେତନ କରାଯାଇଥିଲା। ତଥାପି ସେ ଏଭଳି କାର୍ଯ୍ୟରୁ ନିବୃତ୍ତ ହୋଇ ନଥିବାରୁ ଶେଷରେ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଇଛି। କେନ୍ଦୁଝର ଡିଏଫ୍ଓଙ୍କ ନିର୍ଦ୍ଦେଶକ୍ରମେ ଡିଭିଜନର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ଚମ୍ପୁଆ ବନାଞ୍ଚଳ ରେଞ୍ଜର ଏସ୍ଆର୍ ନାୟକ, ଫରେଷ୍ଟର ଜ୍ୟୋତିରୂପା ପାଣି ଓ ପାରା ସ୍କ୍ୱାଡ୍ କର୍ମଚାରୀମାନେ ଗତକାଲି ସନ୍ଧ୍ୟାରେ ଗୋଧୂଳି ଗାଁରେ ଚଢ଼ଉ କରି ଗଣେଶଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ଗଣିତ ମେଧା ପରୀକ୍ଷାରେ ସଫଳତା





ଆନନ୍ଦପୁର, ୬।୮ (ସମିସ): ଆନନ୍ଦପୁର ଉପଖଣ୍ଡର ସର୍ବପ୍ରଥମ ଘରୋଇ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନ, ଘଷିପୁରାର ୨୦୨୫-୨୦୨୬ ଶିକ୍ଷାବର୍ଷ ଷଷ୍ଠ ଶ୍ରେଣୀର ରାଜ୍ୟସ୍ତରୀୟ ପଠାଣିସାମନ୍ତ ଗଣିତମେଧା ବୃତ୍ତି ପରୀକ୍ଷାରେ ବଡ଼ ସଫଳତା ମିଳିଛି। ରୋହିତେଶ ସାହୁ ଓ ଜିଜ୍ଞାସୁ ରାଉତଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଜସ୍ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ଆନନ୍ଦପୁର ସିଆରସି ଅଜ୍ଞାନ କୁମାର ରାଉତ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାଶ ଓ ଅନ୍ୟ ଗୁରୁଜୀ ଗୁରୁମା, ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ମହାରଣା, ସମ୍ପାଦକ ବ୍ରଜବନ୍ଧୁ ସାହୁ ପ୍ରମୁଖ ଦୁଇ କୃତୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବୟସ ଆଗରେ ହାର୍ ମାନିନି ସେବା ମନୋବୃତ୍ତି

### ୭୩ ବର୍ଷରେ ଅନନ୍ୟ ଉଦାହରଣ ମାର୍କଣ୍ଡ ଓଝା




ହାଟଡିହୀ, ୬।୮ (ସମିସ): ବୟସ କେବଳ ଏକ ସଂଖ୍ୟା। ଇଚ୍ଛାଶକ୍ତି ଓ କର୍ମନିଷ୍ଠା ଥିଲେ ଜୀବନର ପ୍ରତ୍ୟେକ ଦିନ ସମାଜ ପାଇଁ ଉତ୍ସର୍ଗ କରାଯାଇପାରେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ହାଟଡିହୀ ବ୍ଲକ ବଞ୍ଚୋ ଗ୍ରାମର ୭୩ ବର୍ଷୀୟ ମାର୍କଣ୍ଡ ଚରଣ ଓଝା। ବୃତ୍ତିରେ ସେ ଜଣେ ଦକ୍ଷ ମୋଟର ମେକାନିକ୍ ହୋଇଥିବା ବେଳେ ସମାଜସେବା କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ସ୍ମରଣୀୟ। ହାଟଡିହୀ ଅଞ୍ଚଳର ବରିଷ୍ଠ ବିଜେଡି ନେତା ଭାବେ ସେ ସାଧାରଣ ଲୋକଙ୍କ ସୁଖ-ଦୁଃଖରେ ସର୍ବଦା ସାମିଲ ହୋଇଆସୁଛନ୍ତି। ଆନନ୍ଦପୁର ନିର୍ବାଚନମଣ୍ଡଳୀର ଜଣେ ବେଶ୍ ଜଣାଶୁଣା ବ୍ୟକ୍ତି ବିଶେଷ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ବୟସର ଅପରାହ୍ନରେ ମଧ୍ୟ ସେ ନିଜ କର୍ମ ପ୍ରତି ସମର୍ପିତ ରହି ସମାଜ ପାଇଁ କାମ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ସମ୍ମାନ ଓ ଲୋକପ୍ରିୟତା ହାସଲ କରିଛନ୍ତି। ଆସନ୍ତାକାଲି ୭.୮.୨୦୨୬ ତାଙ୍କ ଜନ୍ମଦିବସ ଅବସରରେ ଶନିଦେବ କ୍ଲବ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ ତାଙ୍କ ଦୀର୍ଘ ସମାଜସେବାକୁ ସମ୍ମାନ ଜଣାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ସମ୍ପର୍କରେ ପ୍ରଦୀପ ବିଶ୍ୱାଳ ସୂଚନା ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଆବାସ ଯୋଜନାରେ ପାତର ଅନ୍ତର



ଆନନ୍ଦପୁର, ୬।୮ (ସମିସ): ଆବାସ ଯୋଜନାରେ ପାତର ଅନ୍ତର କରାଯାଉଛି। ଏହାର ପ୍ରତିବାଦରେ ବ୍ଲକ୍ କାର୍ଯ୍ୟାଳୟରେ ବିଡ଼ିଓଙ୍କୁ ଘେରିଛନ୍ତି ସରପଞ୍ଚ ଓ ହିତାଧିକାରୀ। ଘଷିପୁରା ବ୍ଲକ୍ ଅଞ୍ଚଳରେ ଆବାସ ଯୋଜନାରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ପାତର ଅନ୍ତର ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡୁଛନ୍ତି। ଚୟନ ପ୍ରକ୍ରିୟାରେ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗରେ ଆଜି ଭଣ୍ଡାରିଡିହା, ଦେଓଗାଁ ପଞ୍ଚାୟତର ସରପଞ୍ଚ ଓ ବଳରାମପୁର ପଞ୍ଚାୟତର ସଭ୍ୟ ନିଜ ନିଜ ଅଞ୍ଚଳର ହିତାଧିକାରୀଙ୍କୁ ନେଇ ଘଷିପୁରା ବ୍ଲକ୍ କାର୍ଯ୍ୟାଳୟଠାରେ ଧାରଣାରେ ବସିଥିଲେ। ଧାରଣାରତ ଜନପ୍ରତିନିଧିଙ୍କ ସହ ବିଡିଓ ଆଲୋଚନା କରି ନିର୍ଭର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ତେବେ ଅନେକ ହିତାଧିକାରୀ ନିଜ ଘର ବଦଳରେ ଅନ୍ୟ ଘର ଦେଖାଇ ଯୋଜନାରେ ସାମିଲ ହେବାକୁ ଉଦ୍ୟମ କରୁଥିବାରୁ ଚୟନ ପ୍ରକ୍ରିୟାରେ ସମସ୍ୟା ହେଉଥିବା କହିଛନ୍ତି ଘଷିପୁରା ବିଡିଓ ବିନିତା ବିଜୟିନୀ।

## ଶିକ୍ଷକଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ତୁରୁମୁଙ୍ଗା, ୬।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନକ୍ରମେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ଓଷ୍ଟା ସମ୍ପାଦକ ସଞ୍ଜୟ କୁମାର ସାହୁଙ୍କ ନେତୃତ୍ୱରେ ଶିକ୍ଷକଶିକ୍ଷୟିତ୍ରୀମାନେ ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ୧୯୪ଟି ଯୋଗ୍ୟ ଉଚ୍ଚ ବିଦ୍ୟାଳୟ ସରକାରୀ ଅନୁଦାନ ବଞ୍ଚିତ ଥିବା ବେଳେ ଶିକ୍ଷକମାନେ ୨୫ ବର୍ଷଠାରୁ ଅଧିକ ସେବା କରିବା ପରେ ମଧ୍ୟ ବେତନ ବିନା ଅବସର ଗ୍ରହଣ କରୁଛନ୍ତି। ଏଥିସହ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କର ୟୁନିଫର୍ମ, ମଧ୍ୟାହ୍ନ ଭୋଜନ ସାଇକଲ, ପାଠ୍ୟପୁସ୍ତକ ପାଇବାରୁ ବଞ୍ଚିତ ହେଉଛନ୍ତି। ସମସ୍ତ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମହାବିଦ୍ୟାଳୟକୁ ସରକାରୀ କରାଯାଇ ସମସ୍ତଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯିବାକୁ ନେଇ ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡା, ଉପସଭାପତି ପୁଷ୍ପଲତା ପଣ୍ଡା, ସୁବ୍ରତ ମଲ୍ଲିକ, ଦିବାକର ମହାନ୍ତ, ଉମାକାନ୍ତ ମହାନ୍ତ, ଦିନମଣି ମହାନ୍ତ, ନବଘନ ପଲେଇ, ପଦ୍ମଲାଭ ମିଶ୍ର, ରବୀନ୍ଦ୍ର ମହାନ୍ତ, ମହେନ୍ଦ୍ର ମହାନ୍ତ, ରବୀନ୍ଦ୍ର ପାତ୍ର, ସୁଦର୍ଶନ ସାହୁ, ମନୋହର ମହାନ୍ତ ପ୍ରମୁଖ ୪ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ।

## ଭୀମକୁଣ୍ଡ ଶୁଳ୍କ ଆଦାୟ ପାଇଁ ଖୋଲିଲା ଟେଣ୍ଡର

ତୁରୁମୁଙ୍ଗା, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟବାଲିଯୋଡି ଗାଁରେ ଥିବା ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରର ଶୁଳ୍କ ଆଦାୟ ନିମନ୍ତେ ପ୍ରଶାସନ ପକ୍ଷରୁ ୩ ବର୍ଷ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିପାଇଁ ୨୨ ଜଣ ଟେଣ୍ଡର ପକାଇଥିବା ବେଳେ ଗୁରୁବାର ପାଟଣା ବ୍ଲକ ସଭାଗୃହରେ ଟେଣ୍ଡରକୁ ପାଟଣା ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ସର୍ବାଧିକ ୭୨ଲକ୍ଷ ୩୩ହଜାର ୩୩୯ ଟଙ୍କାରେ ଡୁମୁରିଆର ସନ୍ତୋଷ କୁମାର ବାରିକଙ୍କୁ ଏହି ଟେଣ୍ଡର ମିଳିଛି। ଭୀମକୁଣ୍ଡକୁ ପ୍ରବେଶ ଶୁଳ୍କ, ଭୋଜି ପିଣ୍ଡି, ୱାଚ ଟାୱାର, ପାର୍କିଂ ଓ ହାଟରୁ ଲିଜଧାରୀ ଶୁଳ୍କ ଆଦାୟ କରିବା ପାଇଁ ଏହି ଟେଣ୍ଡର ପ୍ରଦାନ କରାଯାଇଛି। ପ୍ରଥମ ଟେଣ୍ଡରଧାରୀ ଭାବେ ଏକକାଳୀନ ୭ଦିନ ଭିତରେ ସମୁଦାୟ ଟଙ୍କା ପୈଠ ନକଲେ ଦ୍ୱିତୀୟ ବିଡରଙ୍କୁ ସୁଯୋଗ ଦିଆଯିବ ବୋଲି ବିଡ଼ିଓ କହିଛନ୍ତି। ଏଥିପୂର୍ବରୁ ରାଧାରାଣୀ ଏସଏଚଜି ଗ୍ରୁପ ଲିଜ ନେଇଥିଲେ ହେଁ ବିବାଦ ଯୋଗୁଁ ତାଙ୍କ ଲିଜକୁ ବାତିଲ କରି ଦିଆଯାଇଥିଲା। ଟେଣ୍ଡର ସମୟରେ ଏବିଡିଓ ପାର୍ବତୀ ସର୍ଦ୍ଦାର, କିରାଣି ବିଭୀଷଣ ସେଠୀ, ପ୍ରଭାତ କୁମାର ନାଥ, ଯୋଗେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ସର୍ବାଧିକ ୭୨ ଲକ୍ଷ ୩୩ ହଜାର**

## ଦୃଷ୍ଟିବାଧିତ ଉଚ୍ଚ ଶିକ୍ଷାର୍ଥୀଙ୍କୁ ଲାପ୍‌ଟପ୍ ବଣ୍ଟନ



କେନ୍ଦୁଝର, ୬।୮ (ସମିସ): ଦୃଷ୍ଟିବାଧିତ ଉଚ୍ଚ ଶିକ୍ଷାର୍ଥୀମାନଙ୍କ ଶିକ୍ଷାକୁ ଅଧିକ ସୁଗମ ଏବଂ ପ୍ରଯୁକ୍ତିନିର୍ଭର କରିବା ଉଦ୍ଦେଶ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଚାରିଜଣ ଦୃଷ୍ଟିବାଧିତ ଉଚ୍ଚଶିକ୍ଷାର୍ଥୀଙ୍କୁ ଲାପଟପ୍ ବଣ୍ଟନ କରାଯାଇଛି। ଲାଭାନ୍ୱିତ ଶିକ୍ଷାର୍ଥୀମାନେ ହେଲେ ରବୀନ୍ଦ୍ର କୁମାର ନାୟକ (+୩ କଳା), ଆଲୋକ କୁମାର ନାୟକ (ସ୍ନାତକୋତ୍ତର, ଓଡ଼ିଆ), ସାନୁ ଟୁଡୁ (+୩ କଳା) ଏବଂ ମନୋଜ କୁମାର ସାହୁ (ଏମ୍.ଏ., ଓଡ଼ିଆ)। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ ଲାଭାନ୍ୱିତମାନଙ୍କୁ ଲାପଟପ୍ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନଙ୍କୁ ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥା ସହ ଅଧିକ ସଶକ୍ତ ଭାବେ ଯୋଡ଼ିବାରେ ସହାୟକ ହେବ।

# ୯ କୋଟିର ବସ୍‌ଷ୍ଟାଣ୍ଡ ଅଲୋଡ଼ା



- ରାସ୍ତାକଡ଼ରେ ଅଟକୁଛି ପୁରୀ ବସ୍
- ବିଶ୍ରାମାଗାର ଅଭାବରୁ ହନ୍ତସନ୍ତ ଯାତ୍ରୀ
- ଜବରଦଖଲ ହଟାଇ ସ୍ଥାୟୀ ବ୍ୟବସ୍ଥା ଦାବି

ବଡ଼ବିଲ, ୬।୮ (ସମିସ): ଖଣି ଅଞ୍ଚଳ ବଡ଼ବିଲରେ ଯାତ୍ରୀ ସୁବିଧାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ପ୍ରାୟ ୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ବସଷ୍ଟାଣ୍ଡ ଥିବା ସତ୍ତ୍ୱେ ତାହା କାମରେ ଲାଗୁ ନ ଥିବା ବେଳେ ବଡ଼ବିଲରୁ ପୁରୀ ଯାଉଥିବା ବସ ପାଇଁ ଉପଯୁକ୍ତ ରହଣି ସ୍ଥାନ ନଥିବାରୁ ବସଟି ରାସ୍ତାକଡ଼ରେ ଅଟକି ଯାତ୍ରୀଙ୍କୁ ଉଠାଉଥିବା ଦେଖାଯାଉଛି। ଏହା ଯାତ୍ରୀଙ୍କ ସୁରକ୍ଷା ସହ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପୁରୀଗାମୀ ବସଟି ବଙ୍ଗଳା ଛକରେ ଯାତ୍ରୀଙ୍କୁ ଉଠାଇବା ଓ ଓହ୍ଲାଇବା ପାଇଁ ଅଟକୁଥିବା ବେଳେ ସେଠାରେ ଏକ ସାମାନ୍ୟ ଯାତ୍ରୀ ବିଶ୍ରାମାଗାର ମଧ୍ୟ ନାହିଁ। ଫଳରେ ଯାତ୍ରୀମାନେ ଖରା, ବର୍ଷା ଓ ଅନ୍ୟାନ୍ୟ ପ୍ରତିକୂଳ ପାଗରେ ଘଣ୍ଟା ଘଣ୍ଟା ଧରି ରାସ୍ତାକଡ଼ରେ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ବୃଦ୍ଧ, ମହିଳା ଓ ଶିଶୁମାନେ ସବୁଠାରୁ ଅଧିକ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବଡ଼ବିଲ ବଙ୍ଗଳା ଛକ ନିକଟରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଉପଯୁକ୍ତ ସରକାରୀ ଜମି ଥିବା ସତ୍ତ୍ୱେ କିଛି ଫଳ ବ୍ୟବସାୟୀ ସେହି ସ୍ଥାନକୁ ଜବରଦଖଲ କରିଥିବା ଅଭିଯୋଗ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଯାତ୍ରୀମାନଙ୍କ ମତରେ, କୋଟି କୋଟି ଟଙ୍କା ବ୍ୟୟରେ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ମଧ୍ୟ ଯଦି ଯାତ୍ରୀମାନେ ରାସ୍ତାକଡ଼ରେ ଛିଡ଼ା ହୋଇ ବସକୁ ଅପେକ୍ଷା କରିବାକୁ ବାଧ୍ୟ ହୁଅନ୍ତି, ତେବେ ଏହି ପ୍ରକଳ୍ପର ଉଦ୍ଦେଶ୍ୟ କେତେ ଦୂର ସଫଳ ହୋଇଛି ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଣୁ ପ୍ରଶାସନ ତୁରନ୍ତ ଜବରଦଖଲ ହଟାଇ ବଙ୍ଗଳା ଛକରେ ଏକ ସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ସହ ପୁରୀ ବସ ପାଇଁ ନିର୍ଦ୍ଦିଷ୍ଟ ରହଣି ସ୍ଥାନ ବ୍ୟବସ୍ଥା କରିବାକୁ ସାଧାରଣରେ ଜୋରଦାର ଦାବି ହେଉଛି।

# ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ କେନ୍ଦୁଝର ଦଳ ରାଇରଙ୍ଗପୁରରେ



କେନ୍ଦୁଝର, ୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏବଂ ଓଡ଼ିଶା ଆଥଲେଟିକ ଆସୋସିଏସନ ସହାୟତାରେ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ନବନିର୍ମିତ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ପ୍ରଥମ ଥର ପାଇଁ ୭୨ତମ ରାଜ୍ୟ ଜୁନିଅର ଆଥଲେଟିକ ଚାମ୍ପିଅନସିପ ଅନୁଷ୍ଠିତ ହେବାକୁ ଯାଉଛି। ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ ବାଳକ ଏବଂ ବାଳିକା ବିଭାଗରେ ଏହି ପ୍ରତିଯୋଗିତା ନବନିର୍ମିତ ସିନ୍‌ଥେଟିକ ଟ୍ରାକରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦୌଡ଼କୁଦ ପ୍ରତିଯୋଗିତାରେ ଯୋଗଦେବା ପାଇଁ ଏକ ୨୯ ଜଣିଆ କେନ୍ଦୁଝର ଦଳ ଆଜି ପୂର୍ବାହ୍ନରେ ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିବାର ଜଣାଯାଇଛି। କେନ୍ଦୁଝର ଜିଲ୍ଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ହେଲେ ବାଳିକା ବିଭାଗରେ (୧୪ ବର୍ଷରୁ କମ) ପ୍ରତ୍ୟୁଷା ସିଂହ, ସୁନେଲି ମୁଣ୍ଡା, ଲୁଖି ଟୁଡୁ (୧୬ ବର୍ଷରୁ କମ) ମାନସୀ ମୁଣ୍ଡା, ତପସ୍ୱିନୀ ମହାନ୍ତ, ଶ୍ୱେତ ପ୍ରଜ୍ଞାନ ମହାନ୍ତ, ସୁପ୍ରିୟା ସେଠୀ, (୧୮ ବର୍ଷରୁ କମ) ଅଞ୍ଜଳି ମାଝୀ, ଲକ୍ଷ୍ମୀପ୍ରିୟା ବାରିକ, ସନ୍ଧ୍ୟାରାଣୀ ନାଏକ, (୨୦ ବର୍ଷରୁ କମ) ଶାନ୍ତିଲତା ନାଏକ। ସେହିପରି ବାଳକ ବିଭାଗରେ(୧୪ ବର୍ଷରୁ କମ) ଶ୍ରୀଲାଲ ସିଙ୍କୁ, (୧୬ ବର୍ଷରୁ କମ) ସୌମ୍ୟରଞ୍ଜନ ମନ୍ତ୍ରୀ, ବିବେକାନନ୍ଦ ମହାନ୍ତ, ସାଇଆଦିତ୍ୟ ପଣ୍ଡା, ଦିଲ୍ଲୀପ ମଲ୍ଲିକ, ଶଙ୍କର୍ଷଣ ମୁଣ୍ଡା, ସୌମ୍ୟପ୍ରସାଦ ସେଠୀ, ଅଭୟ ବେହେରା, (୧୮ ବର୍ଷରୁ କମ ) ସଞ୍ଜୟ ହାଁସଦା, ହେମନ୍ତ ଖଡିଆ, ସଚ୍ଚିଦାନନ୍ଦ ମହାନ୍ତ, ଏସ କେ ଅନୱାର, ସ୍ୱାଧୀନ ରଣା, (୨୦ ବର୍ଷରୁ କମ) ଧନେଶ୍ୱର ବାସ୍କେ, ମୁକୁନ୍ଦ ମହାକୁଡ଼, ସୌମ୍ୟରଞ୍ଜନ ସୁବୁଦ୍ଧି, ରଶ୍ମିକାନ୍ତ ଦେହୁରୀ ଏବଂ ନୀତେଶ କୁମାର ଦଳେଇ। ମ୍ୟାନେଜର ଭାବେ ବନେଇକଳା ଦୟାନିଧି ହାଇସ୍କୁଲର ରୋହିତ କୁମାର ମହାନ୍ତ ଏବଂ କୋଚ ଭାବେ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବରିଷ୍ଠ ଦୌଡ଼କୁଦ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସି ଓ ପ୍ରଗତି ହାଇସ୍କୁଲ, ମୈଦାନକେଲର ପ୍ରିୟମ୍ବଦା ମହାନ୍ତ ଦଳ ସହ ରାଇରଙ୍ଗପୁର ଯାତ୍ରା କରିଛନ୍ତି ବୋଲି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କଠାରୁ ପ୍ରକାଶ।

# ପୁଣି ବର୍ଷାରେ ବେହାଲ ବାଲେଶ୍ୱର

ବାଲେଶ୍ୱର, ୬।୮ (ସମିସ)



ପୁଣି ଥରେ ଅଳ୍ପ ବର୍ଷାରେ ଉବୁଟୁବୁ ହେଲା ବାଲେଶ୍ୱର ସହର। ବୁଧବାର ରାତିରେ ହୋଇଥିବା ପ୍ରବଳ ବର୍ଷା ପରେ ସହରର ଦୋକାନ, ବଜାର ଓ ଘରେ ନାଳ ପାଣି ପଶିଯାଇଛି। ଡ୍ରେନ୍ ଓ ରାସ୍ତା ଏକାକାର ହୋଇଯାଇଛି। ମାତ୍ର କେଇ ମିନିଟ୍ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ଯାଇ ଜଳ ନିଷ୍କାସନ ସମସ୍ୟା ପୁଣି ଦେଖାଦେଇଛି। ଅଳ୍ପ ଘଣ୍ଟାର ବର୍ଷା ପରେ ସହରରେ ପାଣି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଆଜି ମଧ୍ୟ କିଛି ଅଞ୍ଚଳରେ ପାଣି ଜମି ରହିଛି। ସହରର ନୂଆସାହି, କଂଗ୍ରେସ ଗଳି, ପୋଷ୍ଟାଲ କଲୋନୀ, ଆଜିମାବାଦ, ଚିଡିଆପୋଲ ରାସ୍ତା ଓ ଅନ୍ୟାନ୍ୟ ଅଞ୍ଚଳରେ ପାଣି ଜମିରହିଛି। ପାଣି ନିଷ୍କାସନ ବ୍ୟବସ୍ଥା ନଥିବାରୁ ଅଳ୍ପ ବର୍ଷା ହେଲେ ବି ହନ୍ତସନ୍ତ ହେଉଛନ୍ତି ସହରବାସୀ। ରାସ୍ତାଘାଟ ପ୍ରାୟ ଜଳମଗ୍ନ ହୋଇଥିବାରୁ ସହରରେ ପୁଣି ଥରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ମାତ୍ର ୩ ଦିନ ତଳେ ଲଗାଣ ବର୍ଷା ଯୋଗୁଁ ସହରବାସୀ ବନ୍ୟା ପରିସ୍ଥିତିର ମୁକାବିଲା କରିଥିବା ବେଳେ ପୁଣି ଥରେ ସମାନ ପରିସ୍ଥିତି ଦେଖାଦେଇଛି। ବାରମ୍ବାର ବର୍ଷାରେ ସହର ବୁଡୁଥିବାରୁ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ବିପର୍ଯ୍ୟସ୍ତ ହୋଇପଡିଛି।

## ବର୍ଷେ ହୋଇଗଲା, ଡ୍ରେନ୍ କାମ ଆରମ୍ଭ ହେଲାନି — ନର୍ଦ୍ଦମା ପାଣିରେ ବୁଡୁଛି ୭ ନମ୍ବର ୱାର୍ଡ ଅଞ୍ଚଳ



**ବାଲେଶ୍ୱର, ୬।୮ (ସମିସ):** ବାଲେଶ୍ୱର ପୌରପାଳିକା ୭ ନମ୍ବର ୱାର୍ଡର ଠାକୁରାଣୀ ମନ୍ଦିର ନିକଟରୁ ଅରକ୍ଷିତ ସେଠୀଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନର୍ଦ୍ଦମା ପାଣି ସବୁବେଳେ ବୁଡି ରହୁଛି। ବର୍ଷା ହେଲେ ସ୍ଥାନୀୟ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢିଯାଉଛି। ବର୍ଷା ନହେଲେ ମଧ୍ୟ ଘରର ପାଇଖାନା ପାଣି ସିଧା ଡ୍ରେନ୍‌ରୁ ରାସ୍ତା ଉପରେ ଭାସୁଛି। ଡ୍ରେନ୍ ନିର୍ମାଣ ଠିକ୍ ଭାବେ ହୋଇନଥିବାରୁ ଏଭଳି ସମସ୍ୟାରେ ଘାଣ୍ଟି ହେଉଛନ୍ତି ସ୍ଥାନୀୟ ଲୋକେ। ଫଳରେ ବର୍ଷା ପରେ ସେହି ଅପରିଷ୍କାର ପାଣି ଘର ଭିତରେ ପଶିବା ସହ ରାସ୍ତା ଉପରେ ଛିଡା ହେଉଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ମାନସିଂହ ବଜାର ମଣ୍ଡଳ ବଗିଚା ଅଞ୍ଚଳରେ ବର୍ଷେ ତଳେ ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ଦାବି ହୋଇଥିଲା। ସେତେବେଳେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ଥାନ ପରିଦର୍ଶନ କରି କାମ ପାଇଁ ପିଡବ୍ଲୁଡି ବିଭାଗକୁ ଦାୟିତ୍ୱ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେଠାରେ ଡ୍ରେନ୍ ନିର୍ମାଣ କାମ ଆରମ୍ଭ ହୋଇପାରିନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିବାଦ ଯୋଗୁଁ ଉକ୍ତ ଅଞ୍ଚଳରେ ରାସ୍ତା ଓ ଡ୍ରେନ୍ କାମ ହୋଇପାରୁନାହିଁ। ଫଳରେ ଟିକେ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମୁଛି। ଏବେ ଥିବା କଲଭର୍ଟରେ ମଧ୍ୟ ମାଟି ଭର୍ତ୍ତି ହୋଇପଡିଛି। ରାସ୍ତା ବହୁତ ତଳୁଆ ଥିବାରୁ ଚାରିପଟୁ ପାଣି ଆସି ରାସ୍ତା ଉପରେ ଜମି ରହୁଛି। ଏହି ଗଳିରେ ଦୁଇଟି ମନ୍ଦିର ସହ ପ୍ରାୟ ୧୨ ଟି ଘର ରହିଛି। ବର୍ଷା ହେବା ମାତ୍ରେ ସବୁ ଘରେ ପାଣି ପଶୁଛି। ଲୋକେ ପ୍ରଥମେ ଡ୍ରେନ୍ ଓ କଲଭର୍ଟ ନିର୍ମାଣ, ପରେ ରାସ୍ତା କାମ ପାଇଁ କାଉନସିଲରଙ୍କୁ ଦାବି କରିଥିଲେ। କିନ୍ତୁ ତାହା ହୋଇନାହିଁ ବୋଲି ଅଭିଯୋଗ ହୋଇଛି। ଏହି ସମସ୍ୟା ନେଇ ସ୍ଥାନୀୟ ଲୋକେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନେକ ଥର ସାକ୍ଷାତ କରି ଜଣାଇଛନ୍ତି। ସେ ସ୍ଥାନ ପରିଦର୍ଶନ କରିବେ ବୋଲି କହିଥିଲେ ମଧ୍ୟ ୪ ମାସ ବିତିଗଲାଣି। ତୁରନ୍ତ ଡ୍ରେନ୍ ନିର୍ମାଣ କରାଯାଉ। ଯାହାଫଳରେ ଘରେ ନାଳ-ନର୍ଦ୍ଦମା ପାଣି ପଶିବ ନାହିଁ। ଏହାପରେ ରାସ୍ତା ନିର୍ମାଣ ହେଉ। ବର୍ଷା ନହେଲେ ବି ନାଳ ପାଣି ରାସ୍ତା ଉପରେ ଭାସୁଥିବାରୁ ଯାତାୟାତ କରିବାରେ ବହୁ ଅସୁବିଧା ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ଏସ୍ କେ କରିମୁଦ୍ଦିନ ଏସ୍ କେ ସବିର, ରହିମୁଦ୍ଦିନ, ସନ୍ଦୀପ୍ତ ଦାସ, ଦେବାଶିଷ ଦାସ, ଆଶିଷ ଦାସ, ଅନୁ, ରାଜା, ଅନ୍ନପୂର୍ଣ୍ଣା ସେଠୀ ଓ ପ୍ରମିଳା ପ୍ରମୁଖ କହିଛନ୍ତି।

## ନଦୀରେ ବୁଡ଼ି ନାବାଳକ ମୃତ

**ବସ୍ତା ବ୍ଲକ/ରାଜଘାଟ, ୬।୮ (ସମିସ):** ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡା ପଞ୍ଚାୟତ ନାଉ ଗ୍ରାମରେ ନଦୀରେ ବୁଡି ଆଠ ବର୍ଷର ନାବାଳକ ପୁତ୍ରର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଗୁରୁବାର ଦିନ ବାରଟା ସମୟରେ ନାଉ ଗ୍ରାମର ତପୁ ବାସ୍କେଙ୍କ ପୁଅ ବିଜୟ ବାସ୍କେ (୮) ଜଳକା ନଦୀକୂଳରେ ଖେଳୁ ଥିବା ସମୟରେ ଅସାବଧାନତା ଯୋଗୁଁ ନଦୀରେ ପଡି ଯାଇ ନିଖୋଜ ହୋଇ ଯାଇଥିଲେ। ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଖୋଜା ଖୋଜି କରି ନଦୀରୁ ବିଜୟକୁ ଉଦ୍ଧାର କରି ବସ୍ତା ମେଡିକାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମଦ ଓ ଜିଞ୍ଜିର ଜବତ, ୩ ଗିରଫ



**ସୋର, ୬।୮ (ସମିସ):** ସୋର ଆଦର୍ଶ ଅବକାରୀ ଥାନା ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ, ବିଦେଶୀ ମଦ ଏବଂ ଜିଞ୍ଜିର ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀ ଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଉପ ଅଧିକ୍ଷକ ସ୍ୱପ୍ନା ରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା ସାହୁ, ସହ ଉପନିରୀକ୍ଷକ ବସନ୍ତ କୁମାର ବାରିକଙ୍କୁ ନେଇ ଗଠିତ ଏକ ଟିମ ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ନାରାୟଣ ସେଠି ନିକଟରୁ ୧୫ ଲିଟର ଦେଶୀ ମଦ, ନହରପଦା ଗ୍ରାମର ନାଥ ସିଂ ନିକଟରୁ ୧୦ ଲିଟର ଦେଶୀ ମଦ ଏବଂ କୁରୁଣିଆ ଗ୍ରାମର ମନୋରଞ୍ଜନ ବେଜ ନିକଟରୁ ୧୮ ଲିଟର ବିୟର, ୩.୬ ଲିଟର ବିଦେଶୀ ମଦ ଏବଂ ୪. ୫ ଲିଟର ଜିଞ୍ଜିର ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବାସୁଦେବ ପାଥୋଲାବରେ ପ୍ରଶାସନର ଚଢ଼ଉ

**ସୋର, ୬।୮ (ସମିସ):** ସୋର ଥାନା ଅନ୍ତର୍ଗତ ବାଗୁଡ଼ି ବଜାରସ୍ଥିତ ବାସୁଦେବ ପାଥୋଲାବରେ ଆଜି ମଧ୍ୟାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବିଭିନ୍ନ କାଗଜପତ୍ର ଓ ରେକର୍ଡ ଯାଞ୍ଚ କରାଯାଇଛି। ବାଗୁଡ଼ି ବଜାରରେ ଦୀର୍ଘ ଦିନରୁ ଏହି ପାଥୋଲାବ ଚାଲିଥିବା ବେଳେ ଏଠାରେ ବେଆଇନ ଭାବେ ଔଷଧ ବିକ୍ରି କରାଯାଉଥିଲା। ଏହି ଖବର ପାଇ ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ମୋନାଲିସା ମଲ୍ଲିକ ସୋର ପୁଲିସ ସହଯୋଗରେ



ଚଢ଼ଉ କରିଥିଲେ। ଏହି ସମୟରେ ପାଥୋଲାବର ବିଭିନ୍ନ କାଗଜପତ୍ର, ଲାଇସେନ୍ସ, ରେଜିଷ୍ଟର ଇତ୍ୟାଦି ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଦୋକାନରେ ଥିବା ଔଷଧକୁ ଏହି ଟିମ ଜବତ କରିଥିବା ଜଣାପଡିଛି। ପରେ ରିପୋର୍ଟ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଇନ୍ସପେକ୍ଟର ମୋନାଲିସା ମଲ୍ଲିକ ସୂଚନା ଦେଇଛନ୍ତି।

## ବାଲେଶ୍ୱର ରେଳଷ୍ଟେସନ୍‌ରେ ମୋବାଇଲ୍ ଚୋରି ଉଦ୍ୟମ


**ବାଲେଶ୍ୱର, ୬।୮ (ସମିସ):** ବାଲେଶ୍ୱର ରେଲ୍‌ୱେ ଷ୍ଟେସନ୍‌ର ୱେଟିଙ୍ଗ୍ ହଲ୍‌ରେ ମୋବାଇଲ୍ ଚାର୍ଜରେ ବସିଥିବା ମୋବାଇଲକୁ ଜଣେ ଯୁବକ ଚୋରି କରି ପଳାଉଥିବା ବେଳେ ସତର୍କ ଯାତ୍ରୀମାନଙ୍କ ଦ୍ୱାରା ଧରାପଡିଛି। ଯାତ୍ରୀମାନଙ୍କ ତୁରନ୍ତ ପଦକ୍ଷେପ ଯୋଗୁଁ ମୋବାଇଲ୍ ଚୋର ଧରାପଡିବା ସହ ଚୋରି ଉଦ୍ୟମ ବିଫଳ ହୋଇଛି। ଜଣେ ଯାତ୍ରୀ ନିଜର ମୋବାଇଲ୍ ଫୋନ୍ ଚାର୍ଜରେ ଲଗାଇ ବସିଥିଲେ। ଏହି ସମୟରେ ଜଣେ ଯୁବକ ସୁଯୋଗ ଦେଖି ମୋବାଇଲ୍ ଟିକୁ ନେଇ ସେଠାରୁ ପଳାଇବାକୁ ଚେଷ୍ଟା କରୁଥିଲା। ଯାତ୍ରୀ ଜଣଙ୍କ ଚିତ୍କାର କରିବା ସହ ଆଖପାଖରେ ଥିବା ଅନ୍ୟ ଯାତ୍ରୀମାନେ ତୁରନ୍ତ ତତ୍ପର ହୋଇ ଯୁବକକୁ କାବୁ କରିଥିଲେ। ଏହାପରେ ତାଙ୍କୁ ଷ୍ଟେସନ୍‌ରେ ଉପସ୍ଥିତ ଥିବା ଆରପିଏଫ ପୁଲିସ୍ ହାତରେ ଜିମା ଦିଆଯାଇଥିଲା।



ଅଭିଯୁକ୍ତକୁ ପୁଲିସ ଜିମା

ପୁଲିସ୍ ଅଭିଯୁକ୍ତ ଯୁବକଙ୍କୁ ହେପାଜତକୁ ନେଇ ପଚରାଉଚୁରା କରୁଛି। ସେ ଆଗରୁ ମଧ୍ୟ ଏପରି ଘଟଣାରେ ସମ୍ପୃକ୍ତ ଅଛି କି ନାହିଁ ସେ ନେଇ ଖୋଳତାଡ ଚାଲିଛି। ଏଭଳି ଘଟଣା ପରେ ରେଲ୍‌ୱେ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ନିଜର ସାମଗ୍ରୀ ପ୍ରତି ସତର୍କ ରହିବାକୁ ଏବଂ ଚାର୍ଜରେ ଲଗାଇ ଛାଡି ଯିବା ପୂର୍ବରୁ ସାବଧାନ ହେବାକୁ ପରାମର୍ଶ ଦେଇଛନ୍ତି।

## ଧର୍ମପରାୟଣାଙ୍କ ପରଲୋକ



**ନୀଳଗିରି, ୬।୮ (ସମିସ):** ନୀଳଗିରି ଏନ୍.ଏ.ସି ୨ନଂ ୱାର୍ଡ ଘାଟଘରସାହି ଗ୍ରାମର ଧର୍ମପରାୟଣ ମହିଳା ତଥା ରଘୁନାଥ ବିରବରଙ୍କ ସ୍ତ୍ରୀ କିରଣପ୍ରଭା ଜେମା ଦେବୀଙ୍କ ୮୪ବର୍ଷ ବୟସରେ ପରଲୋକ ହୋଇଛି। କିରଣପ୍ରଭା ଜେମା ଦେବୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱର କେପିଟାଲ୍ ହସ୍ପିଟାଲ କୁ ନିଆଯାଇ ଚିକିତ୍ସା ହେଉଥିଲା ବେଳେ ମଙ୍ଗଳବାର ରାତ୍ରୀ ୧୦ ଘଟିକା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ତିନି ପୁଅ ବୋହୂ, ଝିଅ, ଜୋଇଁ, ପୁତୁରା, ନାତି, ନାତୁଣୀ, ଭାଇ, ଭାଉଜ, ସର୍ବୋପରି ତାଙ୍କର ଦେବର ସତ୍ୟପ୍ରକାଶ ବିରବର ତଥା ସାନ ଯା ତ୍ରିବେଣୀ ଜେମାଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ଥିଲେ ଜଣେ ଭାବ ଭକ୍ତିରସର ମହିଳା। ତାଙ୍କ ମୃତ୍ୟୁ ଖବର ପାଇ ସହରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର କୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଭୋଜି ଖାଇ ଦୁଇଶହ ଅସୁସ୍ଥ { ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି



**ଜଳେଶ୍ୱର, ୬।୮ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖରିଦା ଗାଁର ଜନୈକ ବ୍ୟକ୍ତିଙ୍କ ଘରେ ଭୋଜି ଖାଇ ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅସୁସ୍ଥ ହୋଇ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। ଖରିଦା ଗାଁର ବିଜୟ ମହାନ୍ତିଙ୍କ ନୂତନ ଘର ପ୍ରତିଷ୍ଠା ଉପଲକ୍ଷେ ସତ୍‌ସଂଗ ଅନୁଷ୍ଠିତ ହୋଇଥିଲା। ବନ୍ଧୁ ବାନ୍ଧବ ସହିତ ଗାଁ ଲୋକମାନଙ୍କୁ ନିମନ୍ତ୍ରଣ କରିଥିଲେ। ସଂଧ୍ୟାରେ ଅନୁଷ୍ଠିତ୍ ସତ୍‌ସଂଗ ପରେ ଭୋଜିର ବ୍ୟବସ୍ଥା ହୋଇଥିଲା। ଭୋଜି ଖାଇଥିବା ଲୋକଙ୍କ ମଧ୍ୟରୁ ଆଜି ସକାଳେ ଝାଡା, ପେଟ ଯନ୍ତ୍ରଣା, ଜ୍ୱର ଲାଗି ରହିବାରୁ ସଂଧ୍ୟାସୁଦ୍ଧା ପ୍ରାୟ ୪୫ରୁ ଅଧିକ ପୀଡ଼ିତ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏପରିକି ଘର ମାଲିକ ଓ ପରିବାର ଲୋକମାନେ ମଧ୍ୟ ଏଥିରୁ ବାଦ୍ ଯାଇନାହାନ୍ତି। ବହୁ ରୋଗୀ ହସ୍‌ପିଟାଲକୁ ଆସିବା ଲାଗି ରହିଥିବାରୁ ହସ୍‌ପିଟାଲରେ ନାହିଁନଥିବା ଭିଡ ଦେଖିବାକୁ ମିଳିଛି। ପ୍ରିୟବ୍ରତ ହୁଇଙ୍କ ସହିତ ଅନ୍ୟଜଣକୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ବିଷାକ୍ତ ଖାଦ୍ୟ ଖାଇବାରୁ ଏପରି ଘଟଣା ହୋଇଥିବା ହସ୍‌ପିଟାଲ ଇନ୍‌ଚାର୍ଜ ଡା. ଦିଲ୍ଲୀପ ପାତ୍ର କହିଛନ୍ତି। ଖୁବ୍‌ଶୀଘ୍ର ଏକ ଡାକ୍ତରୀଦଳ ଗାଁକୁ ପଠାଯିବ ବୋଲି ସୂଚନା ମିଳିଛି। ଗାଁର ନନ୍ଦିନୀ ହୁଇ, ପ୍ରିୟଙ୍କା ହୁଇ, ରାଜନନ୍ଦିନୀ ପାଳ, ମୃତ୍ୟୁଞ୍ଜୟ ପାଳ, ସୁମିତ୍ରା ପାଳ, ଆଦିତ୍ୟ ହୁଇ, ପ୍ରିୟଙ୍କା ହୁଇ, ପୁଷ୍ପା ମହାନ୍ତି, ବଲରୀ ପାଳ, ସନ୍ୟାସୀ ପାଳ, ସ୍ନେହାଶ୍ରୀ ପାଳ, ରିନା ହୁଇ, ଅନନ୍ତ ପାଳ, ପଦ୍ମିନୀ ପାଳ, ମୋହନ ଗିରି, ରୂପଶ୍ରୀ ଗିରି, ରାଧାରାଣୀ ପାଳ, ପ୍ରଶାନ୍ତ ପାଳ, ଦୀପକ ମହାନ୍ତି, ସୁଚିସ୍ମିତା ଗିରିଙ୍କ ସହିତ ବହୁ ଲୋକ ଚିକିତ୍ସିତ ହେଉଛନ୍ତି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଭଣ୍ଡୁର ଉଦ୍ୟମ
## ଧସେଇ ପଶିଲେ ଶତାଧିକ ବିଜେପି କର୍ମୀ



**ବାଲେଶ୍ୱର(ଉତ୍ତର), ୬।୮ (ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବିଧାୟକ ବିଧାୟକ ପାଣ୍ଠି ର ବିନିଯୋଗରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକକୁ ଭଣ୍ଡୁର କରିବା ପାଇଁ ଆଜି ବିଜେପି କର୍ମୀମାନେ ପ୍ରୟାସ କରିଥିବା ଜଣା ପଡ଼ିଛି। ବିଡ଼ିଓ ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ ଶାନ୍ତି ଶୃଙ୍ଖଳାର ସହିତ ବୈଠକ ଚାଲିଥିଲା ବେଳେ ହଠାତ ଶତାଧିକ ବିଜେପି କର୍ମୀ ମାନେ ସଭା ଗୃହକୁ ଧସେଇ ପଶି ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତର ମହିଳା ଲୋକ ପ୍ରତିନିଧି, ମହିଳା ଅଧିକାରୀ ଉପସ୍ଥିତ ରହିଥିଲେ ମଧ୍ୟ ସମ୍ପୃକ୍ତ କର୍ମୀମାନେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ସେଠାରେ ଉପସ୍ଥିତ ଥିବା ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧି ମାନେ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ହଟ୍ଟଗୋଳ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଭୋଗରାଇ ବିଡ଼ିଓ ପ୍ରଶାନ୍ତ ମହାରଣା ସେମାନଙ୍କୁ ସଭା କକ୍ଷରୁ ବାହାରି ଯିବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନଥିଲେ। ଶେଷରେ ଭୋଗରାଇ ଥାନାକୁ ଖବର ଦିଆଯିବା ପରେ ପୁଲିସ ପହଞ୍ଚି ସେମାନଙ୍କୁ ବାହାର କରିବା ପରେ ସମୀକ୍ଷା ବୈଠକ ପୁଣି ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ ବିଜେପି ଦଳର କର୍ମୀ ଙ୍କ ଏତାଦୃଶ୍ୟ କାର୍ଯ୍ୟ କଳାପ କୁ ନେଇ ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ ଉନ୍ନୟନ କାର୍ଯ୍ୟକୁ ଦେଖି ବିଜେପି ଦଳ ସହି ପାରୁ ନାହିଁ। ସେମାନେ ହତୋତ୍ସାହ ହୋଇ ପଡିଛନ୍ତି। ସେଥିପାଇଁ ଦଳର କର୍ମୀ ମାନେ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ବାରମ୍ବାର ଅପଚେଷ୍ଟା କରୁଛନ୍ତି।ଏହାକୁ ଭୋଗରାଇ ବାସୀ କେବେ କ୍ଷମା କରିବେ ନାହିଁ। ଭୋଗରାଇ ବିଜେଡି ପକ୍ଷରୁ ମଧ୍ୟ ବିଜେପି କର୍ମୀଙ୍କ ଏଭଳି ଦାଦାଗିରିକୁ ନିନ୍ଦା କରାଯିବା ସହିତ ଭବିଷ୍ୟତରେ ଯଦି ପୁଣି ଏହଭଳି ଅପାଚେଷ୍ଟା କରନ୍ତି ତେବେ ତା'ର ଦୃଢ଼ ଜବାବ ଦିଆଯିବ।

## ୧୦ କୋଟି ନିଶାମୁକ୍ତ ଭାରତ ପ୍ରତିଜ୍ଞା ମହାଅଭିଯାନ ଶୁଭାରମ୍ଭ



**ବାଲେଶ୍ୱର, ୬।୮ (ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲେଶ୍ୱର ସେବାକେନ୍ଦ୍ରରେ "୧୦ କୋଟି ନିଶାମୁକ୍ତ ଭାରତ ପ୍ରତିଜ୍ଞା ମହାଅଭିଯାନ'ର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ବ୍ରହ୍ମାକୁମାରୀ ବାଲେଶ୍ୱର, ଅବକାରୀ ବିଭାଗ ଏବଂ ବିଭିନ୍ନ ସରକାରୀ ଓ ସାମାଜିକ ସଂସ୍ଥାର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଡଃ ବ୍ରଜ କିଶୋର ଗିରି, ବରିଷ୍ଠ ମନସ୍ତତ୍ତ୍ୱ ପରାମର୍ଶଦାତା, ଡ. ସଞ୍ଜିବ କୁମାର ପ୍ରଧାନ, ଏବିପିଏଚଡି କୁଷ୍ଠ ରୋଗ ବିଭାଗ, ବାଲେଶ୍ୱର ଏବଂ ବି.କେ ମଧୁସ୍ମିତା, ଅଧ୍ୟକ୍ଷା, ସୁଲଗ୍ନା ସ୍କୁଲ, ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡ଼ଃ ଅମୂଲ୍ୟ, ଏଡିଏମଓ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସ୍ୱପ୍ନା ସାହୁ ଅବକାରୀ ବିଭାଗ, ବାଲେଶ୍ୱର, ମାନସ କୁମାର ଦତ୍ତ, ସଦର ବିଧାୟକ, ସୁବାସିନୀ ଜେନା, ବସ୍ତା ବିଧାୟିକା ଏବଂ ଲମ୍ବୋଦର ମହାନ୍ତି, ଏଏସଆଇ, ଅବକାରୀ ବିଭାଗ, ବାଲେଶ୍ୱର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଲେଶ୍ୱର ବ୍ରହ୍ମାକୁମାରୀ ମୁଖ୍ୟ ବି.କେ. ପ୍ରମିଳା ଭଉଣୀ ସମସ୍ତ ଅତିଥିଙ୍କୁ ସ୍ୱାଗତ କରି ନିଶାମୁକ୍ତ ସମାଜ ଗଠନ ପାଇଁ ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ରାଜଯୋଗ ଧ୍ୟାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନଶାମୁକ୍ତ ଭାରତ ଅଭିଯାନ ସଂଯୋଜକ ବି.କେ. ଗଣେଶ ଏହି ମହାଅଭିଯାନର ଉଦ୍ଦେଶ୍ୟ, କାର୍ଯ୍ୟ ଯୋଜନା ଏବଂ ଆଗାମୀ ଦିନର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସମସ୍ତ ଉପସ୍ଥିତ ଅତିଥି, ଶିକ୍ଷକ, ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ "ନିଶାମୁକ୍ତ ଭାରତ ପ୍ରତିଜ୍ଞା' ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବି.କେ. ମିନତି ଭଉଣୀ ଓ ବି.କେ. ସୁଭାଶ୍ରୀ ଭଉଣୀ ସହଯୋଗ କରିଥିଲେ। ଏହି ୧୦ କୋଟି ନିଶାମୁକ୍ତ ଭାରତ ପ୍ରତିଜ୍ଞା ମହାଅଭିଯାନ ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀ, ଯୁବବର୍ଗ, ଶିକ୍ଷକ, ସରକାରୀ କର୍ମଚାରୀ ଏବଂ ସାଧାରଣ ଜନସାଧାରଣଙ୍କ ମଧ୍ୟରେ ନିଶାମୁକ୍ତିର ବାର୍ତ୍ତା ପହଞ୍ଚାଇ ଏକ ସୁସ୍ଥ, ସଶକ୍ତ ଓ ନୈତିକ ଭାରତ ଗଠନ ଦିଗରେ ଏକ ସାର୍ଥକ ପଦକ୍ଷେପ ନିଆଯାଇଛି।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ସିନେଟ୍ ସଦସ୍ୟ ଭାବେ ସାଂସଦ ମନୋନୀତ

**ନୀଳଗିରି, ୬।୮ (ସମିସ):** ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪ର ଧାରା ୯(୧) (କ୍ୟୁ) ଅନୁଯାୟୀ ବାଲେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତିଙ୍କ ଆଦେଶକ୍ରମେ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶ୍ରୀ ଷଡ଼ଙ୍ଗୀଙ୍କ ଏହି ମନୋନୟନ ତାଙ୍କ ସାଂସଦ ପଦର କାର୍ଯ୍ୟକାଳ ସମାପ୍ତ ହେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ଜାରି ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଓ ପରାମର୍ଶଦାତା ସଂସ୍ଥା ଭାବେ ପରିଚିତ ସିନେଟ୍‌ରେ ଶ୍ରୀ ଷଡ଼ଙ୍ଗୀଙ୍କ ମନୋନୟନକୁ ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଯାଉଛି। ତାଙ୍କର ଅଭିଜ୍ଞତା ଓ ଦୀର୍ଘଦିନର ସାର୍ବଜନିକ ସେବା ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଓ ପ୍ରଶାସନିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଡାକ୍ତର ଶ୍ରୀକାନ୍ତ ଦାସଙ୍କ ଦେହାନ୍ତ

**ବାଲେଶ୍ୱର, ୬।୮ (ସମିସ):** ବାଲେଶ୍ୱରର ଜଣାଶୁଣା ବରିଷ୍ଠ ମେଡ଼ିସିନ ସ୍ପେଶାଲିଷ୍ଟ ଶ୍ରୀକାନ୍ତ ଦାସଙ୍କର ଆଜି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଦେହାନ୍ତ ହୋଇ ଯାଇଛି। ମୃତ୍ୟୁ ବେଳକୁ ଡାକ୍ତର ଦାସ ଙ୍କୁ ୭୯ ବର୍ଷ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଏବଂ ସୁନାମ ଡାକ୍ତର ହିସାବ ରେ ବାଲେଶ୍ୱର ହସ୍ପିଟାଲରେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଝାଡେଶ୍ୱର ମନ୍ଦିର ପାଖ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ବେଳେ ତାଙ୍କ ଦୁଇଝିଅ, ପୁଅ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ଶେଷକୃତ୍ୟ ସମ୍ପନ୍ନ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆ ଯାଇଥିଲା।

## ପସରବିନ୍ଧା ପ୍ରାଥମିକ ବିଦ୍ୟାଳୟ ▶ ଶିକ୍ଷକ ଅଭାବକୁ ନେଇ ଜନଅସନ୍ତୋଷ

ଚନ୍ଦନେଶ୍ୱର, ୬।୮ (ସମିସ)




ଭୋଗରାଇ ବ୍ଲକ ଅନ୍ତର୍ଗତ ପସରବିନ୍ଧା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ ପସରବିନ୍ଧା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ତୀବ୍ର ଜନ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜନ୍ମେଜୟ ସାହୁଙ୍କୁ ଗତ ଜୁଲାଇ ୨୨ ତାରିଖରେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କୌଣସି ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି।

ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବା ବେଳେ ପୂର୍ବରୁ ମାତ୍ର ତିନିଜଣ ଶିକ୍ଷକଙ୍କ ଉପରେ ସମଗ୍ର ଶିକ୍ଷାଦାନର ଦାୟିତ୍ୱ ନିର୍ଭର କରୁଥିଲା। ଦୀର୍ଘଦିନ ଧରି ଆଉ ଜଣେ ଶିକ୍ଷକ ନିଯୁକ୍ତି ପାଇଁ ସ୍ଥାନୀୟ ଜନପ୍ରତିନିଧି ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରାଯାଇ ଆସୁଥିଲା। ମାତ୍ର ନୂତନ ଶିକ୍ଷକ ନିଯୁକ୍ତି ବଦଳରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ଆସିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଏହି ବଦଳିକୁ ସ୍ଥାନୀୟ ସ୍ତରରେ ବିରୋଧ କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ତୁରନ୍ତ ଜଣେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ବଦଳିର ପ୍ରାୟ ଦୁଇ ସପ୍ତାହ ବିତିଯାଇଥିଲେ ମଧ୍ୟ ସେହି ପ୍ରତିଶ୍ରୁତି ପାଳନ ହୋଇନଥିବାରୁ ଏବେ ସମଗ୍ର ବିଦ୍ୟାଳୟରେ ମାତ୍ର ଦୁଇଜଣ ଶିକ୍ଷକ ଛଅଟି ଶ୍ରେଣୀର ପାଠପଢ଼ା ପରିଚାଳନା କରୁଛନ୍ତି। ଏପରି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ଭାବେ ବ୍ୟାହତ ହେଉଥିବା ସହ ଶିକ୍ଷାର ଗୁଣବତ୍ତା ପ୍ରଭାବିତ ହେଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ସୁମନ୍ତ ବେହେରା, ପଞ୍ଚାୟତ ସମିତି ସଦସ୍ୟ ପଙ୍କଜ ଜେନା, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ କହିଛନ୍ତି ଯେ, ଏଭଳି ଅବସ୍ଥା ଜାରି ରହିଲେ ସରକାରଙ୍କ "ଗୁଣାତ୍ମକ ପ୍ରାଥମିକ ଶିକ୍ଷା' ଲକ୍ଷ୍ୟ କେବଳ କାଗଜକଲମରେ ସୀମିତ ରହିଯିବ। ଗ୍ରାମାଞ୍ଚଳର ଶିଶୁମାନଙ୍କ ଭବିଷ୍ୟତ ସହ ଏପରି ଅବହେଳା ହେଉଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୃଷ୍ଣପ୍ରସାଦ ଦାସ, ଉପସଭାପତି ଭାରତୀ ସେଠୀ, ସୁପ୍ରକାଶ ବେହେରା, ପ୍ରଦୀପ କୁମାର ବେହେରା, ସୁଶାନ୍ତ ପାଇକରାୟ, ବସନ୍ତ କୁମାର ଦାସ, ପୂଜାରାଣୀ ଦାସ, ଅନିତା ପଣ୍ଡା, ଅର୍ଚ୍ଚନା ଦାସ, ହେମାବତୀ ଦାସ, ଗୀତାରାଣୀ ମିର୍ଦ୍ଧା, ୱାର୍ଡ ସଦସ୍ୟ ସୁଶାନ୍ତ ଦଣ୍ଡପାଟ, ଅଭିଭାବକ ଭଗବାନ ସେଠୀ, ରବୀନ୍ଦ୍ର ଜେନା, ପ୍ରାକ୍ତନ ସମିତି ସଦସ୍ୟ ପ୍ରଶାନ୍ତ ମିର୍ଦ୍ଧାଙ୍କ ସମେତ ବହୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ଯେ, ତୁରନ୍ତ ନୂତନ ଶିକ୍ଷକ ନିଯୁକ୍ତି କିମ୍ବା ବଦଳି ଆଦେଶ ବାତିଲ କରି ପୂର୍ବତନ ଶିକ୍ଷକଙ୍କୁ ପୁନଃ ଅବସ୍ଥାପିତ ନ କରାଗଲେ ବିଦ୍ୟାଳୟ ଓ ଶିକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଆନ୍ଦୋଳନ କରାଯିବ। ଏଥିପାଇଁ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ବେହେରା ଦାୟୀ ରହିବେ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଏହି ଘଟଣାକୁ ନେଇ ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଶିକ୍ଷା ବିଭାଗ କେବେ ପଦକ୍ଷେପ ନେଉଛି ତାହାକୁ ଅଭିଭାବକ ଓ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି।

ସକାଳ
THE SAKALA



# ସମ୍ପାଦକୀୟ



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

## ମନି ବିଲ୍ ବିବାଦ

ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ ରୁ ୩୮ ବୃଦ୍ଧି ପ୍ରସ୍ତାବକୁ ବୈଧାନିକ ସ୍ୱୀକୃତି ଦେବା ପାଇଁ କେନ୍ଦ୍ର ସରକାର 'ମନି ବିଲ୍' ବ୍ୟବସ୍ଥା ଉପଯୋଗ କରିଥିବାରୁ ବିତର୍କ ସୃଷ୍ଟି ହୋଇଛି। ୨୦୧୯ରେ ମଧ୍ୟ ସମାନ ଢଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ସାଧାରଣତଃ କନ୍‌ସୋଲିଡେଟେଡ୍ ଫଣ୍ଡ, କଣ୍ଟିଜେନ୍ସି ଫଣ୍ଡ, ବଜେଟ୍ ପ୍ରସ୍ତାବ, ଟିକସ ପ୍ରସ୍ତାବ ଆଦି ଅର୍ଥସଂକ୍ରାନ୍ତ ବିଧେୟକଗୁଡ଼ିକୁ ସଂସଦରେ ପାରିତ କରିବା ପାଇଁ 'ମନି ବିଲ୍' ବ୍ୟବସ୍ଥା ସମ୍ବିଧାନର ୧୧୦ ଧାରାରେ ଉଲ୍ଲେଖ ରହିଛି। ସମ୍ପ୍ରତି ସର୍ବୋଚ୍ଚ ନ୍ୟାୟାଳୟର ଅତିରିକ୍ତ ଚାରି ବିଚାରପତି ପଦ ସୃଷ୍ଟି ପାଇଁ ଦରମା, ଭତ୍ତା, ଆବାସିକ ଖର୍ଚ୍ଚ, ସୁରକ୍ଷା ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଆଦିକୁ ମିଶାଇ ସାମଗ୍ରିକ ଭାବେ ୧୪ କୋଟି ୪ ଲକ୍ଷ ୧୭ ହଜାର ୬୪୮ ଟଙ୍କାର ଅତିରିକ୍ତ ଆର୍ଥିକ ଭାର ରାଜକୋଷ ଉପରେ ପଡ଼ିବ। ତେଣୁ ସୁପ୍ରିମକୋର୍ଟ(ବିଚାରପତି ସଂଖ୍ୟା) ସଂଶୋଧନ ବିଧେୟକ-୨୦୨୬କୁ 'ମନି ବିଲ୍' ଭାବରେ ଲୋକସଭାରେ ପାରିତ କରାଗଲା ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି।

ଅପରପକ୍ଷରେ ଯେତେବେଳେ ରାଜ୍ୟ ସଭାରେ କ୍ଷମତାସୀନ ଶାସକ ଦଳର ବହୁମତ ନ ଥାଏ ସେତେବେଳେ କୌଣସି ବିଧେୟକ ପାରିତ କରି ଆଇନରେ ପରିଣତ କରିବା ପାଇଁ 'ମନି ବିଲ୍'ଉପଯୋଗ କରାଯାଇଥିବାର ଉଦାହରଣ ରହିଛି। ଏନ୍‌ଡିଏ ସରକାର ପୂର୍ବ ପାଳିରେ 'ପ୍ରିଭେନ୍‌ସନ୍ ଅଫ୍ ମନି ଲର୍ଡରିଂ ଆକ୍ଟ', 'ଆଧାର ଆଇନ୍' ଓ 'ଟ୍ରିବ୍ୟୁନାଲ୍ ନିଯୁକ୍ତି ସେବା ଆଇନ୍'କୁ 'ମନି ବିଲ୍' ଜରିଆରେ ପାରିତ କରାଯିବା ପରେ ଏହାର ସାମ୍ବିଧାନିକ ବୈଧତା ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାୟର ହୋଇଥିଲା। ଏଥିମଧ୍ୟରୁ 'ଆଧାର ଆଇନ' ପାରିତ ପ୍ରକ୍ରିୟାକୁ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ସଙ୍ଗତ ବୋଲି ରାୟ ଦେଇଥିବା ବେଳେ 'ଟ୍ରିବ୍ୟୁନାଲ୍ ଆଇନ୍' ପ୍ରକ୍ରିୟାକୁ ଅସାମ୍ବିଧାନିକ ଦର୍ଶାଇ ଖାରଜ କରିଦେଇଥିଲେ। ସେହିପରି 'ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ'ର ସାମ୍ବିଧାନିକ ବୈଧତା ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ରହିଛି। ୨୦୧୮ ରେ ତତ୍କାଳୀନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ 'ଆଧାର ଆଇନ' ସମ୍ପର୍କିତ ମାମଲା ଶୁଣାଣି ବେଳେ ପ୍ରତ୍ୟକ୍ଷ ଆର୍ଥିକ ସମ୍ପର୍କ ନଥିବା ବିଧେୟକଗୁଡ଼ିକୁ ମନି ବିଲ୍ ଜରିଆରେ ପାରିତ କରାଇ ନେବାର ଉଦ୍ୟମକୁ 'ଗଳା ବାଟ' ବା 'ଠକେଇ' ଭାବେ ଅଭିହିତ କରିଥିଲେ।

ତେଣୁ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ 'ମନି ବିଲ୍' ସାହାରା ନେବା ସମ୍ବିଧାନର ଦୁରୁପଯୋଗ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଏବେ ସଂସଦରେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରହିଥିବାରୁ କେନ୍ଦ୍ର ସରକାର 'ମନି ବିଲ୍' ଜରିଆରେ ଅତ୍ୟାବଶ୍ୟକ ଅତିରିକ୍ତ ବିଚାରପତି ନିଯୁକ୍ତି ବିଧେୟକକୁ ପାରିତ କରାଇ ନେବାକୁ ଉଚିତ ମଣିଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ବିଚାରାଧୀନ ମାମଲାର ବିଚାର ପ୍ରକ୍ରିୟା ଓ ଫଇସଲା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା ସଞ୍ଚାର ହୋଇଛି। ●

## ସ୍ୱାଗତଯୋଗ୍ୟ ରାୟ

ସଡ଼କ ପଥରେ ପରିବହନ, ଗମନାଗମନ, ଯାନବାହନ ସଂଖ୍ୟା ବୃଦ୍ଧି ସହିତ ଦୁର୍ଘଟଣା ପରିସଂଖ୍ୟାନ ମଧ୍ୟ ବଢ଼ି ଚାଲିଛି। ଦୁର୍ଘଟଣାରେ ମୃତ, ଆହତ ଓ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ମୋଟର ଯାନ ଆଇନ ୧୯୮୮ ଧାରା ୧୪୬ ଅନୁଯାୟୀ ଗାଡ଼ିଚାଳକ/ଗାଡ଼ି ମାଲିକଙ୍କ ପାଇଁ ତୃତୀୟପକ୍ଷ ବୀମା ବାଧ୍ୟତାମୂଳକ କରାଯାଇଛି। ଏହା ସତ୍ତ୍ୱେ ଅନେକ ଗାଡ଼ିଚାଳକ ବୀମାଧାରୀ ଭାବେ ପଞ୍ଜିକୃତ ହେଉ ନାହାନ୍ତି କିମ୍ବା ବୀମାର ନବୀକରଣ କରୁନାହାନ୍ତି। ଫଳରେ ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ କ୍ଷତିପୂରଣ ମିଳିପାରୁନାହିଁ। ଏଥିରେ ଉଦ୍‌ବେଗ ପ୍ରକାଶ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଏକ ସ୍ୱାଗତଯୋଗ୍ୟ ବାଟ ବାହାର କରିଛନ୍ତି। ଯେଉଁମାନଙ୍କର ବୀମା ନବୀକରଣ ହୋଇନାହିଁ ବା ଆଦୌ ବୀମା ନାହିଁ ସେମାନଙ୍କୁ ପେଟ୍ରୋଲ୍/ଡିଜେଲ୍ ନ ଦେବା ଏବଂ କୌଣସି ବାହନଚାଳକ ବୀମାଧାରୀ କି ନୁହନ୍ତି ତାହା ସାଧାରଣ ନାଗରିକ ଜାଣିପାରିବା ଭଳି ବ୍ୟବସ୍ଥା ବିକାଶ ଦିଗରେ ଦୃଷ୍ଟି ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ୨୦୨୪ ଡିସେମ୍ବର ମାସରେ ସଂସଦର ଅର୍ଥ ମନ୍ତ୍ରଣାଳୟର ସ୍ଥାୟୀ କମିଟି ପ୍ରଦତ୍ତ ଏକ ରିପୋର୍ଟକୁ ଉଦ୍ଧାର କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଦେଶରେ ସେହି ସମୟରେ ମୋଟ ୧୬ କୋଟି ୫୪ ଲକ୍ଷ ଯାନ ପଞ୍ଜିକୃତ ହୋଇଥିବା ବେଳେ ମାତ୍ର ୪୪ ପ୍ରତିଶତ ଗାଡ଼ିମାଲିକଙ୍କ ନାମରେ ବୀମା ରହିଥିଲା। ଦେଶରେ ବର୍ଷକୁ ହାରାହାରି ୪ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିମଧ୍ୟରୁ ମାତ୍ର ୨୨% ବୀମାଭୁକ୍ତ। ଗାଡ଼ି ଚାଳକମାନଙ୍କର ଏଭଳି ମାନସିକତାକୁ ପ୍ରତିହତ କରିବା ପାଇଁ 'ବାହନ ପୋର୍ଟାଲ୍' ସହିତ ବୀମା ସୂଚନା ବ୍ୟୁରୋକୁ ସଂଲଗ୍ନ କରିପାରିବା ଭଳି ବ୍ୟବସ୍ଥା ବିକଶିତ କରିବା ଉପରେ ଖଣ୍ଡପୀଠ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିସହିତ ପ୍ରତି ଗାଡ଼ିର ବୀମା ଯାଞ୍ଚ କରିବା ଲାଗି ପୁଲିସ୍‌କୁ ଅଧିକୃତ କରିବା, ଜାତୀୟ ରାଜପଥମାନଙ୍କରେ 'ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ' ଓ 'ଇଚାଲାଣ' ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପକ୍ଷ ବୀମା ଅବଧିକୁ ଦୁଇଚକିଆ ଯାନ ପାଇଁ ୬ ବର୍ଷ ଓ ଚାରିଚକିଆ ଯାନ ପାଇଁ ୪ ବର୍ଷକୁ ବୃଦ୍ଧି କରି ଏହାକୁ ତତ୍କାଳ ଲାଗୁ କରିବାକୁ ଖଣ୍ଡପୀଠ ବୀମା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ୨୦୧୮ ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟରେ ଏହି ଅବଧି ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ଯଥାକ୍ରମେ ୫ ବର୍ଷ ଓ ୩ ବର୍ଷ ରହିଥିଲା। ଏଥିସହିତ ବୀମା କମ୍ପାନୀମାନେ ଉପଭୋକ୍ତା ଅନୁକୂଳ ହେବାକୁ ରାୟରେ ପରାମର୍ଶ ଦିଆଯାଇଛଇ। ୨୦୨୨ ମାର୍ଚ୍ଚ ମାସରୁ ଯେଉଁ ମାମଲାଗୁଡ଼ିକ ବିଚାରାଧୀନ ରହିଛି ତାହା ତ୍ୱରାନ୍ୱିତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ପୀଡ଼ିତମାନେ ଉପକୃତ ହେବେ। ସର୍ବାଦୌ ଏଭଳି ରାୟ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ। ●

## ସ୍ୱଚ୍ଛ ଇନ୍ଧନ ବନାମ ଗ୍ରାହକଙ୍କ ସ୍ୱାର୍ଥ

**ବରୁଣ କୁମାର ମହାପାତ୍ର**

ଭାରତରେ 'ଇ୨୦' ଇନ୍ଧନର ପ୍ରଚଳନ ସମ୍ପ୍ରତି ଏକ ଜାତୀୟ ବିତର୍କ ପାଲଟିଛି। ସରକାର ଏହାକୁ ଦେଶର ଶକ୍ତି ସୁରକ୍ଷା ଓ ସ୍ୱଚ୍ଛ ପରିବେଶ ପାଇଁ ଏକ ବୈପ୍ଳବିକ ପଦକ୍ଷେପ ବୋଲି କହୁଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଦେଶବ୍ୟାପୀ ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଥିବା ବେଳେ ସାଧାରଣ ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମନରେ କିନ୍ତୁ ଏହି ମିଶ୍ରଇନ୍ଧନକୁ ନେଇ ଅନେକ ପ୍ରଶ୍ନ ଓ ଆଶଙ୍କା ସୃଷ୍ଟି ହୋଇଛି।



'ଇ୨୦' ହେଉଛି ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ। ଇଥାନଲ ଏକପ୍ରକାର ଜୈବ ଇନ୍ଧନ, ଯାହା ମୁଖ୍ୟତଃ ଆଖୁ, ମକା, ବାର୍ଲି ଆଦି କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଏ। 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମ ଅଧୀନରେ ସରକାର ଏହି ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ୨୦୧୩-୧୪ରେ ଇଥାନଲ ମିଶ୍ରଣ ହାର ୧.୫ ପ୍ରତିଶତରୁ କମ୍ ଥିଲା ବେଳେ ସମ୍ପ୍ରତି ସରକାର ଏହାକୁ ୨୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। 'ଇ୨୦' ଲକ୍ଷ୍ୟ ହାସଲ ପାଇଁ ୨୦୩୦ ଥିଲା ସମୟସୀମା। ଭାରତ କିନ୍ତୁ ଧାର୍ଯ୍ୟ ସମୟସୀମାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିପାରିଛି।

ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରିଥାଏ। ଏଥିପାଇଁ ପ୍ରତିବର୍ଷ ପାଖାପାଖି ୧୫୦ ବିଲିଅନ ଡଲାର ଖର୍ଚ୍ଚ କରିଥାଏ। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବଢ଼ିଲେ ଦେଶର ଅର୍ଥନୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ, ଯାହା ସମ୍ପ୍ରତି ମଧ୍ୟପ୍ରାଚ୍ୟ ସଂକଟରୁ ଅନୁମେୟ। ତେଣୁ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସବୁଜଗୃହ ବାଷ୍ପ ନିର୍ଗମନ କମାଇବା ଉଦ୍ଦେଶ୍ୟରେ ଭାରତ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦିଗରେ ପଦକ୍ଷେପ ନେଇଛି। ଏହାଦ୍ୱାରା ବିଦେଶୀ ମୁଦ୍ରାଭଣ୍ଡାର ଉପରେ ଚାପ କମିବ ଏବଂ କୃଷିଭିତ୍ତିକ ଶିଳ୍ପକୁ ବି ବଜାର ମିଳିବ ବୋଲି ଭାରତ ସରକାର ଯୁକ୍ତି ବାଢ଼ିଛନ୍ତି। ଇଥାନଲ ଏକ ନବୀକରଣଯୋଗ୍ୟ ଜୈବ ଇନ୍ଧନ ହୋଇଥିବାରୁ ଏହାର ବ୍ୟବହାର ପେଟ୍ରୋଲ, ଡିଜେଲ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହାଛଡ଼ା 'ଇ୨୦' ଦ୍ୱାରା ବାୟୁମଣ୍ଡଳକୁ କ୍ଷତିକାରକ ଗ୍ୟାସର ନିର୍ଗମନ କମିବ। ଯାହା ବାୟୁ ପ୍ରଦୂଷଣ ହ୍ରାସ କରିବାରେ ସହାୟକ ହେବ।

ଇଥାନଲ ମିଶ୍ରିତ ଇନ୍ଧନ ଆଧୁନିକ ଯାନବାହନ ପାଇଁ ଅନୁକୂଳ ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ 'ଇ୨୦'କୁ ନେଇ ଗାଡ଼ିଚାଳକ ବିଶେଷକରି ୨୦୨୩ ପୂର୍ବରୁ ନିର୍ମିତ ଗାଡ଼ି ମାଲିକମାନଙ୍କ ସନ୍ଦେହ ଦୂରୀଭୂତ ହେଉନାହିଁ। ସେମାନଙ୍କ ଅଭିଯୋଗ ଯେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଯୋଗୁଁ ସେମାନଙ୍କ ଗାଡ଼ିର ମାଇଲେଜ୍ କମି ଯାଉଛି। ଇଞ୍ଜିନ ଖରାପ ହେଉଛି। ଏହି ଇନ୍ଧନର ବ୍ୟବହାର ଯୋଗୁଁ ଦୀର୍ଘକାଳୀନ ପ୍ରତିକୂଳ ପ୍ରଭାବ ନେଇ ଗାଡ଼ି ମାଲିକଙ୍କ ଆଶଙ୍କା ଅମୂଳକ ନୁହେଁ ବୋଲି ମଧ୍ୟ ବିଶେଷଜ୍ଞମାନେ କହିଛନ୍ତି। ସେମାନଙ୍କ ମତରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ପୁରୁଣା ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଢ଼ିପାରେ। ୨୦୨୩ ପରେ ନିର୍ମିତ କିଛି ଇଥାନଲ ଅନୁକୂଳ ଯାନ ଏହି ମିଶ୍ରପେଟ୍ରୋଲ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଏ ବାବଦରେ ସ୍ପଷ୍ଟ ମାର୍ଗଦର୍ଶିକାର ଅଭାବ ସହ ୱାରେଣ୍ଟି ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟ ଉଠିଛି।

ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ କୌଣସି ସମସ୍ୟା ଉପୁଜିଲେ ତାହାକୁ ଗାଡ଼ି ନିର୍ମାତାମାନେ ୱାରେଣ୍ଟି ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ତେବେ କେନ୍ଦ୍ର ସରକାର ଉପରୋକ୍ତ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଥିଲେ ମଧ୍ୟ ଗ୍ରାହକଙ୍କ ସନ୍ଦେହ ଓ ଦ୍ୱନ୍ଦ୍ୱ ଦୂର କରିବା ପାଇଁ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି। ଅବଶ୍ୟ କିଛି ପୁରୁଣା ଯାନରେ ସମସ୍ୟା କଥାକୁ କିଛି ଗାଡ଼ି ନିର୍ମାତା ମାନିଛନ୍ତି। 'ଇ୨୦' ବ୍ୟବହାର ଦ୍ୱାରା କେତେକ ଗାଡ଼ିରେ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ମାଇଲେଜ୍ କମିପାରେ ବୋଲି ତୈଳ ମନ୍ତ୍ରାଳୟ ସ୍ୱୀକାର କରିଛି। ସେପଟେ ବିରୋଧୀ ଦଳଙ୍କ ଅଭିଯୋଗ ହେଉଛି ଯେ ଇଥାନଲ ଉତ୍ପାଦନରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପରିବାରର ବ୍ୟବସାୟିକ ସ୍ୱାର୍ଥ ଜଡ଼ିତ ଥିବାରୁ ଏହି ମିଶ୍ରଇନ୍ଧନ ନୀତିକୁ କାର୍ଯ୍ୟକାରୀ କରାଯାଉଛି। ଏ ସବୁ ଆପତ୍ତି ଓ ଅଭିଯୋଗ ସତ୍ତ୍ୱେ 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମକୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରିସାରିଛନ୍ତି ସରକାର।

ଗାଡ଼ି ଗ୍ରାହକଙ୍କ ବ୍ୟତୀତ 'ଇ୨୦' ନେଇ ପରିବେଶବିତ୍‌ମାନଙ୍କର ମଧ୍ୟ କିଛି ଆପତ୍ତି ରହିଛି। ଇଥାନଲଯୁକ୍ତ ଇନ୍ଧନ ଯୋଗୁଁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଖୁ ଭଳି ଫସଲ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ। ଯଦି ଇଥାନଲ ଉତ୍ପାଦନ ପାଇଁ ଆଖୁ ଅଧିକମାତ୍ରାରେ ବ୍ୟବହୃତ ହୁଏ, ତେବେ ଜଳସଙ୍କଟ ଆହୁରି ଉତ୍କଟ ହୋଇପାରେ। ଏହାଛଡ଼ା ଜମି କିସମର ପରିବର୍ତ୍ତନ ସହ ଖାଦ୍ୟ ସୁରକ୍ଷା ଉପରେ ଚାପ ବଢ଼ିବା ଆଶଙ୍କା ରହିଛି। ଖାଦ୍ୟଚକ୍ର ଆଧାରିତ ଅଙ୍ଗାରକ ନିର୍ଗମନ ଦିଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପରିବେଶବିତ୍ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଭାରତ ଇଥାନଲ ପ୍ରସଙ୍ଗରେ ବ୍ରାଜିଲ ମଡେଲକୁ ଅନୁସରଣ କରୁଛି। ଇଥାନଲ ମିଶ୍ରଣ କ୍ଷେତ୍ରରେ ବ୍ରାଜିଲ ହେଉଛି ବିଶ୍ୱର ଅଗ୍ରଣୀ ଦେଶ। ୧୯୭୦ ଦଶକର ତୈଳ ସଙ୍କଟ ପରଠୁ ଏହି ଦକ୍ଷିଣ ଆମେରିକୀୟ ଦେଶରେ ୨୦ ରୁ ୮୫ ପ୍ରତିଶତ ଯାଏଁ ଇଥାନଲ ମିଶ୍ରଇନ୍ଧନ ବ୍ୟବହାର ହେଉଛି। ଏଥିପାଇଁ ସେଠାରେ ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ରହିଛି, ଯାହା ଶତ ପ୍ରତିଶତ ଇଥାନଲରେ ଚାଲେ। ଭାରତ ପାଇଁ ଆହ୍ୱାନ ହେଉଛି ବ୍ରାଜିଲ ଭଳି ପର୍ଯ୍ୟାୟକ୍ରମେ ବିକଶିତ ହୋଇଥିବା ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ଏଠାରେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ପାରିନାହିଁ। ଭବିଷ୍ୟତରେ ୮୫ ପ୍ରତିଶତ ଇଥାନଲ ମିଶ୍ରିତ(ଇ୮୫) ଇନ୍ଧନର ବ୍ୟବହାର ନେଇ ସରକାର ସଙ୍କେତ ଦେଇଥିବା ବେଳେ ଫ୍ଲେକ୍ସ-ଫ୍ୟୁଏଲ ଯାନର ଆବଶ୍ୟକତା ରହିଛି। ସରକାର ଏ ଦିଗ ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ।

'ଇ୨୦' ନେଇ ବିବାଦର ମୂଳ କାରଣ ବିଶ୍ୱାସ ଓ ସ୍ପଷ୍ଟ ସୂଚନାର ଅଭାବ। ଶକ୍ତି ସୁରକ୍ଷା, କୃଷକଙ୍କ ଆୟ ବୃଦ୍ଧି ଓ ଅଙ୍ଗାରକ ନିର୍ଗମନ ହ୍ରାସ ପାଇଁ ଇଥାନଲ ମିଶ୍ରିତ ଇନ୍ଧନ ଏକ ଦୂରଦର୍ଶୀ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ ସଫଳ କରିବା ଲାଗି କେବଳ ନୀତି ଘୋଷଣା କରିଦେଲେ ହେବ ନାହିଁ। ସରକାରଙ୍କୁ ଉଭୟ ପୁରୁଣା ଓ ନୂଆ ଯାନବାହନ ପାଇଁ ସ୍ପଷ୍ଟ ପ୍ରାୟୋଗିକ ମାର୍ଗଦର୍ଶିକା ଜାରି କରିବାକୁ ହେବ। ଏଥିସହ ସ୍ୱାଧୀନ ତଥା ନିରପେକ୍ଷ ବୈଜ୍ଞାନିକ ଅଧ୍ୟୟନର ଫଳାଫଳ ସାର୍ବଜନୀନ କରି ଗ୍ରାହକଙ୍କ ସନ୍ଦେହ ଦୂର କରିବାକୁ ପଡ଼ିବ। ଫ୍ଲେକ୍ସ-ଫ୍ୟୁଏଲ ଯାନକୁ ପ୍ରୋତ୍ସାହନ ଓ ଇଥାନଲ ଉତ୍ପାଦନରେ ଜଳ ଓ ଖାଦ୍ୟ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ବି ଜରୁରୀ। ଅନୁରୂପ ଭାବେ ଗାଡ଼ି କମ୍ପାନିମାନଙ୍କୁ ମଧ୍ୟ ପୁରୁଣା ଓ ନୂଆ ଯାନମାଲିକଙ୍କ ପାଇଁ ସ୍ପଷ୍ଟ ସୂଚନା ଦେବା ଉଚିତ। ସବୁଜ ତଥା ସ୍ୱଚ୍ଛ ଇନ୍ଧନ ଆଡ଼କୁ ଭାରତର ଯାତ୍ରା ଅପରିହାର୍ଯ୍ୟ। ତେବେ ବିଜ୍ଞାନ ଓ ପାରଦର୍ଶିତା, ଗ୍ରାହକଙ୍କ ସ୍ୱାର୍ଥ ଓ ପରିବେଶ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା ହୋଇପାରିଲେ ହିଁ ଏହି ଯାତ୍ରା ସଫଳ ହୋଇପାରିବ। ●

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

## ଯେଉଁଠି ଆତଙ୍କବାଦୀଙ୍କୁ ମହାପୁରୁଷ ଆଖ୍ୟା ଦିଆଯାଇଛି

**ପଞ୍ଚାନନ ଅଗ୍ରୱାଲା**

କମ୍ୟୁନିଷ୍ଟ ଶାସକ ଲେନିନ କହୁଥିଲେ, 'ମୋତେ ପିଲାମାନଙ୍କୁ ଶିଖାଇବାକୁ ଚାରିବର୍ଷ ଦିଆଯାଉ, ମୁଁ ଯେଉଁ ମଞ୍ଜି ପୋତିବି, ତା'କୁ କେହି ଉଖାଡ଼ି ପାରିବେ ନାହିଁ।' ଏବେ ଶିକ୍ଷା ମାଧ୍ୟମରେ ଏପରି କାହାଣୀମାନ ଗଢ଼ିବାକୁ ଉଦ୍ୟମ ହେଉଛି, ଯାହା ଦେଶ ସମାଜକୁ ବିଧ୍ୱଂସ ଆଡ଼କୁ ନେଇଯିବା ଥୟ। ଜାମ୍ମୁକାଶ୍ମୀରରେ କେନ୍ଦ୍ର ସରକାରଙ୍କ ପ୍ରଯୋଜିତ 'ସର୍ବଶିକ୍ଷା ଯୋଜନା' ସହିତ ଜଡ଼ିତ ବିଦ୍ୟାଳୟର ପାଠାଗାର ପାଇଁ ପୁସ୍ତକ ଚୟନରେ ପ୍ରତିଫଳିତ ମାନସିକତା ଆଧାରରେ ଏଭଳି ଆଶଙ୍କା ପ୍ରକାଶ ପାଉଛି। ସେହି ପୁସ୍ତକଗୁଡ଼ିକରେ ବିଚ୍ଛିନ୍ନତାବାଦ, ଆତଙ୍କବାଦ, ଭାରତ ବିରୋଧୀ ମାନସିକତା ପ୍ରତିଫଳିତ ହୋଇଛି। ବିବାଦର କେନ୍ଦ୍ରରେ ରହିଛି 'ପରସନାଲିଟିଜ୍ ଆଣ୍ଡ ଲିଜେଣ୍ଡସ ଅଫ୍ ଜାମ୍ମୁକାଶ୍ମୀର' ଏବଂ 'ଗ୍ରେଟ ପରସନାଲିଟିଜ୍ ଅଫ୍ ଜାମ୍ମୁ ଆଣ୍ଡ କାଶ୍ମୀର' ନାମକ ଦୁଇଟି ପୁସ୍ତକ।

ଉକ୍ତ ପୁସ୍ତକମାନଙ୍କରେ ଆତଙ୍କବାଦୀ ମକବୁଲ ଭଟ୍ଟ, ବିଚ୍ଛିନ୍ନତାବାଦୀ ସୟଦ ଅଲ୍ଲୀ ଶାହ ଗିଲାନୀ, ସବିର ଅହମ୍ମଦ ଶାହ, ମସରତ ଆଲମ, ମୀରଜାଇଜ ଉମର ଫାରୁକ, ମୌଲବୀ ଫାରୁକ ଭଳି ଦେଶବିରୋଧୀ ତତ୍ତ୍ୱମାନଙ୍କୁ ଜାମ୍ମୁକାଶ୍ମୀରର ମହାପୁରୁଷ ରୂପରେ ଏବଂ ଭାରତକୁ ନକାରାତ୍ମକ ରୂପେ ଚିତ୍ରିତ କରାଯାଇଛି। କୁଖ୍ୟାତ ଆତଙ୍କବାଦୀ ମକବୁଲ ଭଟ୍ଟକୁ ମହାନ କ୍ରାନ୍ତିକାରୀ କୁହାଯାଇଛି ଏବଂ ଜାମ୍ମୁକାଶ୍ମୀରକୁ ପାକିସ୍ତାନରେ ବିଲୟ ହୋଇଯିବାର ଯୁକ୍ତି ଦର୍ଶାଯାଇଛି। ଦୁର୍ଦ୍ଦାନ୍ତ ଅନ୍ତଃରାଷ୍ଟ୍ରୀୟ ଆତଙ୍କବାଦୀ ହାଫିଜ ସୟଦର ପ୍ରଶଂସାଗାନ କରାଯାଇଛି। ଭାରତକୁ ଜ ବ ର ଦ ଖ ଲ କ । ରୀ ଦମନକାରୀ ରାଜ୍ୟ ରୂପେ ବର୍ଣ୍ଣନା କରାଯାଇଛି।



ବିବାଦ ସାମ୍ନାକୁ ଆସିବା ପରେ ଜାମ୍ମୁକାଶ୍ମୀର ସରକାର ଦୁଇଟି ପୁସ୍ତକ ଉପରେ କଟକଣା ଜାରି କରି ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଠ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଦୁଇ ପୁସ୍ତକର ଲେଖକ ଆଉ ପ୍ରକାଶକମାନଙ୍କୁ କଳା ତାଲିକାଭୁକ୍ତ କରିଦିଆଯାଇଛି। ମାମଲାର ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ବିଶେଷଜ୍ଞ ସମିତିରେ କେଉଁ ସଦସ୍ୟ ଅଛନ୍ତି ଯେ ଏଭଳି ପୁସ୍ତକଗୁଡ଼ିକୁ କିଣିବା ପାଇଁ ସୁପାରିସ କରିଥିଲେ? ପୁସ୍ତକଗୁଡ଼ିକର ସ୍ୱୀକୃତି ପାଇଁ ବିଶେଷଜ୍ଞମାନଙ୍କ ସମିତି ଗଠନ କିଏ କରିଥିଲେ? ଆଉ କେଉଁ ଆଧାରରେ କରିଥିଲେ? ଏସବୁ ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ସୁନିୟୋଜିତ ଢଙ୍ଗରେ ଉପରିସ୍ଥ ଅଧିକାରୀମାନଙ୍କ ମାଧ୍ୟମରେ ପୁସ୍ତକ କିଣାଯାଇଥିବା ଅଭିଯୋଗ ହେଉଛି। ଏହା କିନ୍ତୁ ଚିନ୍ତା କରିବା କଥା ଭାରତ ସରକାରଙ୍କ ଶିକ୍ଷା ଯୋଜନାରେ ଜାମ୍ମୁକାଶ୍ମୀର ସରକାରଙ୍କ ନିର୍ଦ୍ଦେଶରେ ଏହି ପୁସ୍ତକକୁ ପଠନ ଉପଯୋଗୀ କରାଯାଉଛି। ଯାହା ଗୋଟିଏ ଦିଗରେ ଆତଙ୍କବାଦୀ ଆଉ ବିଚ୍ଛିନ୍ନତାବାଦୀମାନଙ୍କୁ ମହିମାମଣ୍ଡନ କରୁଛି। ଅନ୍ୟପକ୍ଷରେ ଭାରତର ଶାସନ କ୍ଷମତାକୁ ନକାରାତ୍ମକ ରୂପେ ଚିତ୍ରଣ କରି ଆମର ସାର୍ବଭୌମତ୍ୱ ଆଉ ଅଖଣ୍ଡତାକୁ ବିପଦରେ ପକାଇବା କାମ କରାଯାଉଛି। ଏହି ମାମଲାରେ ପୁସ୍ତକର ଲେଖକ ଓ ପ୍ରକାଶକମାନଙ୍କୁ କେବଳ କଳା ତାଲିକାଭୁକ୍ତ କରିଦେବା ଯଥେଷ୍ଟ ନୁହେଁ। ସେମାନଙ୍କ ବିରୋଧରେ ରାଷ୍ଟ୍ର ବିରୋଧୀ ଲେଖା ପ୍ରଚାର କରିବା ମାମଲା ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ହେବ। ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା, ଦେଶଦ୍ରୋହ, ଆତଙ୍କବାଦ ଆଦି ପାଇଁ ଆଇନ ଓ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୫୨ ଏବଂ ୧୯୭ ସହିତ ବେଆଇନ ଗତିବିଧି ନିୟନ୍ତ୍ରଣ ଅଧିନିୟମ ୧୯୬୭ର ଧାରା ୨(୧) ଭଳି ନିୟମର ଉଲଘଂନ କରାଯାଇଛି। ଜାମ୍ମୁକାଶ୍ମୀର ପିପୁଲ୍ସ ଫୋରମ ଭଳି ସଂଗଠନମାନ ଏହାର ନିନ୍ଦା କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସମୟ ଥିଲା ପୁସ୍ତକମାନଙ୍କରେ ଏଭଳି ଭ୍ରମାତ୍ମକ ତଥ୍ୟ ବିଷୟ ରହୁଥିଲା। ସେଥିରେ ଆଉରଙ୍ଗଜେବକୁ ମହିମା ମଣ୍ଡନ କରାଯାଉଥିଲା। ଭଗତସିଂହ, ଚନ୍ଦ୍ରଶେଖର ଆଜାଦଙ୍କ ଭଳି କ୍ରାନ୍ତିକାରୀମାନଙ୍କୁ ଆତଙ୍କବାଦୀ ରୂପେ ଦର୍ଶାଯାଉ ଥିଲା। ରକ୍ତର ନଦୀ ବୁହାଉଥିବା ସିକନ୍ଦରକୁ ମହାନ ଭାବେ ଉଲ୍ଲେଖ କରାଯାଉଥିଲା। ପ୍ରଶାସନ ସୁଧାର ଆଉ ଜନକଲ୍ୟାଣ ପାଇଁ ବିଖ୍ୟାତ ଛତ୍ରପତି ଶିବାଜୀଙ୍କୁ ଲୁଣ୍ଠନକାରୀ ଭାବେ ଚିତ୍ରଣ କରାଯାଉଥିଲା। ସ୍କୁଲ ହେଉ ବା ଶିକ୍ଷା, ରାଷ୍ଟ୍ର ଓ ସମାଜ ନିର୍ମାଣ ପାଇଁ ରହିଛି, ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଦେଶ ବିରୋଧୀ ପ୍ରଚାର ପାଇଁ ନୁହେଁ। ଏହି ପ୍ରସଙ୍ଗରେ ସମଗ୍ର ଶିକ୍ଷା ଯୋଜନାର ଅନୁମୋଦିତ ଅନ୍ୟପୁସ୍ତକଗୁଡ଼ିକର ମଧ୍ୟ ସମୀକ୍ଷା ହେବା ଜରୁରୀ।

ଆମ ଶିକ୍ଷା ସାମ୍ୟବାଦର ପୁରୋଧା ଲେନିନ ଓ ଷ୍ଟାଲିନ ଅନୁଗାମୀ ନ ହୋଇ ଭାରତୀୟ ସମ୍ବିଧାନ ଏବଂ ଭାରତୀୟ ଚିନ୍ତନ ପରମ୍ପରା ଅନୁରୂପ ଚାଲିବା ଉଚିତ ଏବଂ ନକାରାତ୍ମକ ଚିନ୍ତନ କରୁଥିବା ଲୋକ ସାବଧାନ ହେବା ଉଚିତ। ●

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

## ନ୍ୟାୟ ଦେବତା ଭାବେ ପୂଜା ପାଆନ୍ତି ବ୍ରହ୍ମରାକ୍ଷସ

**ବିଚିତ୍ର ବିଶ୍ୱାସ**

**ଓଜସ୍ୱିନୀ**

ହିନ୍ଦୁଧର୍ମର ଶାସ୍ତ୍ରପୁରାଣରେ ୩୩କୋଟି ଦେବଦେବୀଙ୍କ ସହିତ ବ୍ରହ୍ମରାକ୍ଷସଙ୍କ ବର୍ଣ୍ଣନା ରହିଛି। ପୌରାଣିକ ମତବାଦ ଅନୁସାରେ ବ୍ରହ୍ମରାକ୍ଷସ ହେଉଛନ୍ତି ସେହି ବ୍ରାହ୍ମଣମାନେ, ଯେଉଁମାନେ ନିଜ ଜ୍ଞାନ, ବିବେକ, ଧର୍ମ ଓ ପଦମର୍ଯ୍ୟାଦାର ଦୁରୁପଯୋଗ କରି ଅନ୍ୟମାନଙ୍କ ପ୍ରତି ମାନସିକ ଓ କାୟିକ ଅତ୍ୟାଚାର କରିଥା'ନ୍ତି। ସେହିଭଳି ବ୍ରାହ୍ମଣମାନେ ଅଭିଶପ୍ତ ହୋଇ ପରବର୍ତ୍ତି ଜନ୍ମରେ ବ୍ରହ୍ମରାକ୍ଷସ ରୂପରେ ଜନ୍ମ ହୋଇଥା'ନ୍ତି। ସ୍କନ୍ଦପୁରାଣ ଓ ଗରୁଡ଼ ପୁରାଣରେ ବର୍ଣ୍ଣନା ସମେତ କାଶୀ ଓ ଗ୍ୱାଲିୟର୍‌ର ଲୋକକଥାଗୁଡ଼ିକରେ ମଧ୍ୟ ବ୍ରହ୍ମରାକ୍ଷସ ସମ୍ପର୍କିତ ବିଭିନ୍ନ କଥା ଶୁଣିବାକୁ ମିଳେ। କିନ୍ତୁ ବ୍ରହ୍ମରାକ୍ଷସ ଅସୀମ ବଳଶାଳୀ, ଅପାର ଜ୍ଞାନ ଓ ତନ୍ତ୍ରମନ୍ତ୍ରର ଜ୍ଞାତା ହୋଇଥା'ନ୍ତି। ତେଣୁ ଭାରତର ଅନେକ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରାଯାଉଛି। କଥିତ ଅଛି ଯେ, ବ୍ରହ୍ମରାକ୍ଷସଙ୍କୁ ସନ୍ତୁଷ୍ଟ କରିବା ବହୁତ କଷ୍ଟସାଧ୍ୟ। ବ୍ରହ୍ମରାକ୍ଷସ ସନ୍ତୁଷ୍ଟ ହେଲେ ଲୋକଙ୍କର ମଙ୍ଗଳ ହୋଇଥାଏ ଏବଂ କ୍ରୋଧ କଲେ ପ୍ରାକୃତିକ ଧ୍ୱଂସଲୀଳା ହୋଇଥାଏ।

ଦକ୍ଷିଣ ଭାରତରେ ବ୍ରହ୍ମରାକ୍ଷସଙ୍କୁ ଅର୍ଦ୍ଧଦେବତା ଓ ନ୍ୟାୟଦାତା ଭାବେ ପୂଜା କରାଯାଉଛି ଏବଂ ଏହାଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଦୂର ହୁଏ ବୋଲି ବିଶ୍ୱାସ ରହିଛି। ଭାରତର ଆଉ କେତେକ ସ୍ଥାନରେ ବ୍ରହ୍ମରାକ୍ଷସଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ରକ୍ଷକଦେବତା ଭାବେ ପୂଜା କରାଯାଉଛି। ବିବାହ, ବ୍ରତ ଭଳି ସାମାଜିକ ଓ ବୈଦିକ ଅନୁଷ୍ଠାନ କିମ୍ବା କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବ୍ରହ୍ମରାକ୍ଷସଙ୍କୁ ପ୍ରସନ୍ନ କରିବା ପାଇଁ ପୂଜାନୁଷ୍ଠାନର ଆୟୋଜନ କରି ପ୍ରାର୍ଥନା କରାଯାଉଛି। ବିଶେଷକରି କେରଳ ଓ କର୍ଣ୍ଣାଟକରେ ବ୍ରହ୍ମରାକ୍ଷସଙ୍କ ଅନେକ ମନ୍ଦିର ରହିଛି।

କର୍ଣ୍ଣାଟକର ମଦିକେରି(କୁର୍ଗ) ସ୍ଥିତ ଓଁକାରେଶ୍ୱର ଶିବ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ସ୍ଥାନୀୟ ଲୋକକଥା ଅନୁସାରେ ଏକଦା ଏହି ଅଞ୍ଚଳରେ ଜଣେ ବ୍ରହ୍ମରାକ୍ଷସଙ୍କ କୁପ୍ରଭାବକୁ ଦୂର କରିବା ପାଇଁ ସେହି ସମୟର ରାଜାଙ୍କ ଦ୍ୱାରା ଓଁକାରେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ପରିସରରେ ବ୍ରହ୍ମରାକ୍ଷସ ମନ୍ଦିର ମଧ୍ୟ ଅଛି। ମନ୍ଦିରର କାନ୍ଥଗୁଡ଼ିକରେ ବ୍ରହ୍ମରାକ୍ଷସ ମୂର୍ତ୍ତି ଖୋଦିତ ହୋଇଛି। ବ୍ରହ୍ମରାକ୍ଷସଙ୍କ ମୂର୍ତ୍ତି ସାମନାରେ ସର୍ବଦା ଗୋଟିଏ ତେଲ ଦୀପ ପ୍ରଜ୍ୱଳନ କରି ରଖାଯାଉଛି ଏବଂ ପ୍ରତିଦିନ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଇ ପାୟସମ୍(ମିଠା ଖିରି) ନୈବେଦ୍ୟ ରୂପେ ଅର୍ପଣ କରାଯାଉଛି। ଭକ୍ତମାନେ ସେମାନଙ୍କ ପରିବାରକୁ ନକାରାତ୍ମକ ଶକ୍ତିଠାରୁ ସୁରକ୍ଷିତ ରଖିବା ପାଇଁ ବ୍ରହ୍ମରାକ୍ଷସଙ୍କୁ ପ୍ରାର୍ଥନା କରିବାକୁ ଆସି ପାୟସମ୍‌କୁ ପ୍ରସାଦ ବା ଭୋଗ ଭାବେ ଭକ୍ତି ଓ ଶ୍ରଦ୍ଧାର ସହ ଗ୍ରହଣ କରିଥା'ନ୍ତି।

କେରଳର ପଥାନାମାଥିଟ୍ଟା ଜିଲ୍ଲାସ୍ଥିତ ମଲୟାଲପୁଝାରେ ପ୍ରାୟ ୧୦୦୦ ବର୍ଷ ପୁରୁଣା ପ୍ରାଚୀନ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଭଦ୍ରକାଳୀ। ସ୍ଥାନର ନାମାନୁସାରେ ମା'ଙ୍କ ନାମ 'ମଲୟାଲପୁଝା ଆମ୍ମା' ରଖାଯାଇଛି। ଏଠାରେ ମା'ଙ୍କର ଉଗ୍ର ରୂପର ପୂଜା କରାଯାଏ। ଶତ୍ରୁଙ୍କଠାରୁ ସୁରକ୍ଷା, ଉତ୍ତମ ଚାକିରି, ବ୍ୟବସାୟରେ ଉନ୍ନତି ଓ ହଜି ଯାଇଥିବା ଦ୍ରବ୍ୟ ପାଇବା ପାଇଁ ଭକ୍ତମାନେ ମା'ଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। ବିଶ୍ୱାସ ରହିଛି ଯେ, ମା'ଙ୍କ ଦୟାରୁ ଆଜିପର୍ଯ୍ୟନ୍ତ କୌଣସି ଭକ୍ତ ଏହି ମନ୍ଦିରରୁ ନିରାଶ ହୋଇ ଫେରିନାହାନ୍ତି। ଏହି ମନ୍ଦିରର ପୂର୍ବ ଭାଗରେ ଗୋଟିଏ ବ୍ରହ୍ମରାକ୍ଷସ ମନ୍ଦିର ଅଛି। ଏଠାରେ ଭକ୍ତମାନେ ବ୍ରହ୍ମରାକ୍ଷସଙ୍କୁ ନ୍ୟାୟର ଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ଏଥିସହିତ ମନସ୍କାମନା ପୂରଣ ସହିତ ଗୁଣିଗାରେଡ଼ି, ଭୂତପ୍ରେତ ବାଧା ଓ ଅନ୍ୟ ନକାରାତ୍ମକ ଶକ୍ତିର ପ୍ରଭାବକୁ ପ୍ରତିହତ କରିବା ପାଇଁ ମଧ୍ୟ ଭକ୍ତମାନେ ସେଠାରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରନ୍ତି।

କେରଳର ଏର୍ନାକୁଲମ ଜିଲ୍ଲାସ୍ଥିତ ନଜାରକ୍କଲର ନାମକ ଗାଁରେ ମା' ଭଗବତୀଙ୍କୁ ସମର୍ପିତ ୮୦୦ ବର୍ଷ ପୁରୁଣା ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ଗୋଟିଏ ଉପମନ୍ଦିର ଅଛି, ଯେଉଁଠି ପ୍ରତିଦିନ ବିଧିବିଧାନର ସହ ପୂଜାର୍ଚ୍ଚନା କରାଯାଏ। କେରଳର ତିରୁଅନନ୍ତପୁରମ୍‌ସ୍ଥିତ ମୁକ୍କୋଲକ୍କଲ ଭଗବତୀ ମନ୍ଦିରରେ ମଧ୍ୟ ଏକ ବ୍ରହ୍ମରାକ୍ଷସଙ୍କ ମନ୍ଦିର ଅଛି। ଏହିସବୁ ମନ୍ଦିର ବ୍ୟତୀତ ଦକ୍ଷିଣ ଭାରତର ଅନ୍ୟକେତେକ ରାଜ୍ୟରେ ପୌରାଣିକ ମତବାଦ ଓ ଲୋକକଥା ଅନୁସରଣରେ ବ୍ରହ୍ମରାକ୍ଷସଙ୍କ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନା କରାଯାଉଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରେଭେନ୍ସା ପ୍ରସଙ୍ଗରେ ବଢ଼ୁଛି କଟକ ସଦର ବିଧାୟକଙ୍କ ଅଡୁଆ

# ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ: ବିଜେଡି

ଭୁବନେଶ୍ୱର,୬।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ବିବାଦ ଜଟିଳ ରୂପ ଧାରଣ କରିଛି। ଏହି ବିବାଦ ଏବେ ଛାତ୍ରଙ୍କ ଆନ୍ଦୋଳନ ସମେତ ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ବିଶ୍ୱବିଦ୍ୟାଳୟ ଶିକ୍ଷକମାନେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି। ଯାହାକୁ କଡ଼ା ସମାଲୋଚନା କରିଛି ବିଜେଡି ।

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼. ଲେନିନ୍ ମହାନ୍ତି କହିଛନ୍ତି ଯେ ଇଷ୍ଟ ହଷ୍ଟେଲରେ ବାରମ୍ବାର ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏହାର ସମାଧାନ କରିବା ପ୍ରତିବଦଳରେ ଡେପୁଟି ୱାର୍ଡେନ ରବିଉଲ ଅନସାରୀଙ୍କ କାର୍ଯ୍ୟକଳାପ ନେଇ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାର ସମାଧାନ କରିବା ନେଇ ଆଲୋଚନା ବେଳେ ବିଧାୟକ ଶ୍ରୀ ସେଠୀ ପ୍ରବେଶ କରିଥିଲେ। ଇଷ୍ଟ ହଷ୍ଟେଲ ବିବାଦର ସମାଧାନ ପାଇଁ ବସିଥିବା ବୈଠକରେ ବିଧାୟକ ଶ୍ରୀ ସେଠୀ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ତେବେ ବିବାଦ ମୁଣ୍ଡ ଟେକିବା ପରେ ଛାତ୍ର ଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ସମାଧାନ କରିବା ବଦଳରେ ବିଶ୍ୱବିଦ୍ୟାଳୟ କୁଳପତି ଚୁପ୍ ହୋଇ ବସିଛନ୍ତି। ସେ ଦିନ ଆଲୋଚନା ବେଳେ କଣ ଘଟଣା ଘଟିଲା ତାହାକୁ କୁଳପତି ସର୍ବସମ୍ମୁଖରେ କହିବାର ସାହାସ ନାହିଁ। ବିଶ୍ୱବିଦ୍ୟାଳୟ କୁଳସଚିବ ମଧ୍ୟ ନିଜ ପଦବୀ ବଞ୍ଚାଇବା ପାଇଁ ଚୁପ୍ ହୋଇ ବସିଛନ୍ତି। ଛାତ୍ରଛାତ୍ରୀମାନେ ତାଙ୍କର ଯୁକ୍ତି ସଙ୍ଗତ ଦାବି ଉପସ୍ଥାପନ କରିଛନ୍ତି। ତେବେ ତାହାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ଆଲୋଚନା କରି ସମାଧାନ କରିବା ଆବଶ୍ୟକତା ଥିଲା । ମାତ୍ର କେଉଁ ପରିସ୍ଥିତିରେ ବିଧାୟକ ବିଶ୍ୱବିଦ୍ୟାଳୟକୁ ଯାଇ ବିବାଦ ସୃଷ୍ଟି କଲେ ତାହା ଏଯାଏ ରହସ୍ୟାବୃତ୍ତ। ଅଧ୍ୟାପକମାନଙ୍କୁ ବିଧାୟକ ଦୁର୍ବ୍ୟବହାର କରିଥିବାର ଅଭିଯୋଗ ହୋଇଥିବାବେଳେ ବିଧାୟକ ମଧ୍ୟ ଚିଫ୍ ୱାର୍ଡେନଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ଗ୍ରହଣ କରିବା ବଦଳରେ ନିରବ ରହିବା ସମସ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁଳପତି ମଧ୍ୟ ବିଧାୟକଙ୍କ ସମ୍ମୁଖରେ ଅସହାୟ ହୋଇଛନ୍ତି। ବିଜେପି ସରକାରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉନ୍ନତି ଘଟିବା ବଦଳରେ ଅବନତି ଘଟିବାରେ ଲାଗିଛି । ଓଡ଼ିଶାରୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ସହ ରାଜ୍ୟର ଶିକ୍ଷାମନ୍ତ୍ରୀ ମଧ୍ୟ କେବଳ ବଡ ବଡ କଥା କହିଲେ। କିନ୍ତୁ ଉନ୍ନତି ନେଇ

## ତେଜୁଛି ଆନ୍ଦୋଳନ; ସରକାରଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ

କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ। ଯାହାଫଳରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହି ଆନ୍ଦୋଳନ ମୁଣ୍ଡ ଟେକୁଛି । ବିଧାୟକ ଓ ଶିକ୍ଷକମାନଙ୍କ ବିବାଦ ନେଇ ଅଭିଯୋଗ ସତ୍ତ୍ୱେ ରାଜ୍ୟ ସରକାର ଏକ କମିଟି କରି ଘଟଣାର ତଦନ୍ତ କାହିଁକି କରୁନାହାନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାର ଐତିହ୍ୟ ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ । ଏଥିରେ କୁଳପତିଙ୍କ ପ୍ରମୁଖ ଭୂମିକା ରହିଛି। ଯଦି କୁଳପତି ମୁହଁ ଖୋଲି ପାରୁନାହାନ୍ତି ତେବେ ତୁରନ୍ତ ପଦବୀରୁ ଅବ୍ୟାହତି ନେଇ ଯିବାର ଆବଶ୍ୟକ ରହିଛି। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ । ବିଶ୍ୱବିଦ୍ୟାଳୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେବା ଓ ପ୍ରତିବଦ୍ଧତା ପାଇଁ...

ପ୍ରିୟପାତ୍ର କରିଥିଲା। ତାଙ୍କର ବିୟୋଗ କେବଳ ଏହି ଅଞ୍ଚଳ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଏକ ବିରାଟ କ୍ଷତି ବୋଲି ସେ କହିଥିଲେ। ତାଙ୍କ ଆଦର୍ଶକୁ ଅନୁସରଣ କରି ଲୋକସେବା କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ।

ଶ୍ରଦ୍ଧାଞ୍ଜଳି ସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପିସିସି ସଭାପତି ଭକ୍ତ ଚରଣ ଦାସ, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ଦେବେଶ ଆଚାର୍ଯ୍ୟ, ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଦୀପ ଅମାତ, ଦିବ୍ୟଶଙ୍କର ମିଶ୍ର, ପଦ୍ମଶ୍ରୀ ହଳଧର ନାଗ, କଳିକେଶ ସିଂ ଦେଓ, ଟୁକୁନି ସାହୁ, ସୁରେଶ ରାଉତରାୟ, ସୁବ୍ରତ ତରାଇ, ପୁଷ୍ପେନ୍ଦ୍ର ସିଂହଦେଓ, ରାଜଶ୍ରୀ ମଲ୍ଲିକ, ଅଧିରାଜ ପାଣିଗ୍ରାହୀ, ଦେବେନ୍ଦ୍ର ସାହୁ, ଆକାଶ ପଣ୍ଡା, ଗୋପାଳ ଚନ୍ଦ୍ର ଅଗ୍ରୱାଲ, କୀର୍ତ୍ତିଚନ୍ଦ୍ର ଦୂଆନ୍, ରାଜେନ୍ଦ୍ର ପ୍ରସାଦ ହୋତା, ସୁରେନ୍ଦ୍ର ନାଏକଙ୍କ ସମେତ ବହୁ ବିଧାୟକ, ପୂର୍ବତନ ବିଧାୟକ, ଜନପ୍ରତିନିଧି ଓ ବିଭିନ୍ନ ଦଳର ନେତାମାନେ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୪୧୪ ଜଣ ରକ୍ତଦାନ କରିଥିଲେ। ସେହିପରି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ସ୍ମୃତିରେ 'ସ୍ମୃତିରେ ସୁଶାନ୍ତ' ଶୀର୍ଷକ ଏକ ସ୍ମାରକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

### ଦେଶରେ ୩୨...

ସାର୍ଟିଫିକେଟ୍‌ର କୌଣସି ଆଇନଗତ ବୈଧତା ନାହିଁ। ଏଭଳି ଡିଗ୍ରି ନେଇ ଚାକିରି କିମ୍ବା ଉଚ୍ଚ ଶିକ୍ଷା ପାଇଁ ଆବେଦନ କଲେ ଛାତ୍ରଛାତ୍ରୀମାନେ ଅସୁବିଧାରେ ପଡ଼ିପାରନ୍ତି। ସେଥିପାଇଁ କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପୂର୍ବରୁ ୟୁଜିସିର ସ୍ୱୀକୃତି ଯାଞ୍ଚ କରିବାକୁ ଆୟୋଗ ପରାମର୍ଶ ଦେଇଛି।

### ଅକଳରେ...

ସଂଶୋଧନ ବିଲ୍ ଅନୁମୋଦନ ପାଇଁ ସଂଖ୍ୟା ସରକାର ପାଖରେ ରହିଛି। ଏହାକୁ ସରକାର ଚାହିଁଲେ ପାସ୍ କରାଇପାରିବେ। କିନ୍ତୁ ଏହି ବିଲ୍ ପାସ୍ ହେଲେ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ପାଇଁ ସମର୍ଥନ ହରାଇବେ। ଉଭୟ ବିଲ୍ ପାଇଁ ସରକାର ଜିଦ୍ ଧରିଥିବା ବେଳେ ବିରୋଧୀ ଓ ଅନେକ ସହଯୋଗୀ ଏହାକୁ ବିରୋଧ କରୁଛନ୍ତି। ସୀମା ନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିବାକୁ ଇଚ୍ଛୁକ ଥିବା କେତେକ ଦକ୍ଷିଣ ଭାରତୀୟ ଓ ଆଞ୍ଚଳିକ ଦଳ ଏଫ୍‌ସିଆର୍‌ଏ ବିଲ୍‌ର ବର୍ତ୍ତମାନର ସ୍ୱରୂପକୁ ପ୍ରବଳ ବିରୋଧ କରୁଛନ୍ତି। ଡିଏମ୍‌କେ, ଏନ୍‌ସିପି-ଏସ୍‌ପି ଏବଂ ୱାଇଏସ୍‌ଆର୍‌ସିପି ଭଳି ଦଳଗୁଡ଼ିକ ଏଫ୍‌ସିଆର୍‌ଏ ବିଲ୍‌କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି। ଏହି ବିଲ୍ ଦ୍ୱାରା ଅଳ୍ପସଂଖ୍ୟକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ଗୁଡ଼ିକ ଉପରେ କଟକଣା ବୃଦ୍ଧି ପାଇବା ସହ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବାର ଆଶଙ୍କା ରହିଛି। ଏହା ସେମାନଙ୍କର ମୂଳ ଭୋଟ ବ୍ୟାଙ୍କ୍‌କୁ ପ୍ରଭାବିତ କରିବ ବୋଲି ଆଞ୍ଚଳିକ ଦଳଗୁଡ଼ିକ ଚିନ୍ତାପ୍ରକଟ କରିଛନ୍ତି। ଏହି ସଂଶୋଧନ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରୁଛନ୍ତି।

### ବିକ୍ରି ହେଲା...

କରିବେ ତାହାକୁ ସାର୍ବଜନୀନ କରି ନ ଥିଲେ। ଶେଷରେ ଏହି ସେଲ୍‌କୁ ନିବେଶକମାନଙ୍କଠାରୁ ବେଶ ଭଲ ପ୍ରତିକ୍ରିୟା ମିଳିଛି। ଅଫର ଫର୍ ସେଲ୍ (ଓଏଫ୍‌ଏସ୍) ମାଧ୍ୟମରେ ଏଲ୍‌ଆଇସିର ସେୟାର କମ୍ ମୂଲ୍ୟରେ ଉପଲବ୍ଧ ହେବା ଜଣାପଡିବା ପରେ, ଖୋଲା ବଜାରରେ କ୍ରୟ ମନ୍ଥର ହୋଇଯାଇଥିଲା, ଯାହା ଫଳରେ ସେୟାର ମୂଲ୍ୟ ଓଏଫ୍‌ଏସ୍ ମୂଲ୍ୟର ନିକଟତର ହୋଇଥିଲା। ଏଲ୍‌ଆଇସିର ଏହି ଅଫର ଫର୍ ସେଲ୍‌ରେ ସରକାର 'ଗ୍ରୀନ୍ ସୁ ଅପ୍‌ସନ୍' ବ୍ୟବହାର କରିଛନ୍ତି।

### ୨୦୨୪-୨୫ରେ ଆଞ୍ଚଳିକ...

ଆଞ୍ଚଳିକ ଦଳ ମଧ୍ୟରେ ଏଆଇଏଡିଏମ୍‌କେକୁ ୬୬ କୋଟି, ବିଜୁ ଜନତା ଦଳ (ବିଜେଡି)କୁ ୬୦ କୋଟି, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)କୁ ୩୩ କୋଟି, ଜନସେନାକୁ ୨୫ କୋଟି, ଜେଡି(ୟୁ)କୁ ୧୮ କୋଟି ଏବଂ ଇଣ୍ଡିଆନ୍ ୟୁନିୟନ୍ ମୁସଲିମ୍ ଲିଗ୍‌କୁ ୧୫ କୋଟି ଟଙ୍କା ଦାନ ସୂତ୍ରରେ ମିଳିଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଡିଏମ୍‌କେ, ତୃଣମୂଳ କଂଗ୍ରେସ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା, ଏଆଇଏଡିଏମ୍‌କେ, ଲୋକ ଜନଶକ୍ତି ପାର୍ଟି (ରାମ ବିଲାସ), ଜେଡି(ୟୁ) ଓ ବିଜେଡି ଭଳି ଦଳଗୁଡ଼ିକର ଦାନର ପରିମାଣ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ବୃଦ୍ଧି ପାଇଛି। ଅନ୍ୟପଟେ ବିଆର୍‌ଏସ୍, ଟିଡିପି, ଜନସେନା, ସିପିଆଇ, ଜନନାୟକ ପାର୍ଟି, ଜେଡି(ଏସ୍) ଓ ଏମ୍‌ଏନ୍‌ଏସ୍ ଭଳି ଦଳଗୁଡ଼ିକର ଦାନ ପରିମାଣ କମିଛି।

ଇଲେକ୍ଟୋରାଲ ବଣ୍ଡରେ ତୃଣମୂଳ କଂଗ୍ରେସ ସର୍ବାଧିକ ୬୧୨ କୋଟି ଟଙ୍କା ପାଇଥିବା ବେଳେ ବିଆରଏସକୁ ୪୯୫.୫୨ କୋଟି ମିଳିଛି। ୱାଇଏସଆର କଂଗ୍ରେସକୁ ୧୨୧.୫୦ କୋଟି, ଟିଡିପିକୁ ୧୭୪ କୋଟି, ବିଜେଡିକୁ ୨୪୫.୫୦ କୋଟି ଟଙ୍କା ବଣ୍ଡ ମାଧ୍ୟମରେ ପ୍ରାପ୍ତ ହୋଇଛି।

### ତରୁଣ ତେଜପାଲଙ୍କୁ...

୨୦୧୩ ନଭେମ୍ବର ୩୦ରେ ତେଜପାଲ ଗିରଫ ହୋଇଥିଲେ ଓ ପରେ ଜାମିନ ପାଇଥିଲେ। ୨୦୨୧ ମସିହାରେ ଗୋଆର ନିମ୍ନ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, ଯାହାକୁ ଗୋଆ ସରକାର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ପୀଡ଼ିତା ତେଜପାଲଙ୍କ ଝିଅ ବୟସର ଥିଲେ ଏବଂ ତେଜପାଲ ଜଣେ ପିତୃତୁଲ୍ୟ ବ୍ୟକ୍ତି ଥିଲେ। ସମାଜକୁ ଏକ ସ୍ପଷ୍ଟ ସନ୍ଦେଶ ଦେବା ପାଇଁ କଠୋର ଦଣ୍ଡାଦେଶ ଆବଶ୍ୟକ। ଅନ୍ୟପଟେ, ୬୨ ବର୍ଷୀୟ ତେଜପାଲ ଓ ତାଙ୍କ ଓକିଲ ବୟସ ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କୋହଳ ମନୋଭାବ ପୋଷଣ କରିବାକୁ ନିବେଦନ କରିଥିଲେ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ତେଜପାଲ ସର୍ବୋଚ୍ଚ ଅଦାଲତ (ସୁପ୍ରିମକୋର୍ଟ)ର ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ତାଙ୍କୁ ଆତ୍ମସମର୍ପଣ ପାଇଁ ଦୁଇ ସପ୍ତାହ ସମୟ ଦେଇଥିବାରୁ, ଏହି ସମୟ ମଧ୍ୟରେ ସେ ସୁପ୍ରିମକୋର୍ଟରେ ନିଜର ଆବେଦନ ଦାଖଲ କରିବାକୁ ଯୋଜନା କରୁଛନ୍ତି।

### ଚାନ୍ଦିପୁରରୁ...

ବାହ୍ୟ ଅଂଶର ତାପମାତ୍ରା ପ୍ରାୟ ୪,୦୦୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ ମଧ୍ୟ ଏହି ହିଟ୍ ସିଲ୍ଡ ସଫଳତାର ସହ ତାହାକୁ ସହ୍ୟ କରିଥାଏ। ଏପରିକି କ୍ଷେପଣାସ୍ତ୍ର ଭିତରେ ଥିବା ସମ୍ବେଦନଶୀଳ ଯନ୍ତ୍ରପାତିର ତାପମାତ୍ରା ୫୦ ଡିଗ୍ରୀ ସେଲସିୟସ୍‌ରୁ କମ୍ ରହିଥାଏ। ଭାରତ ନିକଟରେ ପୂର୍ବରୁ ଅଗ୍ନି-୧, ଅଗ୍ନି-୨, ଅଗ୍ନି-୩, ଅଗ୍ନି-୫ ଏବଂ ପୃଥ୍ୱୀ ଶ୍ରେଣୀର କ୍ଷେପଣାସ୍ତ୍ର ରହିଛି।'

## ବେଆଇନ ହାଇୱା ଜବତ

କଟକ,୬।୮ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କ ସୁରକ୍ଷା ନିୟମର କଡ଼ା ଅନୁପାଳନ ନିଶ୍ଚିତ କରିବା ଲକ୍ଷ୍ୟରେ ସାରା ରାଜ୍ୟରେ ଏନଫୋର୍ସମେଣ୍ଟ ଚାଲିଛି। ଏହିକ୍ରମରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଅଞ୍ଚଳରେ ପରିବହନ ବିଭାଗ ଓ ପୁଲିସ ଦ୍ୱାରା ଯାଞ୍ଚ କରାଯାଉଛି। ସମସ୍ତ ଗାଡ଼ି ଚାଳକ ଓ ମାଲିକଙ୍କୁ ସଡ଼କ ସୁରକ୍ଷା ନିୟମକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅଭିଯାନ ଅଧୀନରେ, ସୁନ୍ଦରଗଡ଼ର ସର୍ଗିପାଲି ଅଞ୍ଚଳରେ ଯାଞ୍ଚ ସମୟରେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଏକ ହାଇୱାକୁ ଜବତ କରାଯାଇଛି। ଗାଡ଼ିଟି ଧାର୍ଯ୍ୟ ସୀମାଠାରୁ ଅଧିକ ସାମଗ୍ରୀ ବହନ କରିବା ସହ ବୈଧ ଫିଟନେସ୍ ପ୍ରମାଣପତ୍ର, ରୋଡ୍ ପରମିଟ୍, ଓଡ଼ିଶା ମୋଟର ଯାନ ଟିକସ ଏବଂ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଚାଲୁଥିଲା। ଏହି ଅନିୟମିତତା ପାଇଁ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି। ବର୍ତ୍ତମାନ ଜବତ ହାଇୱାକୁ ଅଟକ ରଖାଯାଇ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଜାରି ରହିଛି।

### ଓଡ଼ିଶାରେ ଇପିଏଫ୍‌ଓ ଅଧୀନରେ ୧୩.୮୮ ଲକ୍ଷ କର୍ମଚାରୀ ପଞ୍ଜୀକୃତ

# ଖୋର୍ଦ୍ଧାରେ ସର୍ବାଧିକ କର୍ମଚାରୀ, ଦ୍ୱିତୀୟରେ ସୁନ୍ଦରଗଡ଼

ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶାରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଅଧୀନରେ ବର୍ତ୍ତମାନ ୨୨,୮୯୫ଟି ପ୍ରତିଷ୍ଠାନ ଏବଂ ୧୩,୮୮,୦୦୧ ଜଣ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲା ରାଜ୍ୟରେ ସର୍ବାଧିକ ୫,୧୪୪ଟି ପ୍ରତିଷ୍ଠାନ ପଞ୍ଜିକୃତ ହୋଇଛି ଏବଂ ଏଠାରେ ୪,୪୧,୨୬୬ ଜଣ କର୍ମଚାରୀ ଇପିଏଫ୍‌ଓ ସହ ଜଡ଼ିତ ଅଛନ୍ତି। ସୁନ୍ଦରଗଡ଼ରେ ୨,୦୦୫ଟି ପ୍ରତିଷ୍ଠାନ ଓ ୧,୪୪,୯୨୧ ଜଣ କର୍ମଚାରୀ, କଟକରେ ୧,୯୮୧ଟି ପ୍ରତିଷ୍ଠାନ ଓ ୧,୦୯,୯୭୨ ଜଣ କର୍ମଚାରୀ ରହିଛନ୍ତି। ଶିଳ୍ପାଞ୍ଚଳ ଭାବେ ପରିଚିତ କେନ୍ଦୁଝରରେ ୭୯,୭୮୪, ଯାଜପୁରରେ ୭୫,୨୭୪, ଅନୁଗୁଳରେ ୭୪,୯୧୪, ସମ୍ବଲପୁରରେ ୭୪,୦୮୦ ଏବଂ ଝାରସୁଗୁଡ଼ାରେ ୭୨,୨୫୩ ଜଣ କର୍ମଚାରୀ ଇପିଏଫ୍‌ଓରେ ସାମିଲ ହୋଇଛନ୍ତି। ସେହିପରି ଦେବଗଡ଼ (୧,୮୫୯), ଗଜପତି (୨,୦୨୩), ମାଲକାନଗିରି (୨,୦୪୭), ବୌଦ୍ଧ (୨,୩୨୫), ସୁବର୍ଣ୍ଣପୁର (୨,୮୮୬) ପରି ଜିଲ୍ଲାରେ ଇପିଏଫ୍‌ଓ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି । ସେହିପରି ରାଜ୍ୟରେ ନୂଆ ଇପିଏଫ୍‌ଓ କାର୍ଯ୍ୟାଳୟ ଖୋଲିବା ପ୍ରସଙ୍ଗରେ ସରକାର କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ଭୁବନେଶ୍ୱରରେ ଗୋଟିଏ ଜୋନାଲ୍ ଅଫିସ୍, ଭୁବନେଶ୍ୱର, କଟକ ଓ ରାଉରକେଲାରେ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ରାୟଗଡ଼ା, କେନ୍ଦୁଝର ଓ ବଡ଼ବିଲରେ ଜିଲ୍ଲା କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ତେବେ ଏବେ ନୂଆ କାର୍ଯ୍ୟାଳୟ ଖୋଲିବା ନେଇ କୌଣସି ପ୍ରସ୍ତାବ ନଥିବା ସରକାର ସ୍ପଷ୍ଟ କରିଛନ୍ତି।

# ପଟ୍ଟନାୟକ ବନ୍ଧ ଦୁର୍ନୀତିରେ ଗିରଫ ଦୁଇଯନ୍ତ୍ରୀ ଓ ଠିକାଦାରଙ୍କୁ କୋର୍ଟ ଚାଲାଣ

ପାରଳାଖେମୁଣ୍ଡି/ବ୍ରହ୍ମପୁର,୬।୮ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌର ପରିଷଦ ଅନ୍ତର୍ଗତ ସହରର ବହୁ ଚର୍ଚ୍ଚିତ ପଟ୍ଟନାୟକ ବନ୍ଧ ଉନ୍ନୟନ କାମରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ତତ୍କାଳୀନ କନିଷ୍ଠଯନ୍ତ୍ରୀ ତଥା ବର୍ତ୍ତମାନ ଗୁଣପୁର ପୌରପରିଷଦର ସହକାରୀ ଯନ୍ତ୍ରୀ ଡି.ଯୁଧିଷ୍ଠିର, ପାରଳାଖେମୁଣ୍ଡି ପୌରପରିଷଦର ସହକାରୀ ଯନ୍ତ୍ରୀ ସଞ୍ଜୀବ ଚମ୍ପତି ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଗିରଫ କରିଛି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ। ୩ଜଣଙ୍କୁ ଗିରଫ କରି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଆଜି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି। ସେମାନଙ୍କର ଜାମୀନ ଆବେଦନ ଖାରଜ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ନିମନ୍ତେ ୨୦୧୯ମସିହାରୁ ୨୦୨୨ମଧ୍ୟରେ ଏହି ବନ୍ଧର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଯୋଜନାରେ ୧କୋଟି ୨୨ଲକ୍ଷ ୪୦ହଜାର ଟଙ୍କା ରାଜକୋଷରୁ ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ବାରମ୍ବାର ପିଟିସନ ପଡିବା ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିଥିଲା। ତଦନ୍ତ ବେଳେ ପ୍ରକୃତରେ ଏହି କାମରେ ୫୫ଲକ୍ଷ ୬୯ ହଜାର ଟଙ୍କାର ଜାଲିଆତି ବିଲ୍ କରି ହରିଲୁଟ ହୋଇଥିବା ଜଣାପଡିଥିଲା।







ପ୍ରାଥମିକ ପର୍ଯ୍ୟାୟରେ ୩ଜଣଙ୍କୁ ଗିରଫ କରାଯାଇଥିଲେ ହେଁ ଅନେକଙ୍କର ସମ୍ପୃକ୍ତି ଥିବା ବିଭାଗ ସନ୍ଦେହ କରୁଥିବା ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନଃରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ମୋଟ ୨କୋଟି ୧୧ଲକ୍ଷ ୫ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କଉଦ୍ଧାର, ରିଟର୍ଣ୍ଣିଂ ୱାଲ୍ ଓ କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା। ପୁନଃରୁଦ୍ଧାର ନାମରେ କାର୍ଯ୍ୟ ଆରମ୍ଭ ଠାରୁ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପର୍ଯ୍ୟାୟ କ୍ରମେ ପ୍ରକଳ୍ପ ପାଇଁ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ହେଁ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ।

### ପୁଲିସକୁ ଚିତ୍ରକୋଣ୍ଡା ଜଙ୍ଗଲରେ ଆକ୍ରମଣ ମାମଲା

## ୫ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର

କଟକ,୬।୮ (ସମିସ): ଗଞ୍ଜେଇ ଜବତ ପାଇଁ ଚିତ୍ରକୋଣ୍ଡା ଜଙ୍ଗଲକୁ ଯାଇଥିବା ପୁଲିସ ଅଧିକାରୀଙ୍କୁ ମାରଣାସ୍ତ୍ର ଧରି ଆକ୍ରମଣ କରିବା ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫୦ ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ଆବେଦନକାରୀଙ୍କୁ ଜାମିନରେ ଛାଡିବା ପାଇଁ ମାଲକାନଗିରି ସ୍ୱତନ୍ତ୍ର ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେ ନାଗେଶ୍ୱର ରାଓ, ବିଶ୍ୱନାଥ ହନ୍ତାଳ, ଦାମୁ ମୁଦୁଲି, ଡମ୍ବରୁ ଖିଲ୍ଲ, ସୋନୁ ପାଙ୍ଗିଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଜଙ୍ଗଲ ଭିତରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଖବର ପାଇ ପୁଲିସ ଚଢଉ କରିବା ବେଳେ ପ୍ରାୟ ଶତାଧିକ ଲୋକ ହାତରେ ମାରଣାସ୍ତ୍ର ଧରି ପ୍ରତିରୋଧ କରିଥିଲେ। ଏହି ଘଟଣାକୁ ନେଇ ଚିତ୍ରକୋଣ୍ଡା ଥାନାରେ ଆଇପିସିର ଦଫା ୧୪୭, ୧୪୮, ୩୪୧, ୨୯୪, ୧୮୩, ୧୮୬, ୩୫୩, ୫୦୬, ୧୪୯, ଏନଡିପିଏସ ଆଇନର ଧାରା ୨୦ ଓ ୨୯ରେ ପୁଲିସ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ। ଏତଲାରେ ଅନ୍ୟ କେତେକ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ଥିବା ବେଳେ ଆବେଦନକାରୀଙ୍କ ନାମ ନଥିଲା ଓ ସେମାନଙ୍କ ନିକଟରୁ କୌଣସି ଆପତ୍ତିଜନକ ସାମଗ୍ରୀ ଜବତ ହୋଇ ନ ଥିଲା ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. SDCM-KUR-UTS-PRS-2026

**କାର୍ଯ୍ୟର ନାମ :** ଦୁଇ (02) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (PRS), ଅଣସଂରକ୍ଷିତ ଟିକେଟିଙ୍ଗ୍ ପ୍ରଣାଳୀ (UTS), ଜାତୀୟ ଟ୍ରେନ୍ ଅନୁସନ୍ଧାନ ପ୍ରଣାଳୀ (NTES), TTE ଲବି ଅଧିନସ୍ଥ କମ୍ପ୍ୟୁଟର ସମ୍ବନ୍ଧୀୟ ଉପକରଣ (System Peripheral)ର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 21,44,461.32, EMD (ଟଙ୍କାରେ) : ₹ 42,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): ₹ 3,540/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : 07.08.2026, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.08.2026 ରିଖ 1100 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

PR-343/R/26-27

### AFFIDAVIT

I, CHAITANYA CHARAN JAENA, S/O DWARIKA NATH JENA resident of At - Hospital Road, Nua Bazar, PO / PS - Jaleswar, Dist - Balasore - 756032, Odisha declare by this Affidavit No. 3113, Dated - 17/07/2026, that now onwards I shall be known as **CHAITANYA KUMAR JENA** for all future purpose.

### Notice (for Minor)

By virtue of an affidavit sworn before Notary Public, BHUBANESWAR, dated 06-08-2026 I, SANTOSH KUMAR SAHU Address Shanti Nagar, Chikiti, At- Chikitibit-2, Po- Chikitipento,Dist-Ganjam, Pin-761010, Odisha declare that I have changed the name of my son from SAHINATH SAHU to SAINATH SAHU. Henceforth, he shall be known as **SAINATH SAHU** for all purposes.

(Santosh Kumar Sahu)

### AFFIDAVIT

By virtue of an affidavit No-10188 sworn before The Executive Magistrate, Jajpur on dtd- 20/07/2026. I **Pritish Kumar Sethy,** aged 19 years, permanent resident of Vill/PO: Biripata, PS: Mangalpur, Dist: Jajpur, Odisha declare that I have changed my name from **Priya Ranjan Sethy** (old name) to **Pritish Kumar Sethy** (new name). Henceforth I shall be known as **Pritish Kumar Sethy** for all future purposes.

**Pritish Kumar Sethy**

### AFFIDAVIT

I, G SUCHITRA, W/O KILLAMSETTY AJAY SANKAR resident of At - Sarada Vihar, PO/PS -Jeypore, Dt - Koraput -764001, Odisha declare by this Affidavit No.3198, Dated - 06/08/2026, that now onwards I shall be known as **KILLAMSETTY SUCHITRA** for all future purposes.

### AFFIDAVIT

By virtue of an affidavit SL No.3683, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o- Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Riya Behera** (old name) to **Sriya Behera** (new name). Henceforth, she shall be known as **Sriya Behera** (new name) for all purposes.

**Somanath Behera**

### AFFIDAVIT

By virtue of an affidavit SL No.3684, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Sriya Behera** (old name) to **Riya Behera** (new name). Henceforth, she shall be known as **Riya Behera** (new name) for all purposes.

**Somanath Behera**

### AFFIDAVIT

By the virtue of an affidavit sworn before the Executive Magistrate Daringbadi, Dated 17.07.2026 . I Linky Pradhan , D/o : Nainga Pradhan , vill : Kueranga, Po: Siangabali, Ps: Daringbadi, Dist: Kandhamal, State: Odisha-762104 declare that I have changed my name from LINKI PRADHAN to LINKY PRADHAN. Henceforth, I shall be known as **LINKY PRADHAN** for all purposes.

### AFFIDAVIT

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no. 2017 dt.07.07.2026 I, Mamata Malik, W/o. Sanjay Malik, At./P.O. Tentei, P.S. Anantapur, Dist. Balasore, Odisha, declare that my name wrongly mentioned as Parvati Malik in LIC policy Bond and Bank Account. That both Mamata Malik and Pravati Malik are one and the same person. Henceforth, I shall be known as **Mamata Malik** for all purposes.

### AFFIDAVIT

I, **Y Asha Kumari**, wife of Mr. Nakkina Nanda Kumar, residing at 2/3, Block-6, Kalyan Plaza-II, Kantilo, Sunderpada, Bhubaneswar - 751002, Odisha, declare by this Affidavit No CF. 142, dated 05.06.2026 have changed my name to **Nakkina Asha Kumari** after my marriage. Henceforth, I shall be known as **Nakkina Asha Kumari** for all future purposes.

### AFFIDAVIT

By virtue of an affidavit sworn before Notary Public, Soro, Balasore, Odisha vide Sl. no. 1958 dt.5.8.2026 I, Mamta Devi Mahawar, W/o. Dinesh Kumar Mahawar, At. Pathanmohalla, P.O./P.S. Soro, Dist. Balasore, Odisha–756045, declare that my previous name was Mamata Devi Mahawar. That I have changed my name to Mamta Devi Mahawar. That both the names refer to one and the same person. Henceforth, I shall be known as **Mamta Devi Mahawar** for all purposes.

### OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR.

25001/892/2627

Plot no.-1214(Part), Tapovan, Khandagiri, Bhubaneswar-30.

E-Mail: eebbsrrwss@gmail.com

**QUOTATION CALL NOTICE No. 11 of 2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / Individuals for providing One No. of Vehicle (Scorpio/Creta/Mahindra Marazzo Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use in office of the Additional Chief Engineer, RWS&S (C), Bhubaneswar on monthly rent basis as per the following details.

| Sl. No. | Nature of work | Hiring of vehicle official use in office of the Additional Chief Engineer, RWS&S (C), Bhubaneswar |
|---|---|---|
| 1. | No. of works: | 01 (One) |
| 2. | Time for Deployment | Three (3) Years |
| 3. | Class of Contractors eligible | Reputed Travel Agencies / Tour Operators / Private individuals |
| 4. | Availability of bids in the office Superintending Engineer, RWS&S Division, Bhubaneswar | From dt.10.08.2026 (11.00 AM) to dt.21.08.2026 (1.00 PM) |
| 5. | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | Dt.21.08.2026 (4.00 PM) |
| 6. | Date & Time of opening of bids | On dt.24.08.2026 (11.00 AM) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Superintending Engineer, RWS&S Division, Bhubaneswar

OIPR-25001/25003/1/26-27/0012

25001/882/2627

e-mail ID: rw_rayagada@yahoo.co.in

### GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA

Letter No. **2730** Date: **01.08.2026**

**1st Corrigendum**

In continuation to this office Bid identification No. EERWRGD-Online-07/2026-27 this office letter No. 2423 dated 10.07.2026 partial modification of TCN has been made as follows.

| Sl No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 22.07.2026 at 11.00 AM to 03.08.2026 upto 5.00 PM | Extended from 03.08.2026 at 5.00 PM to 19.08.2026 up to 5.00 PM |
| 2 | Date & time of seeking tender clarification if any | 01.08.2026 up to 5.00 PM | 18.08.2026 up to 5.00 PM |
| 3 | Date & Time of Opening Tender (Technical bid) | 04.08.2026 at 11.00 AM | 20.08.2026 at 11.00 AM |
| 4 | Date & Time of Opening Tender (Price bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions remain unchanged.

Executive Engineer Rural Works Division Rayagada

OIPR-25001/25072/1/26-27/0010

### OFFICE OF THE MUNICIPAL COUNCIL, BHAWANIPATNA

No. **2944** /BPM Date **05/08/2026**

13001/1439/2627

**EXPRESSION OF INTEREST**

Sealed applications in the prescribed format are invited from interested persons residing within the jurisdiction of Kalahandi District who have attained the age of 21 years as on 01.01.2026, for participation in the allotment of shops No- 6, 7,8,9,12,14 & 15 in the **NEWLY CONSTRUCTED FOOD COURT LOCATED NEAR BAYANIKA.**

The application shall be accompanied by a non-refundable application fee of Rs. 1,000/- (Rupees One Thousand only) and an Earnest Money Deposit (EMD) of Rs. 5,000/- (Rupees Five Thousand only) to be submitted in the shape of Demand Draft issued by any Nationalized Bank, in favour of Executive Officer, Bhawanipatna Municipality, payable at Bhawanipatna The application must be submitted through Registered Post / Speed Post only and must reach the undersigned on or before **19/08/2026 upto 5.00 PM.** Applications submitted through any other mode shall not be considered. Applications received beyond the stipulated date shall be rejected summarily without any further correspondence. The EOI will be opened on **20.08.2026 at 11:00 AM** by the ULB Level Shop Allotment Committee in the presence of the applicants or their authorized representative who are present.

The detailed Terms & Conditions and other particulars of this notice are available on the official website of Kalahandi District Administration (https://kalahandi.odisha.gov.in) from **05/08/2026 to 19/08/2026.**

The sealed envelope containing the application and required documents must be superscribed at the top as:

**"APPLICATION FOR ALLOTMENT OF SHOPS (FOOD COURT) LOCATED NEAR BANAYANIKA."**

The complete application along with required documents in a closed and sealed envelope must be addressed to Executive Officer Bhawanipatna Municipality, 766001.

The authority reserves the right to cancel or reject the all tender at any stage without assigning any reason thereof.

Executive Officer, Bhawanipatna municipality

OIPR-13001/13100/1/26-27/0011

# କ୍ଷୁଦ୍ର ଜଳସେଚନ ବିଭାଗର ତ୍ରୁଟି! ଶହ ଶହ ଏକର ଚାଷଜମି ଜଳମଗ୍ନ, ଚାଷୀ କ୍ଷତିଗ୍ରସ୍ତ

ଜଳେଶ୍ୱର ବ୍ଲକ, ୬।୮ (ସମିସ)



କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବିଗତ ଆଜକୁ ୧୮ ବର୍ଷ ପୂର୍ବେ ଜଳେଶ୍ୱର ବ୍ଲକ ଖୁଆଡ଼ ଗ୍ରାମ ପଞ୍ଚାୟତର ଖୁଆଡ଼ ଓ ଉପରକୁଣ୍ଡି ଗ୍ରାମକୁ ସଂଯୋଗ କରୁଥିବା ନାଉରୀୟା ଖାଲ ଉପରେ ଏକ ଡ୍ୟାମ ୨୦୦୮ ମସିହାରେ ନିର୍ମାଣ କରାଯାଇଥିଲା ଓ ଏହାର ମୂଳ ଲକ୍ଷ୍ୟ ଥିଲା ପଡ଼ୋଶୀ ପଶ୍ଚିମବଙ୍ଗ ଦୋଲଗାଁ ଠାରୁ ବେଗୁନିଆ ଓ ଚନ୍ଦ୍ରପୁର ,କାନପୁର ଠାରୁ ବାହାରିଥିବା ନାଉରୀୟା ଖାଲରେ ପ୍ରବାହିତ ପାଣିକୁ ଗଛିତ ରଖି ରବି ଋତୁରେ ଓ ଖରିବ ଋତୁରେ ତଳ ମୁଣ୍ଡରେ ଥିବା ଅଣଜଳସେଚିତ ଚାଷଜମିକୁ ଜଳ ସେଚନ କରାଯିବ। ଏହା ଦ୍ୱାରା ଡ୍ୟାମ ତଳ ମୁଣ୍ଡରେ ଥିବା ଚାଷୀମାନଙ୍କର ଜମି କ୍ଷତିଗ୍ରସ୍ତ ଆଶଙ୍କା କରି ଜମିରେ ଡ୍ରେନ ନିର୍ମାଣ କରିବା ପାଇଁ ଅନୁମତି ଦେଇନଥିବା ସତ୍ତ୍ୱେ କ୍ଷୁଦ୍ର ଜଳ ସେଚନ ବିଭାଗ ନାଉରୀୟା ଖାଲ ଉପରେ ବନ୍ଧ ନିର୍ମାଣ କରିବା ଓ ଉପର ମୁଣ୍ଡରୁ ଆସୁଥିବା ଅତ୍ୟଧିକ ଜଳ ନିଷ୍କାସନ ଦ୍ୱାରା ସଙ୍କୁଚିତ ଥିବା ହେତୁ ଲଗାଣ ବର୍ଷା ଯୋଗୁଁ ଶହ ଶହ ଏକର ଚାଷ ଜମି ପାଣିରେ ବୁଡ଼ି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏହି ବନ୍ୟା ଯୋଗୁଁ ଚାଷୀ ମନୋଜ ଜେନା, ରାଜେଶ ଗାନ୍ଧୀ, ସତ୍ୟରଞ୍ଜନ ଗାନ୍ଧୀ, ସତୀଶ ଗାନ୍ଧୀ, କ୍ଷିତିଶ ଗାନ୍ଧୀ, ଅଶୋକ ଗାନ୍ଧୀ,ଅଶୋକ ପ୍ରଧାନ, ଗୋପାଳ ଦାସ, ରାଖାଲ ଚନ୍ଦ୍ର ଦାସ, ପଞ୍ଚାନନ ଦାସ, ମୁନିନ୍ଦ୍ର ଗାନ୍ଧୀ, ରଞ୍ଜନ ଜେନା, ସଂଜୀବ ଜେନା, ପୁରୁଷୋତ୍ତମ ଗାନ୍ଧୀ, ନିର୍ମଳ ଚନ୍ଦ୍ର ଘୋଷା, ସଞ୍ଜୀବ ଚାନ୍ଦ, ଶୁଭେନ୍ଦୁ ଚାନ୍ଦ, ସଦାନନ୍ଦ ପାତ୍ର, ରାଜକିଶୋରୀ ଘୋଷା, ସପନ ପାତ୍ର, ଦେବାଶିଷ ପ୍ରଧାନ, ରଶ୍ମି ପାତ୍ର, ଜନ୍ଦ୍ରରୁ ମାରାଣ୍ଡି, ମହେନ୍ଦ୍ର ମାରାଣ୍ଡି, ଭରତ ମାରାଣ୍ଡି, ପ୍ରମୁଖ ଶତାଧିକଚାଷୀ ଅସମ୍ପୂର୍ଣ୍ଣ ପ୍ରୋଜେକ୍ଟ ନିର୍ମାଣ ଦ୍ୱାରା ବର୍ଷ ବର୍ଷ ଧରି ଚାଷୀ କ୍ଷତିଗ୍ରସ୍ତ ହେବାକୁ ପଡୁଛି ଓ ଅନେକ ଚାଷ ଜମି ସମ୍ପୂର୍ଣ୍ଣ ଭାବେ ପାଣିର ସୁଅରେ ବଡ ବଡ ଘାଇ ସୃଷ୍ଟି ହେବାକୁ ବସିଲାଣି। ଏ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ସ୍ଥାନୀୟ ବିଧାୟକଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ କ୍ଷୁଦ୍ର ଜଳ ସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି କି ଏ ସମ୍ପର୍କରେ ମୋ ପାଖରେ ସୂଚନା ରହିଛି ଓ ଖୁବଶୀଘ୍ର ଏହାର ପ୍ରତିକାର ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବେ।

# ଦିବଙ୍ଗତ ଚିତ୍ରଶିଳ୍ପୀ କଲ୍ଲୋଳ ଦାସଙ୍କ ଶୋକସଭା



**ବାଲେଶ୍ୱର, ୬।୮ (ସମିସ):** ଶାନ୍ତିକାନନ ପରିସରରେ ଦିବଙ୍ଗତ ଚିତ୍ରଶିଳ୍ପୀ ତଥା କଳାଶିକ୍ଷକ କଲ୍ଲୋଳ କୁମାର ଦାସଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚିତ୍ରଶିଳ୍ପୀ ଅରୁଣ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରଥମେ ସ୍ୱର୍ଗତ କଲ୍ଲୋଳ କୁମାର ଦାସଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନାରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗୋପାଳପୁର (ବାଲେଶ୍ୱର) ନିବାସୀ ମନୋରଞ୍ଜନ ଦାସଙ୍କ ଜ୍ୟେଷ୍ଠ ପୁତ୍ର କଲ୍ଲୋଳ କୁମାର ଦାସ ଗତ ବାହୁଡ଼ାଯାତ୍ରା ଦିବସ ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିଲେ। ଦୀର୍ଘଦିନ ଧରି ଚିକିତ୍ସାଧୀନ ରହିବା ପରେ ଗତ ୩୦ ଜୁଲାଇ ରାତି ପ୍ରାୟ ୧୦.୩୦ ସମୟରେ ୫୫ ବର୍ଷ ବୟସରେ ସେ ପରଲୋକ ଗମନ କରିଥିଲେ। କଲ୍ଲୋଳ କୁମାର ଦାସ ଜଣେ ସଫଳ ଚିତ୍ରଶିଳ୍ପୀ ହେବା ସହିତ ଜଣେ ସୁମଧୁର କଣ୍ଠଶିଳ୍ପୀ, ସାଂସ୍କୃତିକ କର୍ମୀ ଓ ଦକ୍ଷ ଶିଳ୍ପୀ ସଂଗଠକ ଭାବେ ମଧ ବେଶ୍ ସୁନାମ ଅର୍ଜନ କରିଥିଲେ। ଏହି ଶୋକସଭାରେ ଉପସ୍ଥିତ ଚିତ୍ରଶିଳ୍ପୀ ପ୍ରତାପ ସିଂହ, ବିଶ୍ୱଜିତ ପରମାଣିକ, ନିତ୍ୟାନନ୍ଦ ସାହୁ, ମରୁତ ରାଉତ, ଅନ୍ତର୍ଯ୍ୟାମୀ ସାହୁ, ଅରୁଣ ବାରିକ ଏବଂ ସମାଜସେବୀ ଅରବିନ୍ଦ ବାବୁ ସ୍ୱର୍ଗତ କଲ୍ଲୋଳ ଦାସଙ୍କ ସ୍ମୃତିଚାରଣ କରି କହିଥିଲେ ଯେ, ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ସ୍ୱର୍ଗତ କଲ୍ଲୋଳ କୁମାର ଦାସଙ୍କ ଅକାଳ ବିୟୋଗରେ ସମସ୍ତେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଏହି ଦୁଃଖ ସହିବା ପାଇଁ ଭଗବାନ ଶକ୍ତି ଓ ସାହସ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସିମୁଳିଆ, ୬।୮ (ସମିସ):** ସିମୁଳିଆ ଥାନା ଅନ୍ତର୍ଗତ କହ୍ନେଇବିନ୍ଧା ପଞ୍ଚାୟତର ଦଧିବାମନପୁର ଗ୍ରାମର ରମାକାନ୍ତ ସାହୁଙ୍କ ପୁଅ ରମେଶ (୨୨) ଆଜି ଦ୍ୱିପହର ସମୟରେ କହ୍ନେଇବିନ୍ଧା ବଜାରରୁ ଘରକୁ ଫେରି ଖାଇ ସାରି ଶୋଇଥିଲେ। ଘରେ ଥିବା ଛାତ ଫ୍ୟାନରେ ଶାଢ଼ି ଲଗାଇ ସେ ଓହଳି ପଡ଼ିଥିଲେ । ପରିବାର ଲୋକେ ରମେଶଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଖବର ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ଆଳୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

**ବାଲେଶ୍ୱର ସଦର, ୬।୮ (ସମିସ):** ୧୬ ନମ୍ବର ଜାତୀୟ ରାଜପଥର ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଗେମନବ୍ରିଜ ନିକଟରେ ଏକ ଆଳୁ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ନୟନଯୋରୀକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି ପଶ୍ଚିମବଙ୍ଗରୁ ଆଳୁ ନେଇ ବିଶାଖାପାଟଣା ଅଭିମୁଖେ ଯାଉଥିଲା। ତେବେ ଆଜି ଭୋର ସମୟରେ ଚାଳକର ଆଖି ଲାଗିଯିବାରୁ ଟ୍ରକଟି ଭାରସାମ୍ୟ ହରାଇ ସିଧା ଯାଇ ନୟନଯୋରୀକୁ ଖସିପଡ଼ିଥିଲା। ଘଟଣା ସ୍ଥଳେ ଚାଳକ ଓ ଖଲାସୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅନ୍ୟ ଏକ ଗାଡ଼ି ଯୋଗେ ସମସ୍ତ ଆଳୁବସ୍ତାକୁ ବୋଝେଇ କରାଯାଇ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିବା ବେଳେ ପୁଲିସ ଗାଡ଼ିଟିକୁ ଉଦ୍ଧାର କରି ଘଟଣାର ତଦନ୍ତ ଜାରି ରଖିଛି।

# ଚେନ୍ନାଇରେ ଛାତରୁ ଖସିପଡ଼ି ମାଣତ୍ରୀ ଯୁବକଙ୍କ ମୃତ୍ୟୁ

**ସୋର, ୬।୮(ସମିସ):** ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ସାହୁ ସାହି ଗ୍ରାମର ଜଣେ ଯୁବକ ଚେନ୍ନାଇର ଏକ ଗେଷ୍ଟ ହାଉସରେ ରହି କାମ କରୁଥିବା ବେଳେ ଛାତରୁ ଖସି ପଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ଏହି ଗ୍ରାମର ଦୀପକ ସାହୁ (୨୬) ଚେନାଇର ଏକ ଗେଷ୍ଟ ହାଉସରେ କାମ କରୁଥିଲେ। କିନ୍ତୁ ଗତ ରବିବାର ରାତିରେ ଦୀପକ ଉକ୍ତ ଗେଷ୍ଟ ହାଉସର ତୃତୀୟ ମହଲା ଛାତ ଉପରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ଆଜି ସକାଳେ ତାଙ୍କ ଶବକୁ ଗ୍ରାମକୁ ଆଣିଥିଲେ। ଆଜି ସକାଳେ ଦୀପକଙ୍କ ଶବ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କ ଶବକୁ ନେଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରିଥିବା ଜଣାପଡିଛି।

# ତାଡ଼ଦାରେ ବିଜେପିର ସାଂଗଠନିକ ବୈଠକ

**ରାଜଘାଟ, ୬।୮ (ସମିସ):** ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟା ସମୟରେ ବସ୍ତା ବ୍ଲକ ତାଡଦା ଗ୍ରାମପଞ୍ଚାୟତର କାର୍ତିକ ଚନ୍ଦ୍ର ସୁରଙ୍କ ବାସଭବନ ରେ ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଥ ସ୍ତରରୁ ମଣ୍ଡଳ ସ୍ତର ପର୍ଯ୍ୟନ୍ତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପ୍ରତ୍ୟେକ ବୁଥରେ କମିଟି ଗଠନ, ସଦସ୍ୟତା ଅଭିଯାନ ଓ ଶକ୍ତି କେନ୍ଦ୍ରର ସକ୍ରିୟତା ନେଇ ଆଲୋଚନା ହୋଇଥିଲା। ଉପସ୍ଥିତ ଥିବା ସମସ୍ତ କର୍ମୀଙ୍କ ସର୍ବସମ୍ମତି କ୍ରମେ ଏକ ନୂତନ କମିଟି ଗଠନ କରାଯାଇଥିଲା ଉକ୍ତ କମିଟିରେ ପଞ୍ଚାୟତ ସଭାପତି ଭାବେ ଯୁବନେତା ବିଶ୍ୱଜିତ ଧଳ, ଉପ ସଭାପତି ଗୌରଚନ୍ଦ୍ର ପାଳ, ସମ୍ପାଦକ ଧନଞ୍ଜୟ ସାହୁ, ଗଣମାଧ୍ୟମ ସଂଯୋଜକ ନୀରଜ କୁମାର ଗିରି, ଉପଦେଷ୍ଟା ମଣ୍ଡଳୀ ପରମାନନ୍ଦ ଦଳାଇ, ପୂର୍ବତନ ସମିତିସଭ୍ୟ ଅବନ୍ତୀ ସେଠୀ, ପୂର୍ବତନ ପଞ୍ଚାୟତ ପ୍ରମୁଖ କାର୍ତ୍ତିକ ଚନ୍ଦ୍ର ସୁର, ପୂର୍ଣ୍ଣଚନ୍ଦ୍ର ଦାସ ଅଧିକାରୀ, ଅଜୟ କୁମାର ଧଳ, ଅଙ୍କୁର ଗିରି, ମହେଶ୍ୱର ଜେନା, ସୁକୁମାର ପାଳ, ବିରେନ ବେହେରା, ଷଡ଼ାନନ ବିଶ୍ୱାଳ, ଅଜିତ ଶତପଥୀଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମକୁ ରବିନ୍ଦ୍ର ସାହୁ, ସୁରେନ୍ଦ୍ର ଜେନା, ସଞ୍ଜୟ ଦତ୍ତ, ପ୍ରଭାକର ବିଶ୍ୱାଳ, ହରିଶ୍ଚନ୍ଦ୍ର ଦେ, ମହେଶ୍ୱର ଜେନା, ଭାସ୍କର ସି, ମୀନକେତନ ଦାସ, ଶୁକ୍ରାଚାର୍ଯ୍ୟ ସେନାପତି, ଆଶୁତୋଷ ବାଗ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ କର୍ମଶାଳା



**ଜଳେଶ୍ୱର, ୬।୮(ସମିସ):** ଇନର ହୁଇଲ କ୍ଲବ୍ ଅଫ ସୁବର୍ଣ୍ଣରେଖା ରାଇବଣିଆ ଓ ରୋଟାରୀ କ୍ଲବ୍ ଅଫ୍ ସୁବର୍ଣ୍ଣରେଖା ରାଇବଣିଆ ମିଳିତ ଆନୁକୂଲ୍ୟରେ ଜଳେଶ୍ୱର ସହରର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବର ସଭାପତି ସୁକୁମାର ରଣାଙ୍କ ପୌରହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ରୂପେ ଜଳେଶ୍ୱର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ମୋହନଲାଲ ମହାନ୍ତି ଯୋଗଦେଇ ମାତୃ କ୍ଷୀରର ବିକଳ୍ପ ନାହିଁ,ଏହି କ୍ଷୀର ଅମୃତ ସହିତ ସମାନ ବୋଲି ମତ ପ୍ରକାଶ କରିବା ସହିତ ବୈଜ୍ଞାନିକ ଭିତ୍ତିକ ଉଦାହରଣ ପ୍ରଦାନ କରିଥଲେ।ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନର୍ ହୁଇଲ କ୍ଲବର ସଭାପତି(୨୦୨୬-୨୭) ମଧୁଛନ୍ଦା ମହାନ୍ତି, ବିଦାୟୀ ସଭାପତି ଆରତୀ ଦାସ, ପୂର୍ବତନ ସଭାପତି ସୁଷମା ରାଣୀ ଭୂୟାଁ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ରୋଟାରୀ କ୍ଲବର ପୂର୍ବତନ ସଭାପତି ଡ. ଅଜିତ୍ କୁମାର ମହାନ୍ତି, ସୁନୀଲ କୁମାର ନାୟକ ଓ ପ୍ରାଣକୃଷ୍ଣ ଗିରି ପ୍ରମୁଖ ଯୋଗଦେଇ ବିଜ୍ଞାନ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଇନର୍ ହୁଇଲ୍ କ୍ଲବ୍ ପକ୍ଷରୁ ମୁଖ୍ୟ ଅତିଥି ଡ. ମୋହନ ଲାଲ ମହାନ୍ତିଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଇନର୍ ହୁଇଲ୍ କ୍ଲବ୍ ସଂପାଦିକା ସ୍ମରଣିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ଚୋରି



**ରାଜଘାଟ, ୬।୮ (ସମିସ):** ସିଂଲା ଥାନା ଅନ୍ତର୍ଗତ ଗୁହାଳିପଦା ଗ୍ରାମରେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ୩ ଲକ୍ଷରୁ ଅଧିକ ଟଙ୍କାର ଇଲେକ୍ଟ୍ରିକ ସାମଗ୍ରୀ ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୁହାଳିପଦା ଗ୍ରାମର ଭଜହରି ପରିଡା ଇଲେକ୍ଟ୍ରିକ ଠିକାଦାର ଭାବେ କାର୍ଯ୍ୟ କରୁଥିବା ବେଳେ ଗତକାଲି ବିଳମ୍ବିତ ରାତି ରେ ୫ ଜଣ ଦୁର୍ବୃତ୍ତ ଏକ ଗାଡ଼ିରେ ଆସି ଘର ବାହାରେ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ଫେରାର ହୋଇ ଯାଇଛନ୍ତି। ସକାଳେ ଶ୍ରୀ ପରିଡ଼ା ତାହା ଜାଣିବାକୁ ପାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ସମୟର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ କରୁଛି।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ନବନିର୍ମାଣ ଯୁବଛାତ୍ର ସଂଗଠନ





**ବାଲେଶ୍ୱର, ୬।୮ (ସମିସ):** ଓଡ଼ିଶାର ନୂଆ ପାଠ୍ୟ ପୁସ୍ତକରେ ୧୬୭୮ ତ୍ରୁଟି ଏବଂ ଦୁର୍ନୀତିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରି ଅଗଷ୍ଟ ୯ କ୍ରାନ୍ତି ଦିବସରେ ଏକ ରାଜ୍ୟ ସ୍ତରୀୟ ଯୁବଛାତ୍ର ସମାବେଶ ଭୁବନେଶ୍ୱର ଲୋୟର ପିଏମଜିରେ ଅନୁଷ୍ଠିତ ହେବ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନର ନିବେଦକ ରଣଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପଟୁଆଁପଦା ସ୍ଥିତ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ କୁହାଯାଇଛି। ଏହାଛଡା କୁହାଯାଇଛି ଯେ, ଯଦି ନିଟ୍ ପେପର ଲିକ୍‌କୁ ନେଇ କଗ୍ରେଚ ଜନତା ପାର୍ଟି ଧାରଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଲେ। ତେବେ ୧୬୭୮ ପାଠ୍ୟ ପୁସ୍ତକ ତୃଟିକୁ ସରକାର ସ୍ୱୀକାର କରିଛନ୍ତି, ତେବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାହିଁକି ଇସ୍ତଫା ଦେବେ ନାହିଁ ବୋଲି ପ୍ରଶ୍ନ କରାଯାଇଛି। ସରକାର ଯୋଗାଉଥିବା ପାଠ୍ୟ ପୁସ୍ତକରେ ୧୬୭୮ ତୃଟି ପରିଲକ୍ଷିତ ହୋଇଛି, ଯେଉଁଥିରେ ୨୦୦ କୋଟି ଟଙ୍କା ଦୁର୍ନିତୀ ହୋଇଛି। ଯାହା ସବୁଠାରୁ ବଡ଼ ଅପରାଧ ଉକ୍ତ ଉଦ୍ଦେଶ୍ୟକୁ ନେଇ ଆଗାମୀ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ନବନିର୍ମାଣ ଯୁବଛାତ୍ର ସଂଗଠନର ଲୋୟର ପିଏମଜିରେ ବିଶାଳ ଯୁବଛାତ୍ର ସମାବେଶ ଅନୁଷ୍ଠିତ ହେବ ଓ ନୂଆ କ୍ରାନ୍ତିର ଡାକରା ଦିଆଯିବ। ଏହି ସମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସହ ସଂଯୋଜକ, ରାଜେଶ ନାୟକ, ରୋହିତ ବେହେରା ଓ ଦେବ ବାରିକ,ସତ୍ୟ ରଞ୍ଜନ ପଟ୍ଟନାୟକ,ସେକ୍ ସଫିବୁଲ ପ୍ରମୁଖ ଯୋଗଦେଇଥିଲେ।

# ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର




**ବସ୍ତା ବ୍ଲକ, ୬।୮ (ସମିସ):** ବାଲେଶ୍ୱର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଗୁରୁବାର ବସ୍ତା ନିର୍ବାଚନ ମଣ୍ଡଳୀ କଟିପୋଲ ସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବର୍ତ୍ତମାନର ବନ୍ୟା ପରିସ୍ଥିତିରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏବଂ ବସ୍ତା ବ୍ଲକ ସଭାପତି ତଥା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା । ଏହି ପରିପ୍ରେକ୍ଷୀରେ ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶିବିରକୁ ଉଦଘାଟନ କରିଥିଲେ । ସେହିପରି ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ଶ୍ରୀ ଦାସ, ବାଲିଆପାଳ ବ୍ଲକ ସଭାପତି ଦେବେନ୍ଦ୍ର ଗିରି, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ସମୁଦାୟ ୭୧ ୟୁନିଟ୍ ରକ୍ତ ସଗୃହୀତ ହୋଇଥିଲା । ଅନ୍ୟାନ୍ୟ ନେତୃତ୍ୱଙ୍କ ମଧ୍ୟରେ ଦେବେନ୍ଦ୍ର ବେହେରା, ପରମେଶ୍ୱର ବାରିକ, ଶିବାନନ୍ଦ ଦାସ ଅଧିକାରୀ, ପୂର୍ଣ୍ଣଚନ୍ଦ୍ର ଜେନା, ଶରତ ପ୍ରଧାନ, ଅଖିଳ ବେହେରା, ଚିତ୍ତରଂଜନ ଜେନା, ମନ୍ମଥ ଚକ୍ରବର୍ତ୍ତୀ, ଅରୁଣ ଦାସ, ଦେବେନ୍ଦ୍ର ନାୟକ, ସଞ୍ଜୟ ବୁଗୁଡ଼ି, ସେକ ନସର ଅଲ୍ଲୀ, କାର୍ତ୍ତିକ ସାହୁ, ରାଜକିଶୋର ପ୍ରଧାନ, ରାଜେଶ ଗିରି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସହ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଛାତ୍ରନେତାଙ୍କ ମଧ୍ୟରେ ରାଜକିଶୋର ବେହେରା, ପାର୍ଥସାରଥୀ ସାହୁ, ରାଜେଶ ବେହେରା, ଗୋପାଳ ଚନ୍ଦ୍ର ମହାନ୍ତି, ଶୁଭମ୍ ନାୟକ, ଆୟୁଷ ପ୍ରଧାନ, ଜଗବନ୍ଧୁ ବାଡ଼ି, ଉମାକାନ୍ତ ଦାସ, ଶିବ ବାଡ଼ି, ବିନୋଦ ବିଶ୍ୱାଳ, ସୁବ୍ରତ ବାଗ, ବିଭାସ ନାୟକ, ମିଥୁନ କୁମାର ବେହେରା, ଭବ ଶଙ୍କର ମୁଖି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବାଲେଶ୍ୱର, ୬।୮ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ୧୩ନମ୍ବର ବୁଥ ପଳାଶପୁର ହାଇସ୍କୁଲରେ ଦୀର୍ଘଦିନ ଧରି ଭୋଟ ଗ୍ରହଣ କରାଯାଉଛି। ଯେଉଁଠି ସରସତିଆ, ସାହପୁର, ବରଟିକିରି, ଜୟିପୁର ଓ ପଳାଶପୁର ଗାଁର ଭୋଟର ମାନେ ଭୋଟ ଦେଉଥିଲେ। ହେଲେ ନୂଆ ବୁଥ ଭାବେ ଏବେ ସରସତିଆ ଗାଁ ର ବନମାଳୀ ଉପ୍ରା ବିଦ୍ୟାଳୟକୁ କରାଯାଇଛି ସତ ହେଲେ ପଳାଶପୁର ଭୋଟର ମାନଙ୍କୁ ପଳାଶପୁର ବୁଥରୁ କାଟି ସରସତିଆ ବୁଥରେ ରଖାଯାଇଛି। ଯାହାକି ଗାଁଠାରୁ ତିନି କିଲୋମିଟର ଦୂରତାରେ ଅବସ୍ଥିତ। ନିଜ ଗାଁ ବୁଥରେ ଭୋଟ ନ ଦେଇ ଅନ୍ୟ ଗାଁକୁ କାହିଁକି ଯିବେ ବୋଲି ପ୍ରତିବାଦ କରି ଗ୍ରାମବାସୀ ଏନେଇ ବୁଥ ଲେବଲ ଅଫିସର ପ୍ରଦୀପ ନାୟକଙ୍କୁ ପଚାରିଥିଲେ। ସେଠାରୁ ସନ୍ତୋଷ ଜନକ ଉତ୍ତର ନ ପାଇବାରୁ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ଗୋବିନ୍ଦପୁର ପଞ୍ଚାୟତର ସମିତିସଭ୍ୟଙ୍କ ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ, ଜଗଦୀଶ ନାୟକ, ଅଜିତ ରାଉତ, ଶ୍ରୀଧର ନାୟକ ପ୍ରମୁଖ ଜିଲ୍ଲାପାଳ ଓ ଏଡିଏମଙ୍କୁ ଭେଟି ସମସ୍ୟା ବାବଦରେ ଜଣାଇଥିଲେ। ଏହାକୁ ନେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତି ପ୍ରତିଜ୍ଞା ଅଭିଯାନ



**ଜଳେଶ୍ୱର, ୬।୮ (ସମିସ):** ନିଶା ସବୁରି ଅଘଟଣର ପ୍ରମୁଖ କାରଣ ହେଉଥିବାରୁ ପ୍ରଜାପତି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଜଳେଶ୍ୱର ଶାଖା ପକ୍ଷରୁ ନିଶା ମୁକ୍ତି ପ୍ରତିଜ୍ଞା ଅଭିଯାନ ବ୍ଲକରେ ଆରମ୍ଭ ହୋଇଛି। ଗୁରୁବାର ଜଳେଶ୍ୱର ମହିଳା ମହାବିଦ୍ୟାଳୟ ସଭା ଗୃହରେ ଆୟୋଜିତ ସଭାରେ ବ୍ରହ୍ମା କୁମାର ରାଜାଯୋଗ ବନମାଳୀ ଜେନା ଅଧ୍ୟକ୍ଷତା କରି ମିଶନ ସ୍ପନ୍ଦନ ଅନ୍ତର୍ଗତ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଦୃଢ଼ ପଦକ୍ଷେପ ନିଆଯାଉଥିବା କହିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଧାର୍ମିକ ଅନୁଷ୍ଠାନ ମାନଙ୍କ ସହଯୋଗରେ ସମାଜକୁ ନିଶାମୁକ୍ତ କରାଯାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ +୩ ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, +୨ ଅଧ୍ୟକ୍ଷ ରାମଶଙ୍କର ଦାସ, ପୌରାଧ୍ୟକ୍ଷ ପ୍ରତୀପ୍ କୁମାର ପ୍ରଧାନ, ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ମଞ୍ଚାସୀନ ହୋଇ ଆଧ୍ୟାତ୍ମିକ ପଥ ଅନୁସରଣରେ ନିଶାମୁକ୍ତ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ବ୍ରହ୍ମା କୁମାର ରାଜ ଯୋଗୀ ବିଜୟ କୁମାର ଗିରି ସୂଚନା ପ୍ରଦାନ,ରାଜ ଯୋଗ ପ୍ରଶିକ୍ଷକ ବ୍ରହ୍ମା କୁମାରୀ ସଞ୍ଜୁ ବେହେନ ସମୂହ ଶପଥ ପାଠ କରିଥିବା ବେଳେ ବ୍ରହ୍ମା କୁମାରୀ ରାଜଯୋଗିଣୀ ମିନତି ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ମାସ ୬ ତାରିଖ ରୁ ୨୦ ତାରିଖ ପର୍ଯ୍ୟନ୍ତ ବ୍ଲକ ର ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ନିଶାମୁକ୍ତ ଶପଥ ପାଠ ଅଭିଯାନ ହେବ ବୋଲି କୁହାଯାଇଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ଦିବସ ପାଳିତ

ବାଲେଶ୍ୱର, ୬।୮ (ସମିସ)





ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ବ୍ୟବସାୟ ପରିଚାଳନା ବିଭାଗ ଓ କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ମିଳିତ ସହଯୋଗରେ ବାଣିଜ୍ୟ ଦିବସ-୨୦୨୬ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ବିଶିଷ୍ଟ ଅତିଥିମାନେ ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ବାଣିଜ୍ୟ ଓ ପରିଚାଳନା ଶିକ୍ଷାର ବଦଳୁଥିବା ଭୂମିକା ଉପରେ ଆଲୋଚନା କରିଥିଲେ। ବ୍ୟବସାୟ ପରିଚାଳନା ବିଭାଗର ମୁଖ୍ୟ ତଥା କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ସଂଯୋଜିକା ପ୍ରଫେସର ପଦ୍ମଲିତା ରାଉତରାୟ ବର୍ତ୍ତମାନ ସମୟରେ ବହୁବିଷୟକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ- ବାଣିଜ୍ୟ ବିଭାଗକୁ ଏଭଳି ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅଭିନନ୍ଦନ ଜଣାଇ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରଫେସର ପ୍ରଭାତ କୁମାର ମହାନ୍ତି ଯୋଗଦେଇ ଶିକ୍ଷା ସହ ବ୍ୟବହାରିକ ଅଭିଜ୍ଞତାର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ ସମ୍ମାନିତ ଅତିଥି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ଯୋଗଦେଇ ଉଦ୍ୟୋଗୀ ସୃଷ୍ଟି, ନବସୃଜନ ଓ ନୈତିକ ବ୍ୟବସାୟ ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ନିଜ ବକ୍ତବ୍ୟରେ ଦାୟିତ୍ୱବାନ ବୃତ୍ତିଜୀବୀ ଓ ସଫଳ ଉଦ୍ୟୋଗୀ ସୃଷ୍ଟିରେ ବାଣିଜ୍ୟ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ବାଣିଜ୍ୟ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ବାଣିଜ୍ୟ ବିଭାଗର ସଂଯୋଜକ ଡ. ଦେବଦତ୍ତ ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭାଗ ଅଧ୍ୟାପିକା ଡ. ଗାୟତ୍ରୀ ଗୁହା ରାୟ ଓ ଶୁଭଶ୍ରୀ ଖିଲାର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ. ରାଜାରାମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

କେନାଲ କାମ ଅଧା କରି ଠିକାଦାର ଛୁ

# ଘରେ ପଶିଲା ପାଣି; ଲୋକେ ହନ୍ତସନ୍ତ



ମୋରଡ଼ା, ୬।୮ (ସମିସ): ମୋରଡ଼ା ବ୍ଲକ ଅଧୀନ ଗଡ଼ିଗାଁ ପଞ୍ଚାୟତର ଡେଙ୍ଗାଶୋଳ ଗ୍ରାମର କିଛି ଲୋକଙ୍କ ଘର ପାଣି ଘେରରେ ଥିବା ଦେଖିବାକୁ ମିଳିଛି। ଠିକାଦାର କେନାଲ କାମ ଅଧା କରି ଛାଡ଼ି ଚାଲିଯାଇଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିକାର କରାଯିବାକୁ ଦାବି ହେଉଛି। ସୂଚନା ମୁତାବକ, ଡେଙ୍ଗାଶୋଳ ଗାଁ ନିକଟରେ ଥିବା ପୁରାଣ ବନ୍ଧର ପାଣିକୁ ଚାଷ କାମରେ ନିୟୋଜିତ କରାଇବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲ ନିର୍ମାଣ କରାଯାଉଛି। କିନ୍ତୁ ଠିକାଦାର ଉକ୍ତ କେନାଲ କାମ ଅଧାପନ୍ତରିଆ କରି ମାସ ମାସ ବିତିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ କରୁନାହିଁ। ଫଳରେ ଲଗାଣ ବର୍ଷା ଯୋଗୁଁ ଉକ୍ତ ଅସମ୍ପୂର୍ଣ୍ଣ କେନାଲରେ ପାଣି ଆସି ଡେଙ୍ଗାଶୋଳ ଗାଁ ଭିତରେ ପଶିଛି। ଉକ୍ତ ଗ୍ରାମର ଦେବେନ୍ଦ୍ର ମହାନ୍ତ, ଭଗବାନ ମହାନ୍ତ, କୁଶାଳ ମାଝୀ, ଦାମୋଦର ମାଝୀ, ନାରାୟଣ ମାଝୀ ଓ ଅନ୍ୟମାନଙ୍କ ଘର ପାଣି ଘେରରେ ରହିଛି। ଏପରିକି କିଛି ଲୋକଙ୍କ ଘର ଭିତରେ ପାଣି ପଶିଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନ ଯଦି ତୁରନ୍ତ ପଦକ୍ଷେପ ନ ନିଏ, ଉକ୍ତ ଘର ଭାଙ୍ଗିଯିବା ଆଶଙ୍କା ରହିଛି। ତେବେ ଖବର ପାଇ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ମୁଚିରାମ ମୁର୍ମୁ ଗାଁକୁ ଯାଇ ସ୍ଥିତି ପରଖିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ଶ୍ରୀ ମୁର୍ମୁଙ୍କୁ ପଚାରିବାରୁ ସ୍ଥିତି ପରଖି ସେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜଣାଇବେ ଓ ବର୍ତ୍ତମାନ ପାଇଁ ଅସ୍ଥାୟୀ ଭାବେ ପାଣିର ଗତି ବଦଳାଇ କେମିତି ଆଉ ଗାଁକୁ ପାଣି ପଶିବ ନାହିଁ, ସେ ନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି।

# କଟୁରିଆ ଛକ-ହୁଡ଼ିସାହି ରାସ୍ତା ମରଣଯନ୍ତା



କପ୍ତିପଦା, ୬।୮ (ସମିସ): ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ଛକରୁ ହୁଡ଼ିସାହି ଜନଜାତି କଲ୍ୟାଣ କନ୍ୟାଶ୍ରମ ୨ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ନିକଟରେ ଥିବା ୬ଗୋଟି ଗ୍ରାମବାସୀ ପ୍ରଭାବିତ ହେଉଥିବାବେଳେ ହଷ୍ଟେଲରେ ଥିବା ୧୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀନୀ ଅସୁବିଧାରେ ଅଛନ୍ତି। ମଝିରେ,ମଝିରେ ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ଆସିପାରେନି, ଫଳରେ ୨କିଲୋମିଟର ଖଟିଆରେ ବୁହା ହୁଅନ୍ତି ରୋଗୀ। ଆଦିବାସୀ ଅଞ୍ଚଳରେ ବିକାଶଧାରାରେ ସରକାର ଡିଡିମ୍ବ ପିଟୁଥିବା ବେଳେ ବାସ୍ତବ ଚିତ୍ରର ଏ ହେଉଛି ନିଛକ ଉଦାହରଣ। ୨କିଲୋମିଟର ରାସ୍ତା ପାର୍ ହେଲେ ମୁଖ୍ୟ ରାସ୍ତା ଆସିଥାଏ। ବର୍ଷା ଦିନରେ ଏହି ରାସ୍ତା ଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଆସୁଥିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଦୀର୍ଘଦିନ ହେବ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ନାଁ ଗ୍ରାମ ଉନ୍ନୟନ ବିଭାଗ ନାଁ ବିଧାୟକ କେହିହେଲେ ଦୃଷ୍ଟି ପାତ କରୁନଥିବା ଅତ୍ୟନ୍ତ ପରିତାପର ବିଷୟ। ଆଗାମୀ ଦିନରେ ରାସ୍ତାର ସୁଧାର ନ ଆସିଲେ ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମର ଜଗଦୀଶ ମୁର୍ମୁ,କାରାନ ମୁର୍ମୁ, କଞ୍ଚା ମୁର୍ମୁ, ଦକ୍ଷିଣ ହାଁସଦା ଓ ଗୋବିନ୍ଦ ମୁର୍ମୁ ଚେତାବନୀ ଦେଇଛନ୍ତି।

# ଏସ୍‌ଆଇଆର୍‌କୁ ନେଇ କଂଗ୍ରେସର ପ୍ରଶିକ୍ଷଣ ଶିବିର ଓ ସମୀକ୍ଷା



ବଡ଼ସାହି, ୬।୮ (ସମିସ): ଏସଆଇଆରକୁ ନେଇ ବଡ଼ସାହି କଂଗ୍ରେସ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଶଶାଙ୍କଶେଖର କରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ନେତା ତଥା ବିଏଲଏ(୧) ପ୍ରକାଶ କରମହାପାତ୍ର ଯୋଗଦେଇ ଏହାର ବିଧିବଦ୍ଧ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଯୁବ ନେତା ସିଦ୍ଧାର୍ଥ ଅଗ୍ରୱାଲା, ପୂର୍ବତନ ବ୍ଲକ ଅଧକ୍ଷ୍ୟ ମନୋରଞ୍ଜନ ବଳା, ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା, ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଦୀପ୍ତିଭାନୁ ସେନାପତି, ଜିଲ୍ଲା ସମ୍ପାଦକ ବିନୋଦ ବିହାରୀ ବେହେରା, ବେତନଟୀ ବ୍ଲକ ମହିଳା ସଭାପତି ବାସନ୍ତୀ ସାହୁ, ମଙ୍ଗଲ ସିଂ, ସଦାଶିବ ବେହେରା, ନୃସିଂହ ଚରଣ ହାତୀ, ଶିକ୍ଷାବିତ ମନୋରଞ୍ଜନ ଲେଙ୍କା, ଆନନ୍ଦଶଙ୍କର ପାତ୍ର, ରବିନାରାୟଣ ମହାନ୍ତ, ଖଗେଶ୍ୱର ନାୟକ ଓ ନଟବର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଏସଆଇଆରରେ ବିଏଲଏମାନଙ୍କର ଭୂମିକା ଓ ସେମାନଙ୍କର ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରିଥିଲେ। ଆଗାମୀ ଦିନରେ ଦଳକୁ ସୁସଂଗଠିତ କରିବା ପାଇଁ ନିଜ ନିଜର ମତ ଓ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ସମୟରେ କେନ୍ଦ୍ର ସରକାର ନିଜକୁ ସୁହାଇଲା ଭଳି ଯେଉଁ ଏସଆଇଆର ବିଭିନ୍ନ ରାଜ୍ୟରେ ଲଗାଇ ଲୋକଙ୍କୁ ସେମାନଙ୍କର ଭୋଟ ଦେବା ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରୁଛନ୍ତି, ଆମ ନିର୍ବାଚନମଣ୍ଡଳୀରେ ମଧ୍ୟ ବହୁ ଲୋକଙ୍କ ନାମ କଟିଥିବା ଜଣାଯାଇଛି। ତେଣୁ ସମସ୍ତ ପ୍ରମାଣପତ୍ର ସହିତ ବିଏଲଓମାନଙ୍କୁ ସାକ୍ଷାତ କରି ନିଜର ଅଭିଯୋଗ କରାଯାଇଛି କି ନା' ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଭୋଟ ଦାନରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି, ସେ ସମ୍ପର୍କରେ ବରିଷ୍ଠ ନେତା ଶ୍ରୀ କରମହାପାତ୍ର ଉପସ୍ଥିତ କର୍ମକର୍ତ୍ତାଙ୍କୁ ସଚେତନ କରିଥିଲେ। ଏ ଅବସରରେ ଶ୍ରୀ କରମହାପାତ୍ରଙ୍କୁ ବଡ଼ସାହି ନିର୍ବାଚନମଣ୍ଡଳୀ ସ୍ତରୀୟ ବିଏଲଏ-୧ ଭାବେ ଚୟନ କରାଯାଇଥିବାବେଳେ ବଡସାହି ବ୍ଲକରେ ଥିବା ୧୨୫ଟି ବୁଥ ପାଇଁ ଚୟନ କରାଯାଇଥିବା ବିଏଲଏ-୨ଙ୍କୁ ସେମାନଙ୍କ କାମ ବିଷୟରେ ଅବଗତ କରାଯାଇଥିଲା। ଏହାବ୍ୟତୀତ ଡବଲ ଇଂଜିନ ସରକାରରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଦରଦାମ ବୃଦ୍ଧି, ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ହତ୍ୟା, ଲୋକଙ୍କୁ ମିଛ ପ୍ରତିଶ୍ରୁତି ଓ ପ୍ରତାରଣା କରିବା, ବେକାରୀ, ନିଯୁକ୍ତି ପ୍ରସଙ୍ଗ, ମହିଳା, ଚାଷୀ, ଯୁବକ ଓ ସରକାରୀ ଚାକିରିଆ ସମସ୍ତେ ନିଜକୁ ଅସୁରକ୍ଷିତ ମଣିବା ଓ ଭୋଟ ଚୋରୀ ଆଦି ପ୍ରସଙ୍ଗକୁ ନେଇ କଂଗ୍ରେସ ତୃଣମୂଳ ସ୍ତରରେ ଲୋକଙ୍କ ନିକଟକୁ ଯିବା ସହିତ ବିଭିନ୍ନ ସମସ୍ୟାକୁ ନେଇ ରାଜରାସ୍ତାରେ ଲଢିବା ପାଇଁ ଉପସ୍ଥିତ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ।

# ବୃଦ୍ଧାଙ୍କୁ ମାଡ଼ମାରି ଘରୁ ତଡ଼ିଦେଲେ ପରିବାର ଲୋକ



ରାସଗୋବିନ୍ଦପୁର, ୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଭଦୁଆଶୋଳ ପଞ୍ଚାୟତର ନାହାୟାଶୋଳ -ରଘୁନାଥପୁର ଗ୍ରାମରେ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। ପ୍ରାୟ ୮୦ ବର୍ଷୀୟା ଭାରତୀ ଟୁଡୁଙ୍କୁ ପରିବାର ଲୋକେ ମାଡ଼ମାରି ଘରୁ ବାହାର କରିଦେଇଥିବା ଅଭିଯୋଗ ହୋଇଛି। ତେବେ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ରାସଗୋବିନ୍ଦପୁର ଥାନାଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଓ ସମାଜସେବୀ ସ୍ୱପ୍ନ ସରିତା ଦାସଙ୍କ ସହଯୋଗରେ ବୃଦ୍ଧାଙ୍କୁ ରାସ୍ତାକଡ଼ରୁ ଉଦ୍ଧାର କରି ତୁରନ୍ତ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଡାକ୍ତରଙ୍କ ସୂଚନା ଅନୁଯାୟୀ, ଭାରତୀ ଟୁଡୁ ରକ୍ତଚାପଜନିତ ସମସ୍ୟାରେ ପୀଡ଼ିତ ଅଛନ୍ତି। ଠିକ୍ ସମୟରେ ଉଦ୍ଧାର କରାଯାଇଥିବାରୁ ତାଙ୍କୁ ଚିକିତ୍ସା ସୁବିଧା ମିଳିପାରିଛି। ଏନେଇ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା କହିଛନ୍ତି ଯେ, ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ସରକାରୀ ନିୟମ ଅନୁଯାୟୀ ତାଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ବୃଦ୍ଧାଙ୍କ ପ୍ରତି ହୋଇଥିବା କଥିତ ଅମାନବୀୟ ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଘଟଣାର ପ୍ରକୃତ କାରଣ ଓ ଅଭିଯୋଗର ସତ୍ୟତା ସମ୍ପର୍କରେ ପୋଲିସ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଠିକଣା ପଚାରି ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ବୈଶିଙ୍ଗା, ୬।୮ (ସମିସ): ବୈଶିଙ୍ଗା-ମାଣତ୍ରୀ ରାସ୍ତାର ପଦ୍ମନାଭପୁର ଛକ ନିକଟରେ ବୁଧବାର ସକାଳ ପ୍ରାୟ ୭ଟା ସମୟରେ ଜଣେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଦୁଇ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମାନଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଧୃତରାଷ୍ଟ୍ର ପରିଡ଼ାଙ୍କ ପତ୍ନୀ ସରସ୍ୱତୀ ପରିଡ଼ା ନାତିଙ୍କୁ ସ୍କୁଲ ଅଟୋରେ ଛାଡ଼ିବା ପାଇଁ ପଦ୍ମନାଭପୁର ଛକ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବାବେଳେ ଏକ ବାଇକରେ ଆସିଥିବା ଦୁଇ ଦୁର୍ବୃତ୍ତ କରବାବୁଙ୍କ ଘର ଠିକଣା ପଚାରିଥିଲେ। ସେ ଠିକଣା କହିବାକୁ ଯାଉଥିବା ସମୟରେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ଆଖପାଖରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ଦୁର୍ବୃତ୍ତଙ୍କୁ ଧରିବାକୁ ପ୍ରୟାସ କରୁଛି।

# ରାଇରଙ୍ଗପୁର ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିରରେ ୨୨ ୟୁନିଟ୍ ସଂଗ୍ରହ



ରାଇରଙ୍ଗପୁର, ୬।୮ (ସମିସ): ରାଇରଙ୍ଗପୁର ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର ଗୃହରେ କଂଗ୍ରେସର ପୌରାଧ୍ୟକ୍ଷ ପ୍ରାର୍ଥୀ ଭଜହରି ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ କଂଗ୍ରେସ ଦଳର ବିଧାୟକ ଶ୍ୟାମଚରଣ ହାଁସଦା ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ରାଇରଙ୍ଗପୁର ରକ୍ତ ଭଣ୍ଡାରରେ ରକ୍ତର ସଙ୍କଟ ଦେଖାଦେଇଛି। ବିଶେଷତଃ ଥାଲାସେମିଆ, ସିକଲସେଲ, ବୟସ୍କ ଲୋକ, ଦୁର୍ଘଟଣାଜନିତ ଓ ପ୍ରସୂତୀ ମହିଳା ରକ୍ତ ସଙ୍କଟରେ ଛଟପଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜନ କରାଯାଇଛି। ଉକ୍ତ ଶିବିରରୁ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ରକ୍ତଦାତା ଗତିକୃଷ୍ଣ ମହାନ୍ତ, ରକ୍ତଦାତା ତଥା ସାମ୍ବାଦିକ ତୁଷାରକାନ୍ତ ମହାନ୍ତ, ସାମ୍ବାଦିକ ଅକ୍ଷୟ ବିଶ୍ୱାଳ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବିଜୟ ରାମ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରାଇରଙ୍ଗପୁର ଡାକ୍ତରଖାନାର ରକ୍ତଭଣ୍ଡାର ଅଧିକାରୀ ଡା ସିଂ ଓ କର୍ମଚାରୀ ଦେବବ୍ରତ ଗିରି, ଚିରଞ୍ଜିବୀ ମହାନ୍ତି, ସୁମନ୍ତ ଗିରି, ଗୁଗୁଲୁ ମୁର୍ମୁ, ସୁଜାତା ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ନାନୁ ଦା'ଙ୍କ ଜୟନ୍ତୀ

ବାରିପଦା, ୬।୮ (ସମିସ): ବାରିପଦାର ପାଲବଣି ଅଞ୍ଚଳର ଧର୍ମପରାୟଣ ବ୍ୟକ୍ତି, ସମାଜସେବୀ, ଅସହାୟ ମଣିଷର ସାହାରା, ଆବାଳବୃଦ୍ଧବନିତାଙ୍କ ହୃଦୟରେ ପ୍ରିୟ ଶ୍ରୀକାନ୍ତ ବୋଷ (ନାନୁ ଦା) ୭୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ଶୁଭେଚ୍ଛୁମାନେ ମିଳିତ ହୋଇ ମା' ତାରିଣୀ ପୀଠରେ ତାଙ୍କର ନିରାମୟ ସୁସ୍ଥ ଜୀବନ ପାଇଁ ପୂଜାର୍ଚ୍ଚନା କରିବା ସହ ତାଙ୍କ ବାସଭବନରେ ବନ୍ଧୁମିଳନ ପର୍ବରେ ସାମିଲ ହୋଇ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ପ୍ରଦୀପ ଘଡ଼େଇ, ସୁବାଷିଶ ବୋଷ, ବରୁଣ ନାଏକ, ମୌସୁମୀ ବୋଷ, କାହ୍ନୁଚରଣ ବେହେରା, କରୁଣାକର ପୁହାଣ, କାହ୍ନୁ ପାତ୍ର, ସୁଭଦ୍ରା ଭାରତୀ, ଚିନ୍ମୟୀ ବାରିକ, ସୁସ୍ମିତା ମିଶ୍ର ଓ ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ବଡ଼ସାହି, ୬।୮ (ସମିସ): ବଡ଼ସାହି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡିଓ ବନଜା ଦାସ, ସ୍ଥାନୀୟ ଥାନା ଆଇଆଇସି ସୁଦାମ ଚରଣ ନନ୍ଦୀ, ଜାତୀୟ ଦିବସ ପାଳନ କମିଟି କାର୍ଯ୍ୟକାରୀ ସଭାପତି ରଣଜିତ ଦାସ ଯୋଗଦେଇଥିଲେ। ବଡ଼ସାହି ପୂର୍ବତନ ଚେୟାରମ୍ୟାନ ମନୋରଞ୍ଜନ ବଳା, ସୁବୋଧ କୁମାର ଦଣ୍ଡପାଟ, ବଙ୍କିମ ବିହାରୀ ପାତ୍ର, ରାଜେନ୍ଦ୍ର ଜେନା, ଦେବରାଜ ନାୟକ, କୃପାସିନ୍ଧୁ ବେରା, ପ୍ରକାଶ ଦାସ, ଅନନ୍ତ ପଶା, ହେଲଫିଂ ହ୍ୟାଣ୍ଡ ମୟୂରଭଞ୍ଜ ଟ୍ରଷ୍ଟ ବଡ଼ସାହି ଶାଖାର ସଦସ୍ୟ ଆଲୋଚନାରେ ଭାଗ ନେଇ ନିଜ ନିଜର ମତ ରଖିଥିଲେ। ବୈଠକରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ। ସନ୍ତୋଷ କୁମାର ବିଶ୍ୱାଳ ଗତ ସାଧାରଣତନ୍ତ୍ର ଦିବସର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ସ୍ୱାଧୀନତା ଦିବସରେ ବଡ଼ସାହି ବିଧାୟକ ସନାତନ ବିଜୁଳୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ଓ ବଡ଼ସାହି ଗାନ୍ଧୀ ଛକସ୍ଥ ପତାକା ପୀଠରେ ବଡ଼ସାହି ତହସିଲଦାର ଜାତୀୟ ପତାକା ଉତ୍ତୋଳନ କରିବେ। ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ୧୦ ତାରିଖ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷରେ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାରାଓନା ହେମ୍ବ୍ରମ ଓ ସହକାରୀ ସମରଜିତ ଗରେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଦସ୍ୟ ସଚୀନ୍ଦ୍ର କୁମାର ବିଶ୍ୱାଳ ସଂଯୋଜନା କରିଥିବାବେଳେ ଶିକ୍ଷକ ଲଳିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଜଳ ନିଷ୍କାସନ ସମସ୍ୟା

# ବୁଡ଼ି ରହିଛି ଚାଷଜମି, ଚାଷୀ ହନ୍ତସନ୍ତ



ଶରତ, ୬।୮ (ସମିସ), କପ୍ତିପଦା ବ୍ଲକ୍ ଅନ୍ତର୍ଗତ ମଝୀଗଡ଼ିଆ ପଞ୍ଚାୟତ ଡାଙ୍ଗରତୁଆ ଗାଁରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପ୍ରଶସ୍ତ ଡ୍ରେନ ଓ ଓଭରଫ୍ଲୋ ଜଳନିଷ୍କାସନ ସମସ୍ୟା ଯୋଗୁଁ ସ୍ଥାନୀୟ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଜୁଲାଇ ୨୮ ରୁ ଚଳିତ ଅଗଷ୍ଟ ମାସର ପ୍ରବଳ ବର୍ଷା ଯୋଗୁଁ ବନ୍ଧ ଉପର ମୁଣ୍ଡରେ ଓଭରଫ୍ଲୋ ଦେଇ ପ୍ରଚୁର ଜଳ ପ୍ରବାହିତ ହୋଇଥିଲା। ସୂଚନା ଅନୁଯାୟୀ, ବନ୍ଧର ଯେଉଁ ମୁହାଁଣରୁ ପାଣି ଛଡ଼ାଯାଉଛି, ସେଠାରୁ ତଳକୁ ଜଳ ପ୍ରବାହିତ ପାଇଁ ଅତ୍ୟନ୍ତ ଛୋଟ ଓ ସଂକୀର୍ଣ୍ଣ ଡ୍ରେନ ନିର୍ମାଣ କରାଯାଇଛି। ଡ୍ରେନର ଆକାର ଛୋଟ ଥିବାରୁ ଅଧିକାଂଶ ପାଣି ନାଳରେ ପ୍ରବାହିତ ନ ହୋଇ ସିଧାସଳଖ ଧାନ ବିଲକୁ ମାଡ଼ିଯାଇଛି। ଫଳରେ ପାଣି ସ୍ରୋତରେ ବିଲର ହିଡ଼ସବୁ ଭାଙ୍ଗିଯିବା ସହ ନୂଆ ଲଗାଯାଇଥିବା ତଳି ଓ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବନ୍ଧତଳେ ଥିବା ସମସ୍ତ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବାବେଳେ ସେମାନେ ଅସହାୟ ହୋଇପଡ଼ିଛନ୍ତି।

ସୂଚନାମୁତାବକ, ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଏହି ମଝୀଗଡ଼ିଆ ଏମ୍.ଆଇ.ପି ର ଆଧୁନିକୀକରଣ କାର୍ଯ୍ୟ ପାଇଁ ପ୍ରାୟ ୬୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟ ବିଭାଗୀୟ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ସମ୍ପାଦିତ ହୋଇଥିବାବେଳେ ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ଓ ରକ୍ଷଣାବେକ୍ଷଣ ଅଭାବରୁ ଆଜି ଚାଷୀଙ୍କୁ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡୁଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପାଣି ମାଡ଼ିଯିବା ଫଳରେ ଚାଷୀଙ୍କର ଲକ୍ଷାଧିକ ଟଙ୍କାର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲା ପ୍ରଶାସନ ଓ କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀମାନେ ସ୍ଥଳପଥ ପରିଦର୍ଶନ କରି କ୍ଷତିଗ୍ରସ୍ତ ବିଲର ଆକଳନ କରିବା, ଡ୍ରେନର ପ୍ରଶସ୍ତୀକରଣ କରି ଜଳ ନିଷ୍କାସନର ସ୍ଥାୟୀ ସମାଧାନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ସ୍ଥାନୀୟ ଚାଷୀ ସଂଘ ଓ ଗ୍ରାମବାସୀ ସୋମନାଥ ହୋ, ବେଲମଣୀ ତିୟୁ, ସେବତୀ ବାଲମୁଚୁ, ନାନିକା ଡାଙ୍ଗିଲ, ମନୋରଞ୍ଜନ ଗୋଇପାଇ ଏବଂ ନବୀନ ମୁଣ୍ଡରୀ ପ୍ରମୁଖଦୃଢ଼ ଦାବି କରିଛନ୍ତି।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ



ଉଦଳା, ୬।୮ (ସମିସ) : ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ହୋଇଥିବା ଉଦଳା ବ୍ଲକ୍ ଅନ୍ତର୍ଗତ ବଡସିଙ୍ଗାରିଆ ଅଞ୍ଚଳର ବନ୍ୟା ପ୍ରଭାବିତ ପରିବାରଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ନାବାର୍ଡ କର୍ମଚାରୀ କଲ୍ୟାଣ ସଂଘ ଏବଂ ଯୁବବିକାଶ ଫାଉଣ୍ଡେସନ୍। ଓଡ଼ିଶାର "କ୍ଲଥ ମ୍ୟାନ" ଭାବେ ପରିଚିତ ଗଗନ ପଇଡାଳ, ପୂର୍ବତନ ନାବାର୍ଡ ଅଧିକାରୀ ଆଦିତ୍ୟ ରଥ ଏବଂ ସ୍ୱେଚ୍ଛାସେବୀ ଶଶିକାନ୍ତ ସ୍ୱାଇଁ ସଂଘ ତରଫରୁ ସ୍ଥଳରେ ପହଞ୍ଚି ଶୁଖିଲା ଖାଦ୍ୟ, ରାସନ ସାମଗ୍ରୀ, ଟର୍ଚ୍ଚ, ପୋଷାକ, ବିସ୍କୁଟ୍, ଜରିପାଲ, ଜଳ ବିଶୋଧନ ପାଇଁ ହାଲୋଜେନ ଟାବଲେଟ୍ ଆଦି ବିତରଣ କରିଥିଲେ। ନାବାର୍ଡ କର୍ମଚାରୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟରେ ସମସ୍ତ କର୍ମଚାରୀଙ୍କ ଅନୁଦାନରେ ଆବଶ୍ୟକୀୟ ସାମଗ୍ରୀ ସଂଗ୍ରହ କରାଯାଇଥିଲା। ବିତରଣ ଦଳ ବଡସିଙ୍ଗାରିଆ ଅଞ୍ଚଳର ସୁଖୁଆ ସାହି, କଲୋନି ସାହି, ମାରଙ୍ଗପାଲ, ଗଡ଼ିସାହି ଏବଂ ମଝିସାହି ସମୁଦାୟ ଗ୍ରାମ ପରିଦର୍ଶନ କରି ପ୍ରତ୍ୟେକ ପରିବାରକୁ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ପାଣି ଘେରରେ ରହିଥିବା ଲୋକଙ୍କ ପାଇଁ ଏହି ସାମଗ୍ରୀ ବେଶ ଉପଯୋଗୀ ହୋଇଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଏହି ଅବସରରେ ଗଗନ ପଇଡାଳ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନବସେବା ହିଁ ପ୍ରକୃତ ଧର୍ମ। ନାବାର୍ଡ କର୍ମଚାରୀମାନେ ଏକାଠି ହୋଇ ସଂଗ୍ରହ କରିଥିବା ସାମଗ୍ରୀ ବନ୍ୟା ପ୍ରଭାବିତଙ୍କ ପାଖରେ ପହଞ୍ଚାଇବା ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଯୁବ ବିକାଶର ଗୋବିନ୍ଦ ଦଳାଇ, ଅସିତ ଦଳାଇ ଭାଗ୍ୟଲକ୍ଷ୍ମୀ ରାଉତ, ସୁବାଷ ଖୁଣ୍ଟିଆ, ବିନତି ପରିଡା, ଜିତେନ୍ଦ୍ର ମହାନ୍ତ, ଚୁମୁକି ମାଝୀ, ସଂଯୁକ୍ତା ବେହେରା, ରାଖାଲ ମାଇତି ପ୍ରଭୃତି ସହଯୋଗ କରିଥିଲେ।

# କାମଧେନୁ ଯୋଜନାର ନିୟମ ସରଳ କରିବାକୁ ଜିଲ୍ଲା କଂଗ୍ରେସର ଦାବି



ପିଆର୍‌ଏମ୍ ଟିଚିଂ ହସ୍ପିଟାଲକୁ ସରକାରୀ ବସ୍ ସେବା ଯୋଗାଇବା ନେଇ ଆଲୋଚନା

ବାରିପଦା, ୬।୮ (ସମିସ): ଗୋ-ଚାଷୀଙ୍କ ନିମନ୍ତେ ଓଡ଼ିଶା ସରକାରଙ୍କର କାମଧେନୁ ଯୋଜନାର ନିୟମାବଳୀରେ ସୁଧାର ଆଣିବା ପାଇଁ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ତତ୍ସହିତ ନିୟମିତ ଭାବେ ପିଆର୍‌ଏମ୍ ମେଡିକାଲ ଓ ହସ୍ପିଟାଲକୁ ବସ୍ ସେବା ଯୋଗାଇବା ନିମନ୍ତେ ଆଲୋଚନା କରାଯାଇଛି। ବର୍ତ୍ତମାନ ଓଡ଼ିଶା ସରକାରଙ୍କର ନୂତନ କାମଧେନୁ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନା ନିମନ୍ତେ ୧୪୨୩.୪୭କୋଟି ଟଙ୍କାର ବଜେଟ୍ ପାରିତ ହୋଇଛି। ଏହି ଯୋଜନାରେ ଯେଉଁ ନିୟମାବଳୀ ରହିଛି, ତା' ଅନୁସାରେ କୌଣସି ହିତାଧିକାରୀ ଗାଈ କିମ୍ବା ମହିଷୀ କିଣିବାରେ ସକ୍ଷମ ହୋଇପାରୁନାହାନ୍ତି। ସରକାର ଯେଉଁ ନିୟମ ରଖିଛନ୍ତି ସେଥିରେ ୧ ବର୍ଷର ଟେଗ୍ ଥିବା ଗାଈ କିଣିବା ପାଇଁ ସମ୍ଭବ ହୋଇପାରୁନି। ଟେଗ ଥିବା ଗାଈ କିମ୍ବା ମହିଷୀଗୁଡ଼ିକ ୧ବର୍ଷ ହୋଇଥିବା ଦରକାର, ମାନେ ଗାଈ କିମ୍ବା ମହିଷୀ ଗର୍ଭିଣୀ ହେବା ପରେ ୯ ମାସ ମଧ୍ୟରେ ବାଛୁରୀ ହେଉଛି। ଅବଶିଷ୍ଟ ୩ ମାସର ଦୁଗ୍ଧ ନୂତନ ଭାବେ କ୍ରୟ କରିଥିବା ଚାଷୀ ତାର ଲାଭ ହରାଉଛି। ତା' ଛଡା ଟେଗ ଗାଈ କିମ୍ବା ମହିଷୀର ବୟସ ଠିକ୍ ଭାବେ ଜାଣି ନ ପାରି ବୁଢ଼ୀ ଗାଈ ଓ ମହିଷୀ କ୍ରୟ କରି ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏତଦ୍ ବ୍ୟତୀତ ନିଜ ଅଞ୍ଚଳରେ ଟେଗ୍ ଗାଈ ଓ ମହିଷୀ କ୍ରୟର ସୁବିଧା ନ ଥିବାରୁ ବାହାର ରାଜ୍ୟକୁ ଟେଗ୍ ଗାଈ ଓ ମହିଷୀ କିଣିବା ପାଇଁ ଯିବାକୁ ପଡୁଛି। ବାହାର ରାଜ୍ୟରେ ଯେଉଁ ଡାକ୍ତର ଗାଈ ଓ ମହିଷୀକୁ ଟେଗ୍ କରୁଛନ୍ତି ତାହାର ଖର୍ଚ୍ଚ ୧୫ରୁ ୨୦ହଜାର ଅଧିକ ପଡୁଛି। ଯାହାକି ସରକାର ଯେଉଁ ସବ୍ସିଡି ଦେଉଛନ୍ତି ତାହା ବାଟମାରଣା ହୋଇ ବାହାର ରାଜ୍ୟର ଟେଗ୍ ଗାଈ ଓ ମହିଷୀ ବିକ୍ରେତାମାନେ ପାଉଛନ୍ତି। ଏଣୁ ସରକାର ଯଦି ନିଜ ନିଜ ଅଞ୍ଚଳରେ ଥିବା ସିଡିଭିଓମାନଙ୍କୁ ଦାୟିତ୍ୱ ଦେଇ ଗାଈ ଓ ମହିଷୀ କ୍ରୟ ନିମନ୍ତେ ସୁବିଧା ସୃଷ୍ଟି କରନ୍ତେ ତେବେ ଗୋ ଚାଷୀମାନଙ୍କୁ ବାହାର ରାଜ୍ୟକୁ ଯିବାକୁ ପଡ଼ନ୍ତା ନାହିଁ। ସବ୍ସିଡି ଠିକ୍ ଭାବରେ ପାଇପାରିବେ କିମ୍ବା ମୟୂରଭଞ୍ଜ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ଭେଣ୍ଡରମାନଙ୍କୁ ଦାୟିତ୍ୱ ଦେଲେ ଉଚ୍ଚ ଜାତିର ଗାଈ ଓ ମହିଷୀ ଗୋ ଚାଷୀମାନେ ପାଇପାରିବେ ଏବଂ ଏହାଦ୍ୱାରା ଗୋ - ଚାଷୀ ମାନେ ଉପକୃତ ହେବେ ଓ ଉନ୍ନତ ମାନର ଗାଈ ଓ ମହିଷୀ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ଓ ଗୋ-ମହିଷାଦୀ ବଂଶ ବୃଦ୍ଧିରେ ସହାୟକ ହୋଇ ପାରିବେ। ଏଥି ସହିତ ଜୁନ୍ ୧୮ ତାରିଖରୁ ରଙ୍ଗାମାଟିଆକୁ ସ୍ଥାନାନ୍ତରିତ ପିଆର୍‌ଏମ୍ ଟିଚିଂ ହସ୍ପିଟାଲକୁ ରୋଗୀ ଓ ଆତ୍ମୀୟମାନେ ଯିବା ଆସିବା ପାଇଁ ହଇରାଣ ହେଉଛନ୍ତି। ସହରରୁ ନୂଆ କ୍ୟାମ୍ପସ୍କୁ ଯିବାଆସିବା ୩୦କିମି ଦୂର ପାଇଁ ଅଟୋଗୁଡ଼ିକ ୩୦୦/୩୫୦ଟଙ୍କା ଦାବି କରୁଛନ୍ତି। ଆଦିବାସୀବହୁଳ ଜିଲ୍ଲା ମୁଖ୍ୟାଳୟରେ ସାମାନ୍ୟତମ ସ୍ୱାସ୍ଥ୍ୟସେବା ପାଇବା ପାଇଁ କଂଗ୍ରେସ ଦଳ ପକ୍ଷରୁ ସରକାରୀ ବସ୍ସେବା ପ୍ରଚଳନ ପାଇଁ ଦାବି କରାଯାଇଛି। ଏହି ଦାବିପତ୍ର କଂଗ୍ରେସ ଦଳର ବରିଷ୍ଠ ନେତା ବିଜନ ଦାସ, ପୂର୍ବତନ ଉପସଭାପତି ଅଶୋକ ଅଧିକାରୀ, କଂଗ୍ରେସ ନେତା ଶାନ୍ତନୁ ପାଲ, ପୂର୍ବତନ ମହିଳା ସଭାପତି ସୁସ୍ମିତା ଘୋଷଲ, ନିର୍ମଳ ପ୍ରଧାନ, ଭବାନୀ ଶଙ୍କର ସାହୁ, ଯୁବ ନେତା ନିହାର ରଞ୍ଜନ ମଢୁଆଳ, ରତିକାନ୍ତ ଚୌଧୁରୀ, କ୍ଷେତ୍ର ମୋହନ ମହାନ୍ତ ପ୍ରମୁଖ ପ୍ରଦାନ କରିଥିଲେ।

## ଆଜିଠୁ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା

# ୨୬ଟି ଇଭେଣ୍ଟରେ ଭାଗନେବେ ୬୦୨ ପ୍ରତିଯୋଗୀ

ରାଇରଙ୍ଗପୁର, ୬।୮ (ସମିସ)

ଆସନ୍ତାକାଲିଠୁ ୭୨ତମତ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ୨୬ଟି ଇଭେଣ୍ଟରେ ୬୦୨ ଜଣ ପ୍ରତିଯୋଗୀ ଭାଗନେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ଓଡିଶା ଅଲମ୍ପିକ ଆସୋସିଏସନ ଓ ଓଡିଶା ଆଥଲେଟିକ ଆସୋସିଏସନର ଟେକ୍ନିକାଲ ମୁଖ୍ୟ ମି. ପ୍ରବଧ କୁମାର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ/ ସୁଭାଶିଷ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଡ. ଶୁଭାଶିଷ ନାୟକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ଉକ୍ତ ପ୍ରତିଯୋଗିତା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ଏହି ରାଜ୍ୟସ୍ତରୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ କ୍ରୀଡା ସଙ୍ଘର ମିଳିତ ସହଯୋଗରେ ଓଡିଶା କ୍ରୀଡା ସଙ୍ଘ ଦ୍ୱାରା ଆୟୋଜିତ ହେବାକୁ ଯାଉଛି। ଆସନ୍ତାକାଲି ଏହି ଚାମ୍ପିଅନସିପ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରାଇରଙ୍ଗପୁରସ୍ଥ ନବନିର୍ମିତ କ୍ରୀଡ଼ା କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ।

ପ୍ରତ୍ୟେକ ଦିନ ପ୍ରଥମ ପର୍ଯ୍ୟାୟ ସକାଳ ୭ରୁ ଆରମ୍ଭ ହୋଇ ଦିବା ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ଓ




ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୨.୩୦ରୁ ସନ୍ଧ୍ୟା ୭.୩୦ ମିନିଟ ପର୍ଯ୍ୟନ୍ତ ବିଭିନ୍ନ ଖେଳକୁଦ ଇଭେଣ୍ଟ ଚାଲିବ। ଆସନ୍ତାକାଲି ଅପରାହ୍ନରେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ବୟସ ଆଧାରରେ ପ୍ରତିଯୋଗିତା ୪ଟି ବର୍ଗ ୧୪ ବର୍ଷରୁ କମ, ୧୬ ବର୍ଷରୁ କମ, ୧୮ ବର୍ଷରୁ କମ ଓ ୨୦ ବର୍ଷରୁ କମ ବୟସ ଉଭୟ ବାଳକ ଓ ବାଳିକା ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ରାଜ୍ୟର ୩୦ଟି ଜିଲ୍ଲା ଓ ପ୍ରମୁଖ ସହର ଭୁବନେଶ୍ୱର, ରାଉରକେଲା, ପାରାଦୀପ ଓ କିଟ୍ ଅନୁଷ୍ଠାନକୁ ମିଶାଇ ମୋଟ ୩୪ଟି ସ୍ଥାନରୁ ୩୫୮ ଜଣ ବାଳକ ଓ ୨୪୪ ଜଣ ବାଳିକାଙ୍କୁ ମିଶାଇ ୬୦୨ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଏଥିସହିତ ମହିଳା କ୍ରୀଡ଼ାବିତ୍, ପ୍ରଶିକ୍ଷକ, ଅଧିକାରୀ ଓ କ୍ରୀଡା ଜଗତର ଅନ୍ୟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏହାର ସୁପରିଚାଳନା ପାଇଁ ୮୦ ଜଣ ଟେକ୍ନିକାଲ ଅଫିସର ଓ ୧୨୦ ଜଣ ଅର୍ଗାନାଇଜର ନିୟୋଜିତ ହୋଇଛନ୍ତି। ଉଭୟ ବାଳକ ଓ ବାଳିକା ବର୍ଗରେ ଦୌଡ଼, ଲମ୍ଫ, ଥ୍ରୋ ଇତ୍ୟାଦି ସହ ଦୌଡ଼କୁଦ ଅନ୍ତର୍ଗତ ଅନ୍ୟାନ୍ୟ ଖେଳକୁ ମିଶାଇ ପାଖାପାଖି ୨୬ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ପ୍ରତିଯୋଗିତାର ପ୍ରସ୍ତୁତି ଓ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ, ରାଜ୍ୟର ଏକ ପ୍ରମୁଖ କ୍ରୀଡ଼ା ଆୟୋଜନ ଭାବେ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାକୁ ସୁଚାରୁ, ଶୃଙ୍ଖଳିତ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଇଛି। ପ୍ରତିଯୋଗୀଙ୍କ ରହଣି, ଖାଦ୍ୟ, ପାନୀୟଜଳ, ଚିକିତ୍ସା, ଯାତାୟାତ ଓ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ପ୍ରତିଯୋଗିତା ସ୍ଥଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହ ଆମ୍ବୁଲାନ୍ସ, ମେଡିକାଲ୍ ଟିମ୍ ଓ ଅଗ୍ନିଶମ ସେବା ମୁତୟନ କରାଯିବ। ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରେସନ ଓରାମ କହିଥିଲେ, ପ୍ରତିଯୋଗିତା ସମୟରେ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପୁଲିସ ମୁତୟନ କରାଯିବ। କ୍ରୀଡ଼ାବିତ୍, ଅତିଥି ଓ ଦର୍ଶକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ସହଯୋଗ ଓ ସକ୍ରିୟ ପ୍ରଚାର ମାଧ୍ୟମରେ ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ଆୟୋଜନକୁ ସଫଳ କରିବା ପାଇଁ ସମସ୍ତ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରାଯାଇଥିଲା। ଅଲିମ୍ପିକ ଆସୋସିଏସ ମୁଖ୍ୟ ପ୍ରବୋଧ ମହାନ୍ତି ପ୍ରତିଯୋଗିତା ପାଇଁ ହୋଇଥିବା ସମସ୍ତ ପ୍ରକାର ଉତ୍ତମ ବ୍ୟବସ୍ଥା ସମ୍ପର୍କରେ ସନ୍ତୋଷ ବ୍ୟକ୍ତ କରିବା ସହ କହିଥିଲେ, ୧୦ ଲେନ ବିଶିଷ୍ଟ ରାଇରଙ୍ଗପୁରର ଏହି ଷ୍ଟାଡିୟମ ଓଡିଶାରେ ପ୍ରଥମ ଓ ସାରା ଭାରତରେ ଦ୍ୱିତୀୟ ଷ୍ଟାଡିୟମ। ଯେଉଁଠାରେ ପ୍ରଥମ କରି ଏହି ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରାଯାଉଛି। ରାଇରଙ୍ଗପୁରରେ ଏଭଳି ଏକ ବୃହତ୍ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି କରିବ ବୋଲି ଆଶା ପ୍ରକାଶ କରିଥିଲେ।

## ହାତୀ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀଙ୍କ ରାଜ୍ୟ ରାଜପଥ ଅବରୋଧ



ବାରିପଦା, ୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବନଖଣ୍ଡ ଅନ୍ତର୍ଗତ ଶିମିଳା ଓ ଆଖପାଖ ଅଞ୍ଚଳରେ ବିଗତ କିଛିମାସ ଧରି ୨୦ରୁ ଅଧିକ ହାତୀଙ୍କ ଉପଦ୍ରବରେ ସ୍ଥାନୀୟ ଲୋକ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ହାତୀ ଘର ଭାଙ୍ଗିବା ସହ ଧାନ ଫସଲ ନଷ୍ଟ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହାତୀ ଉପଦ୍ରବର ସ୍ଥାୟୀ ସମାଧାନ, ଯଥୋଚିତ କ୍ଷତିପୂରଣ ଓ ସୁରକ୍ଷା ବ୍ୟବସ୍ଥା ଦାବିରେ ଗୁରୁବାର ସ୍ଥାନୀୟ ଗ୍ରାମବାସୀ ବାଙ୍ଗିରିପୋଷି-କଳାବାଡ଼ିଆକୁ ସଂଯୋଗ କରୁଥିବା ଡାହିସାହି ନିକଟରେ ରାଜ୍ୟ ରାଜପଥ ନଂ ୫୦କୁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିବା ବେଳେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଖବର ପାଇ ବାଙ୍ଗିରିପୋଷି ରେଞ୍ଜର ମହେଶ୍ୱର ସିଂହ ଓ ବାଙ୍ଗିରିପୋଷି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରାତିରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ହାତୀଙ୍କୁ ଜଙ୍ଗଲ ଆଡ଼କୁ ଦିଗ ଦେଖାଇବା ପାଇଁ ବିଶେଷ "ଡ୍ରାଇଭ୍' କରାଯିବ ଓ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ। ଏହା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## କାନ୍ଥ ତଳେ ଚାପି ହୋଇ ବୃଦ୍ଧ ମୃତ



ମୋରଡ଼ା, ୬।୮ (ସମିସ): ମୋରଡ଼ା ଥାନା ଅଞ୍ଚଳରେ ଲଗାଣ ବର୍ଷା ହେବା ଫଳରେ ମାଟି କାନ୍ଥ ତଳେ ଚାପି ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଉକ୍ତ ଥାନା ଅଧୀନ ନୂହାଝାଲିଆ ଗ୍ରାମର ରୁହିୟା ହାଁସଦା। ଗତକାଲି ରାତିରେ ଶୋଇଥିବା ସମୟରେ ଲଗାଣ ବର୍ଷା ଯୋଗୁଁ ଘରର ମାଟି କାନ୍ଥ ଭୁଶୁଡି ପଡି ରୁହିୟାଙ୍କ ଉପରେ ପଡିଥିଲା ଓ ରୁହିୟା କାନ୍ଥ ତଳେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛି।

## ହୋ' ଭାଷା ଶିକ୍ଷକ ଚୟନ ଶେଷ; ୨୪ ଜଣ ମନୋନୀତ

ଠାକୁରମୁଣ୍ଡା, ୬।୮ (ସମିସ): ହୋ' ସମାଜର ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ "ୱାରାଙ୍ଗ ଚିତି' ଲିପିର ପ୍ରଚାର ଓ ପ୍ରସାରକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ "ତୁର୍ତୁଙ୍ଗ ପ୍ରୋଜେକ୍ଟ' ଅଧୀନରେ ଆୟୋଜିତ ତୁର୍ତୁଙ୍ଗ ଶିକ୍ଷକ ଯୋଗ୍ୟତା ପରୀକ୍ଷା ସଫଳତା ପୂର୍ବକ ସମାପ୍ତ ହୋଇଛି। ଏହି ଚୟନ ପ୍ରକ୍ରିୟା ମାଧ୍ୟମରେ ୨୪ ଜଣ ହୋ ଭାଷା ପ୍ରଶିକ୍ଷକଙ୍କୁ ଚୟନ କରାଯାଇଛି। ହୋ ଷ୍ଟୁଡେଣ୍ଟ ୟୁନିଅନ୍ର ସହଯୋଗୀ ସଂଗଠନ ବୀର ବିରସା ମୁଣ୍ଡା ଟ୍ରଷ୍ଟ ଓଡ଼ିଶା ପକ୍ଷରୁ ଏହି ନିଯୁକ୍ତି ପ୍ରକ୍ରିୟାର ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ଆକାଂକ୍ଷୀ "ତୁର୍ତୁଙ୍ଗ ପ୍ରୋଜେକ୍ଟ' ଅଧୀନରେ ହୋ



ଭାଷା ଶିକ୍ଷାର ପ୍ରସାର ଓ ନୂତନ ପିଢ଼ିଙ୍କ ମଧ୍ୟରେ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୪ଟି ଭାଷା ପ୍ରଶିକ୍ଷକ ପଦ ପୂରଣ ପାଇଁ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଚୟନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଭାବେ ଗତ ୨ ଅଗଷ୍ଟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ୬ ଅଗଷ୍ଟରେ ଠାକୁରମୁଣ୍ଡାରେ ମୌଖିକ ପରୀକ୍ଷା ସଫଳତାର ସହ ଆୟୋଜିତ ହୋଇଥିଲା। ଉଭୟ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ଭାଷା ଜ୍ଞାନ, ଶିକ୍ଷାଦାନ ଦକ୍ଷତା, ନେତୃତ୍ୱ କ୍ଷମତା ଓ ହୋ ଭାଷା ଓ "ୱାରାଙ୍ଗ ଚିତି' ଲିପି ପ୍ରତି ସେମାନଙ୍କର ଅବଦାନକୁ ଗୁରୁତ୍ୱ ଦେଇ ମୂଲ୍ୟାୟନ କରାଯାଇଥିଲା। ମୌଖିକ ପରୀକ୍ଷା ବୋର୍ଡରେ ମୁଖ୍ୟ ପରୀକ୍ଷକ ଭାବେ ଗୌରାଙ୍ଗ ବାନ୍ଦିଆ ଓ ହୋ ଷ୍ଟୁଡେଣ୍ଟ ୟୁନିଅନ୍ର ପ୍ରତିଷ୍ଠାତା ବାଗୁନ୍ ସିଂ ଜାରିକା ଉପସ୍ଥିତ ଥିଲେ।

ସେହିପରି ଭିବିଏମଟି ଓଡ଼ିଶାର ସଂଯୋଜକ ପୂଜା ଗୋସରାଙ୍କ ସହ ହୀରାମଣି ହେମ୍ବ୍ରମ, ରଜତ କୁମାର ସିଂ, ବଳରାମ ପୂର୍ତ୍ତି ଓ କୁନା କାଣ୍ଡେୟାଙ୍ଗ ପରୀକ୍ଷକ ପ୍ୟାନେଲ୍ର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ସମଗ୍ର ଚୟନ ପ୍ରକ୍ରିୟାକୁ ଭିବିଏମଟି ଓଡ଼ିଶାର ଏକଜିକ୍ୟୁଟିଭ୍ ଟ୍ରଷ୍ଟି କ୍ଷୀରୋଦ କୁମାର ହେମ୍ବ୍ରମ ଓ ଗଣେଶ୍ୱର ଗାଗରାଇଙ୍କ ନେତୃତ୍ୱରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ପ୍ରାର୍ଥୀଙ୍କ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ଯୋଗ୍ୟତାଭିତ୍ତିକ ଚୟନ ପ୍ରକ୍ରିୟା ଅନୁସରଣ କରାଯାଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଚୟନିତ ୨୪ ଜଣ ଭାଷା ପ୍ରଶିକ୍ଷକ ଆସନ୍ତା ୧୮ ଅଗଷ୍ଟରୁ ଜାମସେଦପୁରସ୍ଥ ଟ୍ରାଇବାଲ କଲ୍ଚର ସୋସାଇଟିରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରଶିକ୍ଷଣ ପରେ ସେମାନେ ବିଭିନ୍ନ ଅଞ୍ଚଳରେ ହୋ ଭାଷା ଶିକ୍ଷା ପ୍ରଦାନ ସହ "ୱାରାଙ୍ଗ ଚିତି' ଲିପିର ପ୍ରଚାର ଓ ସଂରକ୍ଷଣ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ ହେବେ। ଟ୍ରଷ୍ଟ ପକ୍ଷରୁ ସମସ୍ତ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ହୋ ସମାଜର ଶିକ୍ଷାଗତ, ସାଂସ୍କୃତିକ ଓ ସାମାଜିକ ବିକାଶରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଛି। ଆୟୋଜକ କହିଛନ୍ତି ଯେ, ଏହି ପ୍ରୟାସ ମାଧ୍ୟମରେ ହୋ ଭାଷାର ସଂରକ୍ଷଣ ସହିତ ଆଗାମୀ ପିଢ଼ିଙ୍କ ମଧ୍ୟରେ ମାତୃଭାଷା ପ୍ରତି ଗର୍ବ ଓ ସଚେତନତା ବୃଦ୍ଧି ପାଇବ, "ତୁର୍ତୁଙ୍ଗ ପ୍ରୋଜେକ୍ଟ' ହୋ ସମାଜର ସାମଗ୍ରିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

କୁଆଁମରା, ୬।୮ (ସମିସ): ଗୋପବନ୍ଧୁନଗର ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ବ୍ଲକ ସଭା ଗୃହରେ ବିଡିଓ ପୃଥିରାଜ ପରିଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏବିଡିଓ ବିଘ୍ନେଶ ବେହେରା, ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରବିନାରାୟଣ ମହାପାତ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରାଙ୍କ ସମେତ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଜଳ ପରିମଳ ବିଭାଗ, ସମାଜସେବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବିଭିନ୍ନ ପଦାଧିକାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ସ୍ୱାଧୀନତା ଦିବସ ପାଳନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବ୍ଲକସ୍ତରୀୟ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳ ୮.୩୦ରେ ଖୁଣ୍ଟା ମିନି ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ ହେବ। ଏଥିପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ କରାଯାଇ ପ୍ରବନ୍ଧ, ସଂଗୀତ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ପ୍ରତିଯୋଗିତାକୁ ସଂପୂର୍ଣ୍ଣ ଭାବେ ଶିକ୍ଷା ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ବିଦ୍ୟାଳୟରୁ ୮ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତତ୍‌ସହିତ ୧୦ରୁ ଅଧିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ୟାରେଡ୍ ଓ ନୃତ୍ୟରେ ଅଂଶଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ବିଭିନ୍ନ ସଂଗଠନ ପରିଚାଳନା କରିବ।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ

ବୈଶିଙ୍ଗା, ୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ବନ୍ୟା ପରିସ୍ଥିତିର ସମୀକ୍ଷା ପରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବେତନଟୀ ଓ ବଡ଼ସାହି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷତିଗ୍ରସ୍ତଙ୍କ ସମସ୍ୟାର ଅନୁଧ୍ୟାନ କରିଛନ୍ତି। ଜଳବନ୍ଦୀ ଗ୍ରାମରେ ପହଞ୍ଚି ସେ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ତୁରନ୍ତ ରିଲିଫ୍, ପୁନର୍ବାସ ଓ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କାଠପାଳ, ଭିମଦା ଓ ପାଟିସାରି ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କ ସହ ଭେଟିଥିଲେ।

ଘର, ଫସଲ ଓ ଜନଜୀବନରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ସଂଗ୍ରହ କରିଥିଲେ। ଗସ୍ତ ସମୟରେ ପାଟୁଳିପୁରା ପଞ୍ଚାୟତ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀ ଉପରେ ଥିବା ନାଖରା ସେତୁର ସ୍ଥିତି ପରଖି ଏହାର ବିକଳ୍ପ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବଡ଼ସାହି ବ୍ଲକର ଖଡିକାପଦା ରାସ୍ତାରେ ବାରମ୍ବାର ଜଳ ଜମି ଯାତାୟାତ ବାଧାପ୍ରାପ୍ତ ହେଉଥିବାରୁ ସ୍ଥାୟୀ ସମାଧାନ ପାଇଁ ମଧ୍ୟ ପଦକ୍ଷେପ ନେବାକୁ କହିଥିଲେ। ବନ୍ୟାରେ ଘର ହରାଇଥିବା ପରିବାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଚ୍ଛିନ୍ନ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ କରିବା, ପାନୀୟ ଜଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ କ୍ଷୟକ୍ଷତିର ଆକଳନ ଶୀଘ୍ର ଶେଷ କରି ସରକାରୀ ନିୟମ ଅନୁଯାୟୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପାଟଣା ନିର୍ବାଚନମଣ୍ଡଳୀର ସାପ୍ତାହିକ ଦାବି ଓ ଆପତ୍ତି ତାଲିକା ହସ୍ତାନ୍ତର

କେନ୍ଦୁଝର, ୬।୮ (ସମିସ): ଚାଲୁ ରହିଥିବା ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)-୨୦୨୬ ମତଦାତା ତାଲିକା ସଂଶୋଧନ ସମ୍ପର୍କରେ ଗୁରୁବାର ପୂର୍ବାହ୍ନରେ ୨୩-ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଫର୍ମ ୯, ୧୦, ୧୧, ୧୧ଏ ଏବଂ ୧୧ବି ରେ ମିଳିଥିବା ସାପ୍ତାହିକ ଦାବି ଏବଂ ଆପତ୍ତି ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ବ୍ୟକ୍ତିଗତ ଭାବେ ହସ୍ତାନ୍ତର କରାଯାଇଥିଲା। ଏହାସହିତ ପ୍ରତିନିଧିମାନଙ୍କୁ ଚାଲୁ ରହିଥିବା ଏସଆଇଆର-୨୦୨୬ ପ୍ରକ୍ରିୟାର ସମୟସୀମା ବୃଦ୍ଧି ସମ୍ପର୍କରେ ଅବଗତ କରାଯାଇଥିଲା ଏବଂ ଏହି ସଂଶୋଧନ କାର୍ଯ୍ୟକୁ ସଫଳତାର ସହ ଶେଷ କରିବା ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା।

## ● ରାଜାବନ୍ଧ ପୋଲ ଉପରେ ୩ ଫୁଟର ବର୍ଷା ପାଣି

## ଯାତାୟାତ ବାଧାପ୍ରାପ୍ତ; ଉଚ୍ଚ ପୋଲ ନିର୍ମାଣ ଦାବି

ମୋରଡ଼ା, ୬।୮ (ସମିସ): ଗୁରୁବାର ବାରିପଦା-ଚିତ୍ରଡା-ଅମର୍ଦା ୬୧ ନମ୍ବର ରାଜ୍ୟ ରାଜପଥର ଚିତ୍ରଡା ରାଜାବନ୍ଧ ପୋଲ ଉପରେ ଲଗାଣ ବର୍ଷା ହେବା ଫଳରେ ବର୍ଷା ଜଳ ପୋଲ ଉପରେ ତିନି ଫୁଟ ଉଚ୍ଚତାରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଦୀର୍ଘ ସମୟ ଧରି ଉକ୍ତ ପୋଲ ଉପରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ରାଜନେତା ଓ ଅଧିକାରୀ ଯିବାଆସିବା କରୁଥିଲେ ମଧ୍ୟ ସୁଉଚ୍ଚ ପୋଲ ନିର୍ମାଣ ପାଇଁ କେହି ମନ ବଳାଉନାହାନ୍ତି, ଫଳରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ପୋଲ ଉପରେ ପାଣିର ସ୍ରୋତ ଅତ୍ୟଧିକ ଥିବାରୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଛି। ବ୍ଲକ



କାର୍ଯ୍ୟାଳୟ, କୃଷି ବିଭାଗ, ଲ୍ୟାମ୍ପସ, ଯୋଗାଣ ନିରୀକ୍ଷିକ, ତହସିଲ, ସବରେଜିଷ୍ଟ୍ରାର ଅଫିସ, ଭଡ୍ଡା, ବ୍ଲକ ସମ୍ପ୍ରସାରଣ ଅଧିକାରୀ, ଆଧାର କେନ୍ଦ୍ର, ମତ୍ସ୍ୟ ବିଭାଗ, ଶିଶୁ ସମନ୍ୱୟ ବିଭାଗ, ଉଦ୍ୟାନ ବିଭାଗ ଓଏଲଏମ, ମିଶନ ଶକ୍ତି କାର୍ଯ୍ୟାଳୟ, ଚିତ୍ରଡା ମହାବିଦ୍ୟାଳୟ ଓ ଦୈନନ୍ଦିନ କାର୍ଯ୍ୟରେ ବଜାରକୁ ଆସୁଥିବା ଲୋକେ, ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଧରି ଅଳ୍ପ ବର୍ଷା ହେଲେ ବାଟୋଇ ତଥା ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବାରୁ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି। ତେବେ ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଗୁରୁତର ହେବାର ସମ୍ଭାବନା ରହିଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁଆଁମରା, ୬।୮ (ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତ ଆମ୍ବଯୋଡା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ସାତୁଆଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତି ହେମ୍ବ୍ରମ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସରପଞ୍ଚ ଦିପାଳୀ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାଗେନ ଟୁଡୁ, ପୂର୍ବତନ ପରିଚାଳନା କମିଟି ସଭାପତି ବୁଦାନ ମାରାଣ୍ଡି, ଆଲୁମିନି କମିଟି ସଭାପତି ଶଶୀଧର ସାହୁ, ସିଆରସିସି କରୁଣାକର ମଣ୍ଡଳ ପ୍ରମୁଖ ଯୋଗଦେଇ ଦାନ କରିଥିବା ସମ୍ପଦ ହିଁ ନିଜକୁ ଚିରକାଳ ସ୍ମରଣୀୟ ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ପ୍ରିୟବ୍ରତ ବେହେରା, ନବକିଶୋର ବିନ୍ଧାଣୀ, ରଞ୍ଜନ ବାରିକ ପ୍ରମୁଖ ଶ୍ରୀ ସାତୁଆଙ୍କ ବିଗତ ଦିନର ଅଭୁଲା ସ୍ମୃତିଚାରଣ କରିଥିଲେ। ଏ ଅବସରରେ ବିଦ୍ୟାଳୟ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଝାଡ଼େଶ୍ୱର ବୋଲବମ୍ ଭକ୍ତଙ୍କ ନେପାଳ ଯାତ୍ରା



ଆନନ୍ଦପୁର, ୬।୮ (ସମିସ): ଶ୍ରୀ ଝାଡ଼େଶ୍ୱର ବୋଲବମ୍ ସଂଘର ସଦସ୍ୟମାନେ ନେପାଳର ଶ୍ରୀ ମୁକ୍ତେଶ୍ୱର ପୀଠରେ ପାଣି ଢାଳିବାକୁ ଆଜି ଯାତ୍ରା କରିଛନ୍ତି। ଶ୍ରୀ ଝାଡେଶ୍ୱର ମହେଶଙ୍କ ପୀଠରେ ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରିଛନ୍ତି। ପୀଠର ପୂଜାପଣ୍ଡା କୃଷ୍ଣଚନ୍ଦ୍ର ଶତପଥୀ ସଂଘ ସଦସ୍ୟ ଇଂ କିଶୋର କୁମାର ରଥ ଭାଗୀରଥି ସାହୁ ପଞ୍ଚାନନ ବେହେରା ରଘୁନାଥ ପାଢ଼ୀ ଚକ୍ରଧର ସାହୁ ଭାବଗ୍ରାହୀ ସାହୁ ନାରାୟଣ ସାହୁ ବିଟୁ ଧଳଙ୍କ ସମେତ ବହୁ ଭକ୍ତ ସାମିଲ ହୋଇଛନ୍ତି।

## ମଛାଲୋ ଆବାସ ଯୋଜନା ତାଲିକାର ପୁନଃ ସର୍ଭେ ଦାବି

ଆନନ୍ଦପୁର, ୬।୮ (ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ମଛାଲୋ ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା



ପାଇଁ ପ୍ରକାଶିତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ତାଲିକାରେ ଅନେକ ପ୍ରକୃତ ଗୃହହୀନ, କଚ୍ଚା ଘରେ ବସବାସ କରୁଥିବା ଏବଂ ଆର୍ଥିକ ଭାବେ ଦୁର୍ବଳ ପରିବାରଙ୍କ ନାମ ବାଦ ପଡ଼ିଥିବା ବେଳେ କେତେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସାମିଲ ହୋଇଛି। କେତେକ ଗ୍ରାମବାସୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ସର୍ଭେ ପ୍ରକ୍ରିୟାରେ ନିରପେକ୍ଷତା ରହି ନଥିଲା। ଦଳୀୟ ପ୍ରଭାବରେ କିଛି ଯୋଗ୍ୟ ପରିବାରଙ୍କ ନାମ ବାଦ ପଡ଼ିଥିବା ବେଳେ କେତେକ ସ୍ୱଚ୍ଛଳ ପରିବାରଙ୍କୁ ତାଲିକାରେ ସାମିଲ କରାଯାଇଛି। ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ପ୍ରସଙ୍ଗରେ ମଛାଲୋ ଗ୍ରାମବାସୀ ଘଷିପୁରା ବିଡ଼ିଓଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରି ପ୍ରକାଶିତ ଯୋଗ୍ୟ ଓ ଅଯୋଗ୍ୟ ତାଲିକାର ନିରପେକ୍ଷ ଏବଂ ସ୍ୱଚ୍ଛ ପୁନଃ ସର୍ଭେ କରିବାକୁ ଦାବି କରିଛନ୍ତି। ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରିବା ସହ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏହି ସମ୍ବନ୍ଧରେ ବିଜେପି ଦେଓଗାଁ ମଣ୍ଡଳ ସଭାପତି ବାଇଧର ଚିହ୍ନା ଏବଂ ମଛାଲୋ ସରପଞ୍ଚ ପ୍ରତିନିଧି ଦୀପ୍ତିରଞ୍ଜନ ମହାନ୍ତି ବିଡ଼ିଓଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ବିଡ଼ିଓ ଅଭିଯୋଗଗୁଡ଼ିକର ପୁନଃ ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଖବର ପ୍ରକାଶର ୧୫ ଘଣ୍ଟା ମଧ୍ୟରେ ଆଶଙ୍କା ସତ ହେଲା

# ରାସ୍ତା ମଝିରେ ଥିବା ଖୁଣ୍ଟରେ କାର୍ ଧକ୍କା; ବର୍ତ୍ତିଲେ ଚାଳକ

ବାରିପଦା, ୬।୮ (ସମିସ): ବାରିପଦା ସହର ସହ ତକତପୁରକୁ ସଂଯୋଗ କରୁଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତୁଳସୀଚୌରା ମୁଖ୍ୟ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ସମ୍ବନ୍ଧରେ ବୁଧବାର 'ସକାଳ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିବାବେଳେ ସେହି ରାତିରେ ଆଶଙ୍କା ସତ ହୋଇଛି। ଏକ କାର ଉକ୍ତ ରାସ୍ତା ଦେଇ ଯିବା ସମୟରେ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବାରୁ ଖୁଣ୍ଟ ସହ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି। ତେବେ ନୂତନ କାର୍ ହେତୁ ସମ୍ମୁଖର ଉଭୟ ସୁରକ୍ଷାକାରୀ ବେଲୁନ ବାହାରି ପଡିବାରୁ ଚାଳକ ବର୍ତ୍ତିଯାଇଛନ୍ତି। ଚାଳକ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର



ବ୍ୟବସାୟୀ ଏମଡି ନିୟାଜୁଦ୍ଦିନ। ଦୁର୍ଘଟଣା ପରେ ସମ୍ପୃକ୍ତ ସ୍ଥାନ ରେଳବାଇ ବା ଟାଉନ ଥାନା ତଦନ୍ତ କରିବ, ସେ ନେଇ ୨୦ ଘଣ୍ଟା ଧରି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ କାର ଛିଡା ହୋଇ ରହିଥିଲା। ଉପାୟ ଶୂନ୍ୟ ହୋଇ କାର୍ ମାଲିକ ବୀମା କମ୍ପାନୀ ସହ ଯୋଗାଯୋଗ କରି ଗୁରୁବାର ସନ୍ଧ୍ୟାରେ କାର୍‌କୁ ଉଦ୍ଧାର କରି ସୋ'ରୁମକୁ ନେଇଛନ୍ତି। ପୂର୍ବରୁ ଏହି ଅଞ୍ଚଳର ଲୋକମାନେ ରେଳ ଧାରଣା ଡେଇଁ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ। ରେଳ ବିଭାଗ ପକ୍ଷରୁ ଏକ ଅଣ୍ଡରପାସକୁ ଯୋଗାଯୋଗ ପାଇଁ ବିକଳ୍ପ ରାସ୍ତା ନିର୍ମାଣ ହେବା ପରେ ଫାଟକ ସମସ୍ୟା ଓ ରେଳ ଦୁର୍ଘଟଣାରୁ ଲୋକଙ୍କୁ ମୁକ୍ତି ମିଳିଥିଲା ସତ, କିନ୍ତୁ ରାସ୍ତା ମଝିରେ ରହିଯାଇଥିବା ଏହି ବିଦ୍ୟୁତ୍ ଖୁଣ୍ଟ ସାକ୍ଷାତ୍ 'ମୃତ୍ୟୁ ଯନ୍ତା' ପାଲଟିଥିଲା। ରାସ୍ତା ନିର୍ମାଣ ଡିପିଆର ପ୍ରସ୍ତୁତି ସମୟରେ ଏସବୁ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ ପରେ ରାସ୍ତା ନିର୍ମାଣ ହୋଇଥାଏ। ପରନ୍ତୁ ରେଳ ବିଭାଗ ବିଦ୍ୟୁତ ବିଭାଗକୁ ଅଟକଳ ମୁତାବକ ଟଙ୍କା ଦେବାରେ ବିଳମ୍ବ କରିଥିଲେ। ସମନ୍ୱୟଅଭାବରୁ ଖୁଣ୍ଟଟି ଅନ୍ୟତ୍ର ସ୍ଥାନାନ୍ତର ପୂର୍ବରୁ ରେଳ ବିଭାଗ ରେଳକ୍ରସିଂ ରାସ୍ତାକୁ ସ୍ଥାୟୀ ବନ୍ଦ କରି ନୂତନ ରାସ୍ତା ଖୋଲିଦେଇଥିଲେ। ଦୁର୍ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଭୟଙ୍କର ବିଦ୍ୟୁତ ସର୍ଟସର୍କିଟ ହୋଇ ନିଆଁ ଜଳିବା ସହ ବିଦ୍ୟୁତ ସେବା ବିଚ୍ଛିନ୍ନ ରହିଥିଲା। ଗୁରୁବାର ସେବା ସ୍ୱାଭାବିକ ହୋଇଥିବାବେଳେ ଶୁକ୍ରବାର ଖୁଣ୍ଟ ସ୍ଥାନାନ୍ତରିତ ହୋଇଯିବ ବୋଲି ଟିପିଏନଓଡିଏଲ ଏସଡିଓ ଦେବିଦତ୍ତ ପଣ୍ଡା 'ସକାଳ'କୁ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିପାରେ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। କୌଣସି କଥାକୁ ନେଇ ମନ ବିଚଳିତ ରହିପାରେ।

**କର୍କଟ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ଯୋଜନା ମୁତାବକ କାମ କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧୈର୍ଯ୍ୟ ରଖି କାମ କରନ୍ତୁ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ଯୋଜନା ମୁତାବକ କାମ କରିବେ।

## ଆଜିର ଇତିହାସ

- ୧୭୫୩- ବ୍ରିଟେନ୍ ମ୍ୟୁଜିୟମ୍‌ର ସ୍ଥାପନା।
- ୧୯୦୫- ଭାରତୀୟ ଜାତୀୟ କଂଗ୍ରେସ ବ୍ରିଟିଶ ପଦାର୍ଥକୁ ବର୍ଜନ କଲା।
- ୧୯୪୧- ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ନିଧନ।
- ୧୯୯୪- ଇସ୍ରାଏଲ ଓ ଜୋର୍ଡାନ ମଧ୍ୟରେ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୨୦୦୩- ବାଗଦାଦ୍‌ରେ ଜୋର୍ଡାନ ଦୂତାବାସ ଆଗରେ ହୋଇଥିବା ବୋମା ବିସ୍ଫୋରଣରେ ୧୩ ଲୋକଙ୍କ ପ୍ରାଣହାନି।

## ବୁଣାକାରଙ୍କ ସମ୍ମାନ ପାଇଁ ଦିନଟିଏ



ଦେଶର ବୁଣାକାରମାନଙ୍କୁ ସମ୍ମାନ ଦେବା ଏବଂ ହସ୍ତତନ୍ତ ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଇଥାଏ। ବୁଣାକାରମାନଙ୍କର ଅକ୍ଳାନ୍ତ ପରିଶ୍ରମ, ନିପୁଣ କଳାକାରିତା ଏବଂ ଭାରତୀୟ ସଂସ୍କୃତିକୁ ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସ ପାଳିତ ହୋଇଥାଏ। ଏହାବାଦ୍ ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ବୁଣାକାରଙ୍କ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଜାତୀୟ ହସ୍ତତନ୍ତ ଦିବସ ଭାରତୀୟ ବସ୍ତ୍ରର ଉତ୍କର୍ଷତାକୁ ସୂଚିତ କରେ। ସମୟ ବଦଳିବା ସହ ହାତବୁଣା ପୋଷାକର ଚାହିଦା ଦିନକୁ ଦିନ ବେଶ୍ ବୃଦ୍ଧି ପାଇଛି। ଫ୍ୟାସନ୍ ବ୍ରାଣ୍ଡଗୁଡ଼ିକ ମଧ୍ୟ ହ୍ୟାଣ୍ଡଲୁମ୍‌କୁ ପ୍ରାଧାନ୍ୟ ଦେଉଥିବା ଦେଖିବାକୁ ମିଳୁଛି। ଯୁବପିଢ଼ିମାନେ ମଧ୍ୟ ହସ୍ତତନ୍ତ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ ସ୍ୱଦେଶୀ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା ବିଦେଶୀ ଜିନିଷ ବର୍ଜନ କରିବା। ସ୍ୱଦେଶୀ ଆନ୍ଦୋଳନ ଯୋଗୁଁ ବ୍ରିଟିଶ ଶାସନର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଏହାର ଏକ ଶତାବ୍ଦୀ ପରେ ଦେଶର ସାମାଜିକ ଅର୍ଥନୈତିକ ବିକାଶରେ ହସ୍ତତନ୍ତ ଶିଳ୍ପର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଜୁଲାଇ ୨୦୧୫ରେ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ଘୋଷଣା କରିଥିଲେ। ହସ୍ତତନ୍ତ ଶିଳ୍ପ ସହ ଜଡ଼ିତ ବୁଣାକାରମାନଙ୍କ ଆୟ ବୃଦ୍ଧି କରିବା, ଗ୍ରାମାଞ୍ଚଳରେ ମହିଳା ଓ ବୁଣାକାରମାନଙ୍କୁ ସ୍ୱାବଲମ୍ବୀ କରିବା, ପାରମ୍ପରିକ ବୁଣାକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରାର ମୁଖ୍ୟ ଅଙ୍ଗ ହେଉଛି ହସ୍ତତନ୍ତ ଶିଳ୍ପ। ଆମ ରାଜ୍ୟର ବାନ୍ଧକଳା ବିଶ୍ୱ ପ୍ରସିଦ୍ଧ। ବ୍ରହ୍ମପୁର ପାଟ ଶାଢ଼ି ଓ ଯୋଡ଼, ବୋମକେଇ ଶାଢ଼ି, ଧଳାପଥର ଶାଢ଼ି, କୋଟପାଡ଼ ଶାଢ଼ି ସମେତ ସମ୍ବଲପୁରୀ ପାଟ ବସ୍ତ୍ର ଆଜି କେବଳ ଦେଶ ମଧ୍ୟରେ ନୁହେଁ ବିଦେଶରେ ମଧ୍ୟ ବେଶ୍ ଜନାଦୃତ। ଏହିଦିନ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ବୁଣାକାର ସମାବେଶ କରାଯାଏ। ରାଜ୍ୟର ବିଭିନ୍ନ ସହରରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆୟୋଜନ କରାଯାଇ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର୍ ପ୍ରଦାନ କରାଯାଏ। ସମ୍ବଲପୁରୀ, ଖଣ୍ଡୁଆ, ବମକେଇ, ମାଣିଆବନ୍ଧ ଓ କୋଟପାଡ଼ ଭଳି ବିଶ୍ୱପ୍ରସିଦ୍ଧ ବୁଣାକଳାକୁ ବଞ୍ଚାଇ ରଖିଥିବା ଓଡ଼ିଶାର ବୁଣାକାରମାନଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ ମଧ୍ୟ କରାଯାଏ।

## ସବୁଠୁ ବିଷାକ୍ତ ଗଛ



ପୃଥିବୀ ପୃଷ୍ଠରେ ଏମିତି ଏକ ଗଛ ରହିଛି ଯାହାର ଛାଇ ମଧ୍ୟ ମଣିଷ ପାଇଁ ମୃତ୍ୟୁର କାରଣ ହୋଇପାରେ। ମାଞ୍ଚିନିଲ ଗଛକୁ ବିଶ୍ୱର ସବୁଠାରୁ ବିଷାକ୍ତ ଗଛ ଭାବେ ଜଣାଯାଏ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଗଛ ଭାବେ ସ୍ଥାନ ପାଇଛି। ଏହାର ପ୍ରତ୍ୟେକ ଅଂଶ ବିଷାକ୍ତ ଅଟେ। ଏହା ମୁଖ୍ୟତଃ କାରିବିଆନ୍ କ୍ଷେତ୍ର, ଫ୍ଲୋରିଡା, ବାହାମାସ, ମେକ୍ସିକୋ ଏବଂ ଦକ୍ଷିଣ ଆମେରିକାର ମାଟିରେ ଦେଖିବାକୁ ମିଳେ। ଏହି ଗଛରୁ ବାହାରୁଥିବା ଧଳା ରଙ୍ଗର କ୍ଷୀର ବା ରସ ଚର୍ମରେ ଲାଗିଲେ ପ୍ରବଳ ପୋଡ଼ାଜଳା ହୁଏ ଏବଂ ଫୋଟକା ସୃଷ୍ଟି ହୁଏ। ଏହା ଆଖିରେ ବାଜିବା କ୍ଷଣି ଜଣକର ଦୃଷ୍ଟିଶକ୍ତି ଚାଲିଯିବା ଆଶଙ୍କା ଥାଏ। ଏହି ଗଛକୁ ପୋଡ଼ିଲେ ଯେଉଁ ଧୂଆଁ ବାହାରେ, ତାହା ଆଖି ଏବଂ ଶ୍ୱାସକ୍ରିୟା ପାଇଁ ଅତ୍ୟନ୍ତ କ୍ଷତିକାରକ। ଧୂଆଁ ସଂସ୍ପର୍ଶରେ ଆସିଲେ ଆଖି ନଷ୍ଟ ହୋଇଯିବାର ଭୟ ରହିଥାଏ। ବର୍ଷା ସମୟରେ ଏହି ଗଛ ତଳେ ଆଶ୍ରୟ ନେଲେ, ଗଛର ପତ୍ର ଓ କାଣ୍ଡରୁ ପଡୁଥିବା ଜଳ ବୁନ୍ଦା ଶରୀରର ଗଭୀର କ୍ଷତି ଘଟାଏ। ଏହା ସାଧାରଣତଃ ସମୁଦ୍ର କୂଳିଆ ଅଞ୍ଚଳ ଏବଂ ଲୁଣା ଜଙ୍ଗଲରେ ବଢ଼ିଥାଏ। ଏହି ଗଛଗୁଡ଼ିକ ଯେଉଁଠାରେ ଥାଏ, ସେଠାକାର ସରକାର ଲୋକମାନଙ୍କୁ ସଚେତନ କରିବା ପାଇଁ ଗଛ କାଣ୍ଡରେ ଲାଲ୍ ରଙ୍ଗର କ୍ରସ୍ ଚିହ୍ନ କିମ୍ବା ସାବଧାନତା ବୋର୍ଡ ଲଗାଇଥାନ୍ତି। ପର୍ଯ୍ୟଟକମାନଙ୍କୁ ଏହି ଗଛଠାରୁ ଦୂରରେ ରହିବାକୁ ଏବଂ ଏହାର ଫଳକୁ ନ ଛୁଇଁବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥାଏ। ବିଶେଷଜ୍ଞଙ୍କ କହିବାନୁସାରେ, ଏହି ଗଛର ଫଳ କିମ୍ବା ରସ ପରି ଏହାର କାଠ ମଧ୍ୟ ବିଷାକ୍ତ। ଏହାର କାଠକୁ ଜାଳିବା ଦ୍ୱାରା ଏଥିରୁ ବାହାରୁଥିବା ଧୂଆଁ ଆଖି ଏବଂ ଶ୍ୱସନତନ୍ତ୍ରରେ ଜଳାପୋଡ଼ା ସୃଷ୍ଟି କରିପାରେ। ସେଥିପାଇଁ ଏହାର କାଠକୁ କାଟିବା କିମ୍ବା ଜଳାଇବା କାମ ମଧ୍ୟ ଅତ୍ୟନ୍ତ ସତର୍କତାର ସହ କରାଯାଏ।

## 'SVC63' ରେ ଜବରଦସ୍ତ ଆକ୍ସନ୍
## ରାହୁଲଙ୍କୁ ଟକ୍କର ଦେବେ ସଲମାନ୍



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖୁବ୍ ଶୀଘ୍ର 'SVC63' ଫିଲ୍ମର ସୁଟିଂ ମୁମ୍ବାଇରୁ ଆରମ୍ଭ କରିବେ। ଏଥିପାଇଁ ମୁମ୍ବାଇର ଗୋରେଗାଁଓରେ ଏକ ବିଶାଳକାୟ ସେଟ୍ ପ୍ରସ୍ତୁତ କରାଯାଇଛି। ଏହି ସେଡ୍ୟୁଲର ସୁଟିଂ ପାଖାପାଖି ଛଅ ସପ୍ତାହ ଧରି ଚାଲିବ। ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀ ଏହି ସେଡ୍ୟୁଲ ପାଇଁ ବଡ଼ ବଡ଼ ଆକ୍ସନ୍ ସିନ୍‌ର ଯୋଜନା କରିଛନ୍ତି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏଥିରେ ଶହ ଶହ ଜୁନିଅର ଆର୍ଟିଷ୍ଟ ସାମିଲ ହେବେ। ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ଓଜନ ହ୍ରାସ କରିବା ସହ ଲୁକ୍‌ରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। ଏହି ଫିଲ୍ମଟି ଏଥିପାଇଁ ମଧ୍ୟ ଖାସ୍ ହେବାକୁ ଯାଉଛି କାରଣ ଏଥିରେ ସଲମାନ୍ ପ୍ରଥମ ଥର ପାଇଁ ନୟନତାରାଙ୍କ ସହ କାମ କରୁଛନ୍ତି। ନୟନତାରା ଖୁବ୍ ଶୀଘ୍ର ସୁଟିଂ ସେଟ୍‌ରେ ସାମିଲ ହେବେ। ରାହୁଲ ଦେବ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏଥିରେ ରାହୁଲ ଓ ସଲମାନ୍‌ଙ୍କ ମଧ୍ୟରେ ଜବରଦସ୍ତ ଫାଇଟ୍ ସିନ୍ ରହିଛି। ସବୁଠୁ ବଡ଼ କଥା ହେଉଛି ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ପାରିଶ୍ରମିକ ହ୍ରାସ କରିଛନ୍ତି। ସଲମାନ୍ ପ୍ରତ୍ୟେକ ଫିଲ୍ମ ପାଇଁ ୧୨୦ କୋଟି ନେଉଥିବାବେଳେ ଏହି ଫିଲ୍ମ ପାଇଁ ସେ ୭୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏହା ୨୦୨୭ ଇଦ୍ ଅବସରରେ ସିନେମାହଲ୍‌କୁ ଆସିବ। ସଲମାନ୍ ଏବେ ତାଙ୍କ ଫିଲ୍ମ 'ମାତୃଭୂମି'କୁ ନେଇ ବ୍ୟସ୍ତ ଅଛନ୍ତି ଏବଂ ସେପ୍ଟେମ୍ବରରେ ସେ 'ବିଗ୍ ବସ୍ ୨୦'ର ସୁଟିଂ ମଧ୍ୟ ଆରମ୍ଭ କରିବେ।

## 'ସକାଳ'ର ସ୍ୱାସ୍ଥ୍ୟ
## ଚାନ୍ଦିପୁରା ଭାଇରାସ୍

**ଚାନ୍ଦିପୁରା ଭୂତାଣୁ ଏକ ବିପଜ୍ଜନକ ଭୂତାଣୁ। ଏହା ମୁଖ୍ୟତଃ ବାଲି ମାଛି, ମଶା ଏବଂ ଅନ୍ୟାନ୍ୟ କୀଟପତଙ୍ଗ କାମୁଡ଼ିବା ଦ୍ୱାରା ମଣିଷ ଶରୀରକୁ ବ୍ୟାପିଥାଏ। ନିକଟରେ ଗୁଜୁରାଟରେ ଏହି ଭୂତାଣୁର ଭୟାବହତା ଦେଖିବାକୁ ମିଳିଛି। ଏହି ଭୂତାଣୁ ଶିଶୁଙ୍କ ପାଇଁ ଅଧିକ ମାରାତ୍ମକ। ତେଣୁ ଜ୍ୱର ଓ ବାନ୍ତିକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶରେ ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ।**



ଏହି ଭୂତାଣୁ ଶରୀରରେ ପ୍ରବେଶ କରିବାର ୨ରୁ ୭ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଏ। ହଠାତ୍ ପ୍ରବଳ ଜ୍ୱର ହେବା, ଥକ୍କାପଣ, ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଚେତା ହରାଇବା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମଣ ବୃଦ୍ଧି ପାଇ ଗମ୍ଭୀର ମାମଲାରେ ନିମୋନିଆ, ତୀବ୍ର ଶ୍ୱାସକ୍ରିୟା ସଙ୍କଟ ସିଣ୍ଡ୍ରୋମ, ମସ୍ତିଷ୍କକୁ ଆକ୍ରାନ୍ତ କରି ମସ୍ତିଷ୍କ ପ୍ରଦାହ ସୃଷ୍ଟି କରିଥାଏ। ତେଣୁ ଜ୍ୱର ଓ ଶ୍ୱସନସମ୍ବନ୍ଧୀୟ ଲକ୍ଷଣ ଦେଖିଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଡାକ୍ତର ଲକ୍ଷଣ ଅନୁଯାୟୀ ସହାୟକ ଚିକିତ୍ସା ଯୋଗାଇଥାନ୍ତି।

**ଚିକିତ୍ସା ପଦ୍ଧତି:** ଏହି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ କିମ୍ବା ଟିକା ନାହିଁ। ତେଣୁ ଶିଶୁଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇ ଆଇସିୟୁ କିମ୍ବା ଭେଣ୍ଟିଲେଟର ସହାୟତାରେ ଜରୁରି ଚିକିତ୍ସା ଯୋଗାଇବା ଆବଶ୍ୟକ। ଏଥିସହିତ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା, ନିୟମିତ ସାବୁନରେ ହାତ ଧୋଇବା, ଘର ଚତୁଃପାର୍ଶ୍ୱରେ ପାଣି ଜମିବାକୁ ନ ଦେବା, ଶରୀରକୁ ଢାଙ୍କିବା ପରି ପୋଷାକ ପିନ୍ଧିବା, ଶୋଇବା ସମୟରେ ମଶାରୀ ବ୍ୟବହାର, କୀଟନାଶକ ସ୍ପ୍ରେ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ।

## ଘର ବଇଦ
## କୋଷ୍ଠବଦ୍ଧର ଉପଚାର

- ବିଡ଼ଙ୍ଗ ଓ ଜୁଆଣୀ ସମଭାଗ ଚୂର୍ଣ୍ଣ କରି ରଖିବେ। ପ୍ରତିଦିନ ସକାଳେ ସୁକି ଓଜନ ଚୂର୍ଣ୍ଣ ଖାଇ ଟିକିଏ ପାଣି ପିଇବେ। ଏହିପରି କିଛି ଦିନ ଖାଇଲେ ଯେଉଁମାନଙ୍କର କଷ୍ଟରେ ମଳତ୍ୟାଗ ହୁଏ, ସେମାନଙ୍କର ସୁଖରେ ମଳତ୍ୟାଗ ହେବ।
- ଗୁଆଘିଅରେ ସୈନ୍ଧବ ଲବଣ ମିଶାଇ ଖାଇଲେ ସୁଖରେ ମଳତ୍ୟାଗ ହୁଏ।
- କଞ୍ଚାବେଲକୁ ପୋଡ଼ି କିଛି ଦିନ ଅଭ୍ୟାସ କରି ଖାଇଲେ ଝାଡ଼ା ସଫା ହୁଏ ଓ ପରିପାକ ଶକ୍ତି ବୃଦ୍ଧି ହୁଏ।
- କାକୁଡ଼ିମଞ୍ଜି ଓ କବାବଚିନି ପ୍ରତ୍ୟେକରୁ ଏକ ତୋଳା, ସୋରା ଦୁଇ ତୋଳା ଏକତ୍ର ମୁଢି ପାଣିରେ ଅଭାବେ ଖାଲି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ଯେତେ ଦିନର ବଦ୍ଧମଳ ସଫା ହୁଏ।
- ଅଧପା ଛଡ଼ା ଗୋମୂତ୍ର କନାରେ ଛାଣି ପିଇଲେ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)






## ବର୍ଷାଦିନେ ମୂତ୍ର ସଂକ୍ରମଣ

**ବର୍ଷାଦିନେ ଆର୍ଦ୍ରତା ବୃଦ୍ଧି ପାଏ। ପରିବେଶ ସନ୍ତସନ୍ତିଆ ଥିବା ଯୋଗୁଁ ଜୀବାଣୁ ଏବଂ କବକ ବଂଶବୃଦ୍ଧି ପାଇଁ ଏହା ଅନୁକୂଳ ପରିବେଶ। ଏହି ଦିନେ କମ୍ ପାଣି ପିଇବା, ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧିବା ଓ ପରିସ୍ରାକୁ ଚାପି ରଖିବା ଆଦି ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ବଢ଼ିଯାଏ।**




ବର୍ଷାଦିନେ ଅଧିକାଂଶ ଲୋକ କମ୍ ପାଣି ପିଅନ୍ତି। ଏହାଦ୍ୱାରା କମ୍ ପରିସ୍ରା ହେବା ଯୋଗୁଁ ସଂକ୍ରମଣ ବୃଦ୍ଧି ହୋଇଥାଏ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ତଥା ବର୍ଷାଦିନେ ସର୍ବସାଧାରଣ ଶୌଚାଳୟ ବ୍ୟବହାର କରିବା ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ବୃଦ୍ଧି ପାଏ। ମୂତ୍ର ସଂକ୍ରମଣର ମୁଖ୍ୟ କାରଣ ହେଉଛି ଇ-କୋଲାଇ। ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମଧୁମେହ ରୋଗୀ, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି, ମହିଳାଙ୍କଠାରେ ୟୁଟିଆଇ ବା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ଥାଏ। ମୂତ୍ରମାର୍ଗ ସଂକ୍ରମଣ ହେଲେ ପରିସ୍ରା କରିବା ସମୟରେ ଜଳାପୋଡ଼ା, ଦୁର୍ଗନ୍ଧଯୁକ୍ତ ପରିସ୍ରା, ତଳିପେଟରେ ଯନ୍ତ୍ରଣା, କିଛି ମାମଲାରେ ଜ୍ୱର ଆଦି ହୋଇଥାଏ। ତେଣୁ ଆରମ୍ଭରୁ ଏହି ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା କରିବା ସହ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ଦିନକୁ ଅତି କମ୍‌ରେ ୩ଲିଟର ପାଣି ପିଇବା ଆବଶ୍ୟକ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ଅନୁଚିତ। ବର୍ଷାରେ ଭିଜିବା ପରେ ତୁରନ୍ତ ଓଦା ପୋଷାକକୁ ବଦଳାଇ ଶୁଖିଲା ପୋଷାକ ବ୍ୟବହାର କରିବା ଆବଶ୍ୟକ।

## ରୁଟ୍ କେନାଲ ପରେ ଦାନ୍ତର ଯତ୍ନ

**ଅଧିକାଂଶ ଲୋକଙ୍କର ଦାନ୍ତ ପୋକ ଖାଇବା ସହ ଦାନ୍ତ ସେନ୍‌ସିଟିଭ ବଢ଼ିବା, ଖାଇବାରେ କଷ୍ଟ, ମାଢ଼ି ଫୁଲା ଓ ଦରଜ ହୋଇଥାଏ। ପୋକ ଦାନ୍ତକୁ ପୂରଣ ସହ ଦାନ୍ତ ବିନ୍ଧା ଦୂର କରିବାକୁ ରୁଟ୍ କେନାଲ କିମ୍ବା ଫିଲିଙ୍ଗ କରାଯାଏ। ତେବେ ରୁଟ୍ କେନାଲ ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦାନ୍ତର ଯତ୍ନ ନେବା ଆବଶ୍ୟକ।**

ଦାନ୍ତ ପୋକ ଲାଗି ମାଢ଼ି ସଂକ୍ରମଣ ହୋଇଥିଲେ ରୁଟ୍‌କେନାଲ ଏହାର ପ୍ରଭାବୀ ଚିକିତ୍ସା। ଏଥିପାଇଁ ରୋଗୀଙ୍କୁ ବଧିରା ଇଞ୍ଜେକସନ୍ ଦିଆଯାଇ ଦାନ୍ତ ଭିତର କ୍ଷତିଗ୍ରସ୍ତ ଟିସୁକୁ ସଫା କରାଯାଏ। ପୋକଖିଆ ଦାନ୍ତ ଭିତରେ ଆଣ୍ଟିବାୟୋଟିକ୍ ଭର୍ତ୍ତି କରି ଫିଲିଙ୍ଗ କରାଯାଉଥିବାରୁ ସଂକ୍ରମଣ ଭୟ କମ୍ ରୁହେ। ରୁଟ୍ କେନାଲ ପରେ ଦାନ୍ତକୁ ସୁରକ୍ଷା ଦେବାକୁ କ୍ରାଉନ ଲଗାଯାଏ। ସେହିପରି ରୁଟ୍ କେନାଲ ପରେ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଜରୁରି। ରୁଟ୍ କେନାଲ ଚିକିତ୍ସିତ ଦାନ୍ତ ଉପରେ ସବୁପ୍ରକାର ଖାଦ୍ୟ ଖାଇହୁଏ। ସେହିପରି ରୁଟ୍ କେନାଲ୍ ପରେ ଦାନ୍ତର ସ୍ୱଚ୍ଛତାକୁ ଅଧିକ ଧ୍ୟାନ ଦେବା ଜରୁରି। ଜିଭ କିମ୍ବା ହାତରେ ବାରମ୍ବାର ରୁଟ୍ କେନାଲ ସ୍ଥାନକୁ ଛୁଇଁବା ଅନୁଚିତ। ଦିନକୁ ଦୁଇଥର ଫ୍ଲୋରାଇଡରିଚ୍ ଟୁଥପେଷ୍ଟରେ ବ୍ରଶ୍ କରିପାରିବେ। ଖାଇବା ପରେ କୁଳି କରିବା, ମାଉଥୱାଶ ଉପଯୋଗ କରିବା, ପାଟିକୁ ସର୍ବଦା ସଫା ରଖିବା ଦ୍ୱାରା ସଂକ୍ରମଣର ଆଶଙ୍କା କମ୍ ରୁହେ। ସେହିପରି ସପ୍ତାହକୁ ଥରେ ଫ୍ଲସ୍ ବ୍ୟବହାର କରି ପାରିବେ।



## ଭାଇରାଲ ଜ୍ୱର ପାଇଁ ଡାଏଟ୍

**ବର୍ଷାଦିନେ ଭାଇରାଲ ଜ୍ୱର ଏକ ପ୍ରମୁଖ ସମସ୍ୟା। ଜ୍ୱର ହେଲେ ଶରୀର ଦୁର୍ବଳ ହେବା ସହ ପ୍ଲେଟ୍‌ଲେଟ୍ କମିଯାଏ। ଏଥିପାଇଁ ଡାକ୍ତର ଭିଟାମିନ୍, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି। ତେଣୁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରିବା ଜରୁରି।**

- ହାଲୁକା ଖାଦ୍ୟ ଯଥା- ଖିଚିଡ଼ି, ଓଟ୍‌ସ, ଦଲିଆ, ସିଝା ଅଣ୍ଡା ଖାଇବା ଆବଶ୍ୟକ। ଶରୀରର ଜଳୀୟଅଂଶ ବଜାୟ ରଖିବାକୁ ପଇଡ଼ ପାଣି, ଲେମ୍ବୁ ପାଣି ପିଇପାରିବେ। ଡାଏଟ୍‌ରେ ବାଦାମ, କଳାରଙ୍ଗର କିସ୍‌ମିସ୍, କାଜୁ, ଅଖରୋଟ୍, ବୁଟ ସତୁ ସାମିଲ କରିବା ଉଚିତ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପାଳଙ୍ଗ, କୋବି, ମଟର, ବଥୁଆ ଶାଗ, ମେଥିଶାଗ, ଗାଜର ଜୁସ୍ ଆଦି ସାମିଲ କରିବା ଜରୁରି। ଭାଇରାଲ ଜ୍ୱରକୁ ପ୍ରତିହତ କରିବାକୁ ନିୟମିତ ସକାଳୁ ତୁଳସୀ, ଗିଲୋୟ ଏବଂ ଅଦାର କାଢ଼ା ସେବନ ଜରୁରି। ମଧ୍ୟାହ୍ନରେ ଚିକେନ୍ ସିଝା କିମ୍ବା ସୁପ୍ ପିଇପାରିବେ। ନିୟମିତ ସେଓ, ଡାଳିମ୍ବ, ଅମୃତଭଣ୍ଡା, କମଳା ସେବନ କରିପାରିବେ।

## ସୁସ୍ୱାସ୍ଥ୍ୟ ପାଇଁ କେଶର

**ଭାରତୀୟ ମସଲାରେ କେଶର ସବୁଠାରୁ ଦାମୀ ମସଲା ଭାବେ ପରିଚିତ। ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଏହା ହିତକର। ତେଣୁ ଆୟୁର୍ବେଦରେ କେଶର ଔଷଧୀୟ ଗୁଣଯୁକ୍ତ ଦ୍ରବ୍ୟ ଭାବେ ବିବେଚନା କରାଯାଏ।**

- କେଶର ରକ୍ତକୁ ଶୁଦ୍ଧ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ଭଲ।
- ଶିଶୁଙ୍କୁ ଶର୍ଦ୍ଦି ଓ ଜ୍ୱର ହେଲେ କେଶର ଏକ ପାଖୁଡ଼ା ପାଣିରେ ଗୋଳାଇ, ତାର ଲେପକୁ ଛାତି, ପିଠି ଓ ଗଳାରେ ହାଲୁକା ମାଲିସ୍ କଲେ ଆରାମ ମିଳିଥାଏ। ସେହିପରି କେଶର ଖାଇବା ଦ୍ୱାରା ଚିନ୍ତା ଓ ଅବସାଦ ଦୂର କରିଥାଏ। ଆୟୁର୍ବେଦ ଅନୁଯାୟୀ, କେଶର ହଜମଶକ୍ତି ବୃଦ୍ଧି କରି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରେ।
- ଚନ୍ଦନକୁ କେଶର ସହିତ ମିଶାଇ ମଥା ବା କପାଳରେ ଲଗାଇବା ଦ୍ୱାରା ଗରମଜନିତ ମୁଣ୍ଡବିନ୍ଧା ଦୂର ହୁଏ। ନାକରୁ ରକ୍ତ ପଡ଼ିବା ବନ୍ଦ ହୁଏ। ତେବେ କେଶର ବ୍ୟବହାର କରିବା ପୂର୍ବରୁ ସର୍ବଦା ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

# ଭାରତ-ଶ୍ରୀଲଙ୍କା ଏକାଦଶ ଅଭ୍ୟାସ ମ୍ୟାଚ୍ ଆଜିଠାରୁ

କଲମ୍ବୋ,୬।୮ (ଏଜେନ୍ସି)





ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଭାରତୀୟ କ୍ରିକେଟ ଦଳ କଲମ୍ବୋରେ ଆସି ପହଞ୍ଚିଛି। ଦୁଇ ଦେଶ ମଧ୍ୟରେ ସିରିଜ୍‌ର ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ଓ ଦ୍ୱିତୀୟ ଟେଷ୍ଟ କଲମ୍ବୋର ସିଂହଲୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଅଗଷ୍ଟ ୨୩ରୁ ଆରମ୍ଭ ହେବ। ଏହି ସିରିଜ୍ ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଭାରତୀୟ କ୍ରିକେଟ ଦଳ ଶୁକ୍ରବାରଠାରୁ ସୋନାଲ ଦିନୁଶାଙ୍କ ନେତୃତ୍ୱରେ ଗଠିତ ଏକ ମିଳିତ ଏକାଦଶ ସହ ଖେଳିବ। ଏହି ମ୍ୟାଚ୍‌ଟି କଲମ୍ବୋରେ ଏନ୍‌ସିସି ଗ୍ରାଉଣ୍ଡରେ ୩ ଦିନ ଧରି ଖେଳାଯିବ। ମ୍ୟାଚ୍ ପରେ ଭାରତୀୟ ଦଳ ପ୍ରଥମ ଟେଷ୍ଟ ଖେଳିବାକୁ ଗଲ୍ ଅଭିମୁଖେ ଯାତ୍ରା କରିବ।

ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କାର ସ୍ପିନ୍ ବୋଲରଙ୍କୁ କିପରି ମୁକାବିଲା କରିବ ତାହା ଉପରେ ଗୁରୁତ୍ୱ ଦେବ। ଗୌତମ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେବାପରଠାରୁ ଭାରତ ୧୮ଟି ଟେଷ୍ଟ ଖେଳି ୧୦ଟିରେ ପରାଜିତ ହୋଇଛି। ଏଥିରେ ସର୍ବାଧିକ ଥର ପ୍ରତିପକ୍ଷ ସ୍ପିନରଙ୍କୁ ମୁକାବିଲା କରି ନ ପାରି ଭାରତୀୟ ବ୍ୟାଟରମାନେ ମ୍ୟାଚ୍ ହାରିଛନ୍ତି। ଗୁଣାତ୍ମକ ସ୍ପିନରଙ୍କୁ ମୁକାବିଲା କରିବା ଏବେ ଭାରତୀୟ ଟିମ୍ ଲାଗି ଚିନ୍ତାର କାରଣ ପଲଟିଛି। ଭାରତ ଛାଡିବା ପୂର୍ବରୁ ଖେଳାଳିମାନଙ୍କ ଉଦ୍ଦେଶ୍ୟରେ କୋଚ୍ ଗମ୍ଭୀର ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଆମେ ଏଠାରେ କାହିଁକି ଏକାଠି ହୋଇଛେ, ଆମର ଭୂମିକା କ'ଣ ତାହା ସମସ୍ତେ ଜାଣିଛନ୍ତି। କିନ୍ତୁ ତାହାକୁ ସୁଚାରୁରୂପେ କିପରି ପାଳନ କରିବା ତାହା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଭଳି ସମୟରେ କାହାକୁ କ୍ରିକେଟ ଶିକ୍ଷା ଦେବା ସମ୍ଭବ ନୁହେଁ। କେବଳ ତ୍ରୁଟି ସୁଧାରିବା, ପ୍ରତିପକ୍ଷ ଦଳର ଖେଳାଳିଙ୍କୁ କିପରି ମୁକାବିଲା କରିବା ସେ ସମ୍ପର୍କରେ ରଣନୀତି କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ଗମ୍ଭୀର କହିଥିଲେ। ଏହି ସିରିଜ୍‌ରେ ଗମ୍ଭୀରଙ୍କ ଦକ୍ଷତା ଉପରେ ବା କିପରି ସେ ଖେଳାଳିମାନଙ୍କୁ ଏକତ୍ର କରାଇ ଖେଳାଉଛନ୍ତି ତାହା ଉପରେ ନଜର ରହିବ। ନଚେତ ଗମ୍ଭୀରଙ୍କ ସମୟରେ ଭାରତ ଯେପରି ଟେଷ୍ଟରେ ପ୍ରଦର୍ଶନ କରିଛି, ସେଥିରେ ଶ୍ରୀଲଙ୍କା ନିକଟରୁ ଟେଷ୍ଟ ସିରିଜ୍ ହାରିଗଲେ ତାଙ୍କ ପଦ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସେ ଏହି ସିରିଜ୍‌କୁ ସବୁଠାରୁ ବେଶି ଗୁରୁତ୍ୱ ଦେବେ ନିଶ୍ଚୟ।

ଆସନ୍ତାକାଲିର ମୁକାବିଲାରେ କିଏ ଖେଳିବେ ବା ନଖେଳିବେ ତାହାକୁ ନେଇ ଚିନ୍ତା ନାହିଁ। କାରଣ ଏହି ମୁକାବିଲାରେ ମନୋନୀତ ସମସ୍ତ ୧୫ ଜଣ ଖେଳାଳି ବ୍ୟାଟିଂ କିମ୍ବା ବୋଲିଂ କରିପାରିବେ। କିନ୍ତୁ ୧୧ ଜଣ ବ୍ୟାଟିଂ ଓ ୧୧ ଜଣ ବୋଲିଂ କରିବାରେ ସୀମିତ ରହିବେ। ସାଇ ସୁଦର୍ଶନଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରିବାକୁ ଗମ୍ଭୀର ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ଫିଟ୍‌ନେସ ଉପରେ ସବୁକିଛି ନିର୍ଭର କରିବ। ଯେ ଯାହା ହେଉ ପଛେ ଦଳର ସମସ୍ତ ଟପ୍ ଅର୍ଡର ଖେଳାଳି ବ୍ୟାଟର ହୁଅନ୍ତୁ କିମ୍ବା ବୋଲର ଏହି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ପୂର୍ବାହ୍ଣ ୧୦ଟାରୁ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ ବୋଲି ଜଣାଯାଇଛି। ଅଗଷ୍ଟ ୧୫ରେ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଦଳଗତଭାବେ ଖେଳିବାର ସୁଯୋଗକୁ ଭାରତ ନିଶ୍ଚିତଭାବେ କାର୍ଯ୍ୟକାରୀ କରିବ ବୋଲି ଆଶା କରାଯାଉଛି।

### ଭାରତୀୟ ଦଳ

ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟ ରକ୍ଷକ), ଦେବଦତ ପାଡିକଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୁତାର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର ଓ ଆକ୍ବିବ ଜାଭେଦ୍।

### ଶ୍ରୀଲଙ୍କା ମିଳିତ ଏକାଦଶ

ନିଶାନ ମଦୁସ୍କା, ରବିନ୍ଦୁ ରାଶନ୍ତା, ପାସିନ୍ଦୁ ସୂର୍ଯ୍ୟବନ୍ଦରା, ପୱନ ରତନାୟକେ, ଆହାନ ବିକ୍ରମସିଂଘେ, ସୋନାଲ ଦିନୁଶା (ଅଧିନାୟକ), ଅଞ୍ଜଲା ବାନ୍ଦରା (ୱିକେଟରକ୍ଷକ), ନିପୁନ ଧନଞ୍ଜୟ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ, ଅଶାଙ୍କ ମନୋଜ, ଇଶିଥା ୱିଜେସୁନ୍ଦରା, ରମେଶ ମେଣ୍ଡିସ୍, କେଶରା ନୁୱାନ୍ଥା ଓ ଦୀଲୁମ ସୁଦୀରା।

# ଭାଙ୍ଗିଗଲା ଓସିଏର ଦମ୍ଭ

ଭୁବନେଶ୍ୱର,୬।୮ (ସମିସ): ଆମର କ୍ରିକେଟ ପ୍ରତିଭା ଜୋର ଅଛନ୍ତି। ଆମେ ଆମ ରାଜ୍ୟକୁ ଏକ ଶ୍ରେଷ୍ଠ କ୍ରିକେଟ ରାଜ୍ୟରେ ପରିଣତ କରିବୁ। ଏଥିଲାଗି ଯୋଜନା ପରେ ଯୋଜନା ହେଲା। କିନ୍ତୁ କିଛି ଫଳ ମିଳିଲାନି। ଗତ ୧୦ ବର୍ଷରେ ଓଡ଼ିଶା ଥରେ ହେଲେ ସେମିଫାଇନାଲ ଖେଳିପାରିଲା ନାହିଁ। ରାଜ୍ୟର ଜଣେ ହେଲେ ଖେଳାଳି ଆଇପିଏଲ୍ କିମ୍ବା ଯେ କୌଣସି ଭାରତୀୟ ଦଳ ଲାଗି ଖେଳିବା ତ ଦୂରର କଥା, ମନୋନୀତ୍ ମଧ ହେଲେ ନାହିଁ।

**ଏଥର ଓଡ଼ିଶାରୁ ଖେଳିବେ ପେସାଦାର**

ଏଭଳି ସମୟରେ ଓଡ଼ିଶାରୁ ଏଥର ଦୁଇଜଣ ପେସାଦାର ଖେଳାଳି ଖେଳିବେ ବୋଲି ଆଜି ବିସିସିଆଇ ପକ୍ଷରୁ ନୋ ଅବଜେକ୍ସନ ସାର୍ଟିଫିକେଟ ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ନିଜ ରାଜ୍ୟରୁ ଖେଳିବେ ନାହିଁ ବୋଲି ବିଦର୍ଭ ପକ୍ଷରୁ ଖେଳୁଥିବା ଦିଲ୍ଲୀର ଲଳିତ ଯାଦବ ଓ ବରୋଦାରୁ ପ୍ରତିନିଧିତ୍ୱ କରୁଥିବା ନିନାଦ ରାଥୱା ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ବରୋଦାର ଧର୍ମେନ୍ଦ୍ର ସିଂ ଜାଡେଜା ଛତିଶଗଡ ପକ୍ଷରୁ, ରଜନୀଶ ଗୁରବାନି ବିଦର୍ଭ ପକ୍ଷରୁ ଓ ଶଶାଙ୍କ ସିଂ ପୁଡୁଚେରୀରୁ ଖେଳିବେ ବୋଲି ଆଜିର ଖେଳାଳି ବଦଳ ଲାଗି ଅନୁମତି ମିଳିବା ପରେ ଏହା ସ୍ପଷ୍ଟ ହୋଇଛି। ଓଡ଼ିଶା ଲାଗି ଖେଳିବାକୁ ଯାଉଥିବା ଲଳିତ ଯାଦବ ଜଣେ ବ୍ୟାଟିଂ ଅଲରାଉଣ୍ଡର ଓ ନିନାଦ ରାଥୱା ସ୍ପିନ ଅଲରାଉଣ୍ଡର।

# କୋରିଆ ମାଷ୍ଟର୍ସ କ୍ୱାର୍ଟରରେ ତନ୍ୱି



ଅସନ, ୬।୮ (ଏଜେନ୍ସି): ଭାରତର ଉଦୀୟମାନ ଖେଳାଳି ତନ୍ୱି ଶର୍ମା ୨୧-୧୬, ୧୭-୨୧, ୨୧-୧୩ ଗେମରେ ନିଜ ଦେଶର ଶ୍ରୀୟାଂଶୀ ଭାଲିସେଟିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା କୋରିଆ ଓପନ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ଅନ୍ୟତମ ଖେଳାଳି ରକ୍ଷିତା ଶ୍ରୀ ରାମରାଜଙ୍କୁ ଭେଟିବେ। ରକ୍ଷିତା ଦ୍ୱିତୀୟ ରାଉଣ୍ଡରେ ଜାପାନର ମାନାମି ସୁଇଜୁଙ୍କୁ ୨-୦ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଥିଲେ। ନିକଟରେ ତାଇପେଇ ଓପନ ସୁପର-୩୦୦ ଜିତି ରେକର୍ଡ ସୃଷ୍ଟି କରିଥିବା ୧୭ ବର୍ଷିୟା ତନ୍ୱି କିନ୍ତୁ ଶ୍ରୀୟାଂଶୀଙ୍କୁ ହରାଇବାକୁ କଷ୍ଟ ସ୍ୱୀକାର କରିଥିଲେ।

# ସେପ୍ଟେମ୍ବର ୫ରେ ଭାରତ-ପାକ୍ ମୁକାବିଲା

**ଏସିଆ କପ୍ ମହିଳା କ୍ରିକେଟ**

ଦୁବାଇ,୬।୮ (ଏଜେନ୍ସି): ଏସିଆ କପ୍ ମହିଳା କ୍ରିକେଟର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ୍ ମୁକାବିଲା ସେପ୍ଟେମ୍ବର ୫ରେ ଖେଳାଯିବ। ୮ଟି ଦଳକୁ ନେଇ ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୧୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲାବେଳେ ଭାରତ, ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଗ୍ରୁପ୍-ଏ'ରେ, ଶ୍ରୀଲଙ୍କା, ବାଂଲାଦେଶ, ୟୁଏଇ ଓ ଇଣ୍ଡୋନେସିଆ ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେପ୍ଟେମ୍ବର ୧୩ରେ ଫାଇନାଲ ଖେଳାଯିବ।

# ଦକ୍ଷିଣ ଆଫ୍ରିକାରେ ଅଧିକ ଟି-୨୦ ଖେଳିବ ଭାରତ

କଲମ୍ବୋ,୬।୮ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ଏକ ପୂର୍ଣ୍ଣାଙ୍ଗ ସିରିଜ୍ ଖେଳିବାକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଗସ୍ତ କରିବ। ଏହି ସିରିଜ୍ ପୂର୍ବରୁ ସ୍ଥିର ହୋଇଥିଲାବେଳେ ଏଥିରେ ଏକମାତ୍ର ଐତିହାସିକ ଟେଷ୍ଟ, ୩ଟି ଦିନିକିଆ ସାମିଲ ଥିଲା। ଏବେ ଏଥିରେ ଆଉ ୩ଟି ଟି-୨୦ ମ୍ୟାଚ୍ ଖେଳିବାକୁ ଉଭୟ ଦଳ ରାଜି ହୋଇଛନ୍ତି। ଖେଳସୂଚୀ ଅନୁଯାୟୀ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ସେଣ୍ଟ ଜର୍ଜ ପାର୍କରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ଓ ଭାରତ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ପାର୍ଲରେ ଡିସେମ୍ବର ୧୬, ଦ୍ୱିତୀୟ ମ୍ୟାଚ୍ କେପଟାଉନ୍‌ରେ ଡିସେମ୍ବର ୧୯ ଓ ତୃତୀୟ ମ୍ୟାଚ୍ ଡିସେମ୍ବର ୨୨ରେ ଖେଳାଯିବ। ନୂଆକରି ସାମିଲ ହୋଇଥିବା ୩ଟି ଟି-୨୦ ମ୍ୟାଚ୍‌ଗୁଡିକ ଯଥାକ୍ରମେ ବେନୋନିରେ ଡିସେମ୍ବର ୨୬, ପୋଶ୍ଚେଫଷ୍ଟ୍ରୁମ୍‌ରେ ଡିସେମ୍ବର ୨୯ ଓ ୩୦ରେ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍**

# ଓଡ଼ିଶାର ସୌରଭ ପୁଟେଲଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୬।୮ (ସିମସ): ଓଡ଼ିଶାର ସୌରଭ ପୁଟେଲ ୨୦୨୬ ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସୌରଭ ୧ ମିନିଟ୍ ୮.୬୦ ସେକେଣ୍ଡରେ ଏହାକୁ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଆଉଜଣେ ସନ୍ତରଣକାରୀ ସହିତା ଘୋଷ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସେ ୫ମ ସ୍ଥାନ ଅଧିକାର କରିଥିଲେ।

# ପର୍ବତାରୋହଣରେ ଓଡ଼ିଶାର ପ୍ରଥମ ମହିଳା ଅଭିଯାତ୍ରୀ ଦଳ

ଭୁବନେଶ୍ୱର,୬।୮ (ସିମସ)




ଆମ ଲାଗି ମାଉଣ୍ଟ ୟୁନମ ଏକ ପର୍ବତ ଶିଖର ନୁହେଁ ବରଂ ଓଡ଼ିଶାର ଆତ୍ମବିଶ୍ୱାସକୁ ହିମାଳୟ ଉଚ୍ଚତାରେ ପହଞ୍ଚାଇବା ଲାଗି ସୃଷ୍ଟି ହୋଇଛି ଏକ ସୁଯୋଗ। ଏହାକୁ ଆମେ ସଫଳତାର ସହ ସମ୍ପାଦନ କରିବୁ ବୋଲି ପ୍ରଥମଥର ମହିଳାମାନଙ୍କୁ ନେଇ ଏଭ ପର୍ବତାରୋହୀ ଦଳର ନେତୃତ୍ୱ ନେଉଥିବା ଅନିତା ସ୍ୱାଇଁ ଏହା କହିଛନ୍ତି। ଏହି ଦଳରେ ୧୧ ଜଣ ପର୍ବତାରୋହୀ ରହିଛନ୍ତି। ଏମାନେ ହିମାଚଳ ପ୍ରଦେଶ ପ୍ରଦେଶରୁ ୨୧,୦୦୦ ଫୁଟ ଉଚ୍ଚତା ବିଶିଷ୍ଟ ୟୁନମ ପର୍ବତାରୋହଣ କରିବେ। ଶୁକ୍ରବାରଠାରୁ ଏହି ଯାତ୍ରା ଆରମ୍ଭ ହେବ। ଆସାର ସଭାପତି ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ଓ ଉପସଭାପତି ହରେଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଙ୍କେତ କମ୍ୟୁନିକେସନର ଏମ୍‌ଡି ଶୁଭାଶିଷ ତ୍ରିପାଠୀର ସମସ୍ତ ପ୍ରକାର ସହଯୋଗରେ ଏହି ଯାତ୍ରା ସ୍ଥିର ହୋଇଛି। ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧିନତା ଦିବସ ପାଳନ କରିବାକୁ ଯାଉଛି। ଏହି ଦିନ ମାଉଣ୍ଟ ୟୁନମରେ ଏହି ଅଭିଯାତ୍ରୀ ଦଳ ୮୦ ଫୁଟର ଜାତୀୟ ପତାକା ଉତ୍ତୋଳନ କରିବାର ଲକ୍ଷ୍ୟ ରଖିଛନ୍ତି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ଅଭିଯାତ୍ରୀ ଦଳକୁ ଗୁରୁବାର ତାଙ୍କ ବାସଭବନରେ ଜାତୀୟ ପତାକା ହସ୍ତାନ୍ତର କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିଲାଗି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସାର ସଭାପତି ଗଣେଶ ଜେନାଙ୍କ ସହ ଶୁଭାଶିଷ ତ୍ରିପାଠୀ, ଆସାର ଉପସାଭପତି ହରେଶ ମିଶ୍ର, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅଂଶଗ୍ରହଣକାରୀମାନେ ହେଲେ ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶ୍ରୁତି ପାତ୍ର, ଢେଙ୍କାନାଳର ପ୍ରଭାସିନୀ ବେହେରା, ସମ୍ବଲପୁରର ପ୍ରୀତି ପୋଢ଼, ଗଜପତିର ଆରାଧା ଜେନା, ଯାଜପୁରର ସଙ୍ଘମିତ୍ରା ଦଳାଇ, କଳାହାଣ୍ଡିର ଲିଲି ସାହୁ ଓ ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ, ଦେବଗଡର ପ୍ରଜ୍ଞାପାରମିତା ନାୟକ, ମୟୂରଭଞ୍ଜର ପିନାକିନୀ ସାହୁ ଓ ସୁବର୍ଣ୍ଣପୁରର ସୋନାଲି ଭୋଇ।

# ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଲେ କୁକ୍, ପୋପ୍

ଲଣ୍ଡନ,୬।୮ (ଏଜେନ୍ସି): ପାକିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ସାମ୍ କୁକ୍, ଓଲି ପୋପ୍, ଡାନ ଲରେନ୍ସ ଓ ଜୋର୍ଡାନ କକ୍ସଙ୍କୁ ଫେରାଇ ଅଣାଯାଇଛି। ଜୋ ରୁଟ୍ ଦଳର ନେତୃତ୍ୱ ନେବେ ଓ ମାର୍କସ ଟ୍ରେସ୍କୋଥିକ କାମଚଳା କୋଚ୍ ରହିବେ। ବ୍ରେଣ୍ଡାନ ମ୍ୟାକକୁଲାମ ଓ ବେନ୍ ଷ୍ଟୋକ୍ସଙ୍କ ଯୋଡି ପରେ ପ୍ରଥମଥର ଇଂଲଣ୍ଡ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ହେଡିଂଲେରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୯ ରୁ ଖେଳାଯିବ।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନସନ, ଶୋଏବ ବସିର, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜୋର୍ଡାନ କକ୍ସ, ବେନ୍ ଡକେଟ, ମାଥ୍ୟୁ ଫିଶର, ଏମିଲିଓ ଗେ', ଡାନ୍ ଲରେନ୍ସ, ଓଲି ପୋପ୍, ଜାମି ସ୍ମିଥ, ଜୋଶ ଟଙ୍ଗ୍।

# ପଦକ ବିଜୟିନୀ ଆନିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୬।୮ (ସମିସ): ଜର୍ଜିଆରେ ଆୟୋଜିତ ବତୁମି ଓପନ ଅନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତାରେ ଓଡ଼ିଆ ଝିଅ ଆନିକା ପଟ୍ଟନାୟକ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଆନିକା ଉପ କନିଷ୍ଠ ବାଳିକା ୱିପୋନରେ ରୌପ୍ୟ ଓ ୱିଙ୍ଗ ଚୁନ୍ ବର୍ଗରେ କାଂସ୍ୟ ପଦକ ଜିତିଥିଲେ। ଆନିକା ଏକମାତ୍ର ଓଡ଼ିଆ ଭାବେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଏହି କୃତିତ୍ୱ ହାସଲ କରିଥିଲେ। ଅନ୍ତର୍ଜାତୀୟସ୍ତରରେ ଏହି ସଫଳତା ଲାଗି ଆନିକାଙ୍କୁ ଗୁରୁବାର ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସଫଳତା ଲାଗି ଆନିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ , ଓଡ଼ିଶା ଉଷୁ ସଂଘ ସଭାପତି ଡ. ବିଷ୍ଣୁ ମୋହନ ମହାନ୍ତି,ସାଧାରଣ ସମ୍ପାଦକ ଇଂ ଯୁବରାଜ ହରିଚନ୍ଦନ, ଉପ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ , ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




**● ୮ରୁ ଜୟନ୍ତ ମେମୋରିଆଲ୍ ଆନ୍ତଃସ୍କୁଲ ଫୁଟ୍‌ବଲ**

# ଚାମ୍ପିଅନ ଦଳକୁ ମିଳିବ ଏକ ଲକ୍ଷ ଟଙ୍କା

ଭୁବନେଶ୍ୱର, ୬।୮ (ସମିସ): ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ୩୫ତମ ସଂସ୍କରଣ ଚଳିତ ମାସ ୮ରୁ ଆରମ୍ଭ ହେବ। ୟୁନିଟ-୧ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏଥର ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ। ମଦର୍ସ ପବ୍ଲିକ ସ୍କୁଲ ଓ ବିକାଶ ରେସିଡେନ୍ସିଆଲ ସ୍କୁଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଅନ୍ୟ ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲା ୟୁନିଟ-୩ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସାଇ ଇଣ୍ଟରନାସନାଲ, କିଟ, କିସ୍, ଓଡିଏମ ପବ୍ଲିକ ସ୍କୁଲ, ଓଡିଏମ ଗ୍ଲୋବାଲ, ବିଜେଇଏମ, ବିକାଶ ଗ୍ଲୋବାଲ ସ୍କୁଲ, ତପୋବନ ହାଇସ୍କୁଲ, ଲୟଲା ଓଡିଆ ମାଧ୍ୟମ ବିଦ୍ୟାଳୟ, ଡିଏଭି ପୋଖରୀପୁଟ, ପଳାଶୁଣି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ। ନାରାୟଣ ଆବାସିକ ବିଦ୍ୟାଳୟ ଚଳିତ ବର୍ଷ ନୂତନ ଦଳ ଭାବେ ଅଂଶଗ୍ରହଣ କରିବ। ସେହିଭଳି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସମ୍ପାଦକ ଦିଲୀପ କୁମାର ଦାସ ସୂଚନା ଦେଇଛନ୍ତି।

# ପାରା କ୍ରୀଡ଼ାବିତ୍ ଗୌତମ ସାଜିଛନ୍ତି ସ୍ୱାବଲମ୍ବନର ଉଦାହରଣ

ଭୁବନେଶ୍ୱର, ୬।୮ (ସମିସ)



୧୫ ବର୍ଷ ବୟସରେ ସ୍କୁଲ କ୍ରିକେଟ୍ ମ୍ୟାଚ୍ ଖେଳୁଥିବାବେଳେ ୨୦୧୪ରେ ଅପ୍ରତ୍ୟାଶିତ ଭାବରେ ଜୀବନ ବଦଳି ଯାଇଥିଲା। ମେରୁଦଣ୍ଡରେ ଆଘାତ ଲାଗିବାରୁ ଆଂଶିକ ଭାବେ ପାରାଲାଇଜ ହୋଇଯାଇଥିଲେ। କିନ୍ତୁ ଏହି ଆଘାତରେ ଭାଙ୍ଗି ଯାଇ ନ ଥିଲେ। ଦୃଢ଼ ଇଚ୍ଛାଶକ୍ତି ବଳରେ ତାଙ୍କର କ୍ରୀଡ଼ା ଯାତ୍ରାକୁ ଆଗକୁ ବଢ଼ାଇ ଆଜି ଗୋଟିଏ ପରେ ଗୋଟିଏ ଏକାଧିକ ସଫଳତାର ପାହାଚ ଚଢ଼ି ଆଗକୁ ବଢ଼ିଛନ୍ତି। ସେ ହେଉଛନ୍ତି ପାରା କ୍ରୀଡ଼ାବିତ୍ ଗୌତମ ସିଂ। ୨୦୨୪ରେ ପାରା ହ୍ୱିଲ ଚେୟାର ରଗବୀରେ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ଦଳରେ ଗୌତମ ପ୍ରମୁଖ ସଦସ୍ୟ ରହିଥିଲେ। ଫଳରେ ତାଙ୍କୁ ଜାତୀୟ କ୍ୟାମ୍ପରେ ସୁଯୋଗ ମିଳିଥିଲା। ସେହିଭଳି ଗତବର୍ଷ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ଗୌତମ ଟେବୁଲ ଟେନିସରେ କାଂସ୍ୟ ପଦକ ବିଜୟୀ ହୋଇôଥଲେ। ଏହି ସଫଳତା ପାଇବାରେ ସେ ରାଜ୍ୟର ପ୍ରଥମ ପାରା କ୍ରୀଡ଼ାବିତ୍ ହୋଇଥିଲେ। ଏକାଧିକ ସଫଳତା ସତ୍ତ୍ୱେ ଗୌତମ ନିଜେ ସ୍ୱାଧୀନ ଭାବରେ ରୋଜଗାର କରି ଆଜି ସ୍ୱାବଲମ୍ବନର ଉଦାହରଣ ସାଜିଛନ୍ତି। ଗତ କିଛି ବର୍ଷ ଧରି ସେ ଜୋମାଟୋ ଡେଲିଭରୀ ପାର୍ଟନର ଭାବେ କାମ କରି ରୋଜଗାର କରୁଛନ୍ତି। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଗୌତମ ଡେଲିଭରୀ କାମ କରୁଛନ୍ତି। ଏଥିରୁ ରୋଜଗାର ହେଉଥିବା ଅର୍ଥରେ ପରିବାରର ଦୈନନ୍ଦିନ ଖର୍ଚ୍ଚ ଉଠାଇବା ସହିତ ତାଲିମ ଲାଗି ମଧ୍ୟ ବିନିଯୋଗ କରୁଛନ୍ତି। ଜୀବନ ଯାତ୍ରାରେ କ୍ରୀଡ଼ା ସହ ସ୍ୱାବଲମ୍ବନ ଲାଗି ଗୌତମଙ୍କ ଏହି ଅନନ୍ୟ ସଂଘର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

# ମେସିଙ୍କ ଡବଲ୍ ଗୋଲ୍‌ରେ ଜିତିଲା ଇଣ୍ଟର ମିଆମି

ମିଆମି,୬।୮ (ଏଜେନ୍ସି): ଏଠାରେ ଚାଲିଥିବା ଲିଗ୍ କପ୍‌ରେ ସୁପରଷ୍ଟାର ଲିଓନେଲ ମେସିଙ୍କ ଟିମ୍ ଇଣ୍ଟର ମିଆମି ୪-୨ ଗୋଲରେ ଆଟଲେଟିକୋ ସାନ ଲୁଇସକୁ ପରାସ୍ତ କରିଛି। ବିଶ୍ୱକପ୍ ପରେ ମେସି ଫୁଟବଲ ଖେଳିଥିଲେ ମଧ ଏହି ମ୍ୟାଚ୍‌ରେ ପ୍ରଥମଥର ଗୋଲ ସ୍କୋର କରିଥିଲେ। ସେ ଖେଳର ୧୪ତମ ଓ ୪୪ତମ ମିନିଟ୍‌ରେ ୨ଟି ଗୋଲ ଦେବାରେ ସଫଳ ହୋଇଥିଲେ। ଫଳରେ ୧୨ଟି ଲିଗ୍ କପ୍ ମ୍ୟାଚରେ ଏହା ତାଙ୍କର ୧୪ତମ ଗୋଲ୍ ଥିଲା। ଗତ ୪ ବର୍ଷରେ ଏହା ସର୍ବାଧିକ। ତାଙ୍କ ପଛକୁ ଲସ୍ ଏଞ୍ଜେଲ୍ସ ଏଫ୍‌ସିର ଡେନିସ ବୌଙ୍ଗା ୧୩ଟି ଗୋଲ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ ନିକଟରୁ ହାରି ମେସିଙ୍କ ଦଳ ଆର୍ଜେଣ୍ଟିନା ରନର୍ସଅପ୍ ହୋଇଥିଲା।



**ଜାତୀୟ ଜୁନିଅର ପୁରୁଷ ହକି**

# ପଞ୍ଜାବକୁ ହରାଇ ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର, ୬।୮ (ସମିସ)

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ହାଇସ୍କୋରିଂ ସେମିଫାଇନାଲ ମୁକାବିଲାରେ ଓଡ଼ିଶା ୬-୪ ଗୋଲ୍‌ରେ ଟାଇଟଲ୍ ଦାବିଦାର ପଞ୍ଜାବକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ବିଲ୍‌କାନ ଓରାମ ଚମତ୍କାର ପ୍ରଦର୍ଶନ କରି ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ସେ ମ୍ୟାଚର ୨୮ତମ, ୪୧ତମ ଓ ୫୨ତମ ମିନିଟରେ ଏହି ୩ଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ କୁଜୁର (୧୧ତମ ମିନିଟ), ଦୀପକ ପ୍ରଧାନ (୩୬ତମ) ଓ ଅମିତ କିରୋ (୫୯ତମ)ଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଅପରପକ୍ଷରେ ପ୍ରଥମ ୮ ମିନିଟରେ ଦୁଇଟି ଗୋଲ୍ ଦେଇ ଅଗ୍ରଣୀ ରହିଥିବା ପଞ୍ଜାବକୁ ଶେଷରେ ପରାଜୟବରଣ କରିବାକୁ ପଡ଼ିଥିଲା। ଶୁକ୍ରବାର ଟାଇଟଲ୍ ମୁକାବିଲାରରେ ମଧ୍ୟପ୍ରଦେଶକୁ ଭେଟିବ ଓଡ଼ିଶା। ଅନ୍ୟ ସେମିଫାଇନାଲରେ ମଧ୍ୟପ୍ରଦେଶ ଦଳ ୨-୦ ଗୋଲ୍‌ରେ ଝାଡ଼ଖଣ୍ଡକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚର ଶେଷ ୪ ମିନିଟରେ ଦୁଇଟି ଗୋଲ୍ ଦେଇ ମଧ୍ୟପ୍ରଦେଶ ମ୍ୟାଚକୁ ହାତେଇ ନେଇଥିଲା। ଅପରପକ୍ଷରେ ସେମିଫାଇନାଲରେ ଦୁଇ ପରାଜିତ ଦଳ ପଞ୍ଜାବ ଓ ଝାଡ଼ଖଣ୍ଡ ମଧ୍ୟରେ ମଧ୍ୟ ଶୁକ୍ରବାର କାଂସ୍ୟ ପଦକ ଲାଗି ଲଢ଼େଇ ହେବ।

**■ ଏସିଆ କପ୍ କନିଷ୍ଠ ମହିଳା ହକି**

# ଭାରତୀୟ ଦଳରେ ୪ ଓଡ଼ିଆ

କଲମ୍ବୋ,୬।୮ (ଏଜେନ୍ସି): ଚୀନ୍‌ର ମୋକିଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖଯାଏ ଏସିଆ କପ୍ କନିଷ୍ଠ ମହିଳା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି କାଇଦେମ ଏସ୍ ଚାନୁଙ୍କ ନେତୃତ୍ୱରେ ଗୁରୁବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲରକ୍ଷକ ଆଞ୍ଜେଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ସୁପ୍ରିୟା ଓ ମିଡ୍‌ଫିଲ୍ଡର ତନୁଜା ଟପ୍ପୋ। ଟିମ୍ ହ୍ୱାଇଟ୍‌ଙ୍କ ପ୍ରଶିକ୍ଷଣରେ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦଳ ୟୁରୋପ ଗସ୍ତରେ ଯାଇ ଇଂଲଣ୍ଡ, ସ୍କଟଲାଣ୍ଡ, ବେଲଜିୟମ୍ ଓ ଆମେରିକା ସହ ୭ଟି ଅଭ୍ୟାସ ମ୍ୟାଚ୍ ଖେଳି ବେଶ ଅଭିଜ୍ଞତା ହାସଲ କରିଛି।

**ଚେସ୍ ଅଲିମ୍ପିଆଡ୍ ସେପ୍ଟେମ୍ବର ୧୫ରୁ**

# ଭାରତ ମହିଳା ଟପ୍, ପୁରୁଷ ଦ୍ୱିତୀୟ ସିଡ୍

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଚେସ୍ ଖେଳର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଚେସ୍ ଅଲିମ୍ପିଆଡ ଚଳିତବର୍ଷ ସମରକନ୍ଦରେ ସେପ୍ଟେମ୍ବର ୧୫ରୁ ୨୮ ଯାଏ ଖେଳାଯିବ। ଏହି ପ୍ରତିଯୋଗିତାର ଉଭୟ ବିଭାଗରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଏଥର ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ନେଇ ପୁରୁଷ ବିଭାଗରେ ଆମେରିକା ଟପ୍ ଓ ଭାରତ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। କିନ୍ତୁ ମହିଳା ଦଳକୁ ଟପ୍ ସିଡ୍ ମିଳିଛି। ମହିଳା ଦଳରେ କୋନେରୁ ହମ୍ପି, ଦିବ୍ୟା ଦେଶମୁଖ, ଆର୍ ବୈଶାଳୀ, ଭଂଟିକା ଅଗରୱାଲଓ ବି. ସବିତା ଶ୍ରୀ ଖେଳିବେ। ମହିଳାମାନେ ଖେଳିପାରୁଥିବା ଓପନ (ପୁରୁଷ) ବିଭାଗରେ ଡି ଗୁକେଶ, ଆର୍. ପ୍ରଜ୍ଞାନନ୍ଦ, ଅର୍ଜୁନ ଏରିଗାଏସି, ନିହାଲ ସରିନ୍ ଓ ବିଦିଥ ଗୁଜରାଟୀ ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବେ। ଗତଥର ଖେଳିଥିବା ଡି ହାରିକା, ତାନିଆ ସଚଦେବା ଓ ପୁରୁଷ ବିଭାଗରେ ପି ହରିକ୍ରିଷ୍ଣାଙ୍କୁ ଏଥର ସ୍ଥାନ ମିଳିନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS